R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୨୩
ତିଥି : ଅଷ୍ଟମୀ
୨୧ ମେ' ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 223
21 May 2025, Wednesday
Bhubaneswar
Price: 5.00

Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

GROWTH DEEPLY ROOTED | FALCON AGRIFRIZ FOODS

## A New Chapter in India's Frozen Food Future Begins!

**Falcon Agrifriz** proudly launches the nation's largest frozen potato processing facility in Mehsana, Gujarat. The facility was inaugurated by the Hon'ble Home Minister and Minister of Cooperation, Government of India, **Shri Amit Shah,** alongside **Shri Balvantsinh Rajput,** Hon'ble Cabinet Minister of Industries, Government of Gujarat, **Shri Haribhai Patel,** Hon'ble Member of Parliament, Mehsana Constituency; Shri Tara Patnaik, Chairman of Falcon Group, along with Shri J. N. Patnaik, Shri Prava Patnaik, and Shri Parthajeet Patnaik, Directors of the Falcon Agrifriz.

### Rooted in Gujarat, Ready for the World.















FALCON AGRIFRIZ FOODS (A PART OF FALCON GROUP)

**FALCON AGRIFRIZ FOODS PVT. LTD.**

Registered Office: A/22, Falcon House, 1st Floor, Cuttack Road, Bhubaneswar-751006, Odisha, India
Corporate Office: 6th Floor, Shivarth The ACE, Sindhu Bhavan Road, Bodakdev, Ahmedabad-380054, Gujarat, India
Production Unit: Survey No. 740, Village-Sadra, Taluka-Kadi, District: Mehsana-382716, Gujarat, India
E-mail: info@falconagrifriz.com | Website: www.just-crave.com



ଖରାଦିନେ ସାଧାରଣତଃ ଝାଳ ବୋହିଲେ ଆମକୁ ବିରକ୍ତ ଲାଗିଥାଏ । ହେଲେ ଖରା ଦିନେ ଝାଳ ବୋହିବାର ଆବଶ୍ୟକତା ଖୁବ ଅଧିକ ରହିଥାଏ । ଝାଳ ଆମ ଶରୀରକୁ ପ୍ରାକୃତିକ ଉପାୟରେ ଥଣ୍ଡା ରଖିବା ପାଇଁ ଖୁବ ଦରକାରୀ ହୋଇଥାଏ । ଝାଳ ନବୋହିବା ଦ୍ୱାରା ହିଟ୍ ଏଗ୍‌ଜସନ୍ ଓ ହିଟ ଷ୍ଟ୍ରୋକ ବା ଗରମ କ୍ଲାନ୍ତ ଭଳି ସମସ୍ୟା ଦେଖାଯିବାର ଆଶଙ୍କା ବଢିଥାଏ । ଯେତେବେଳେ ଶରୀର ନିଜକୁ ପ୍ରାକୃତିକ ଉପାୟରେ ଥଣ୍ଡା କରିପାରେ ନାହିଁ ସେହି ସମୟରେ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ଯଦି ଗରମ ହେବାର ୩୦ ମିନିଟ୍ ଭିତରେ ଶରୀର ନିଜକୁ ଥଣ୍ଡା ନକରିପାରେ ତେବେ ହିଟ୍ ଏଗ୍‌ଜସନ୍ ବା ଗରମ କ୍ଲାନ୍ତ ସମସ୍ୟା ହୋଇଥାଏ । ତେବେ ଏହା ବେଳେବେଳେ ଗମ୍ଭୀର ସମସ୍ୟାରେ ପରିଣତ ହୋଇଥାଏ, ଯାହାର ତୁରନ୍ତ ଚିକିତ୍ସା ଆବଶ୍ୟକ ହୋଇଥାଏ । ତେବେ ଏହାର ଲକ୍ଷଣ ଚିହ୍ନି ଏହାର ତୁରନ୍ତ ଚିକିତ୍ସା କରିବା ଜରୁରୀ ହୋଇଥାଏ ।

## ଗରମ କ୍ଲାନ୍ତ



### ଲକ୍ଷଣ

- ଶରୀର ତାପମାତ୍ରା ୧୦୪ ଡିଗ୍ରୀ ଫାରେନ୍‌ହିଟ୍‌ରୁ ଅଧିକ ରହିବା ।
- ଭ୍ରମ ବା ବିଚଳିତ ଲାଗିବା ।
- ଚେତା ଶୂନ୍ୟ ।
- ଗରମ ଲାଗୁଥିଲେ ମଧ୍ୟ ଝାଳ ନବାହାରିବା ।
- ନିଃଶ୍ୱାସ ନେବାରେ ସମସ୍ୟା ।
- ପଲ୍ସ ରେଟ୍ ବଢିଯିବା ।
- ବାନ୍ତି ହେବା ।

### ଟିପ୍ସ

ଏଥିରୁ ବଞ୍ଚିବା ପାଇଁ ଏହାର ଲକ୍ଷଣ ଜାଣିବାର ଯେତିକି ଆବଶ୍ୟକତା ରହିଛି । ସେହିଭଳି କିଛି ଟିପ୍ସ ରହିଛି ଯାହାକୁ ଅନୁକରଣ କରିବା ଦ୍ୱାରା ଆମେ ଏହାକୁ ହେବାରୁ ରୋକି ପାରିବା ।

- ସବୁବେଳେ ନିଜକୁ ହାଇଡ୍ରେଟ ରଖନ୍ତୁ । କିଛି ସମୟ ବ୍ୟବଧାନରେ ପାଣି ପିଅନ୍ତୁ । ପାଣି ସହିତ ପଇଡ, ଘୋଳ ଦହି, ଓଆର୍‌ଏସ୍ ଆଦି ନିୟମିତ ପିଅନ୍ତୁ ।
- ନିଶା ଦ୍ରବ୍ୟ ଠାରୁ ଦୂରରେ ରୁହନ୍ତୁ ।
- ଟାଣ ଖରା ସମୟରେ ଛାଇରେ ରୁହନ୍ତୁ । ସେଭଳି ଦରକାରୀ କାମ ନଥିଲେ ଘରୁ ବାହାରନ୍ତୁ ନାହିଁ । ଘରୁ ବାହାରିବା ସମୟରେ ସାଙ୍ଗରେ ଛତା, ପାଣି ବୋତଲ, ଗାମୁଛା ନିଅନ୍ତୁ ।
- ଘରୁ ବାହାରିବା ସମୟରେ ସନ୍‌ସ୍କ୍ରିନ ଓ ଚଷମା ପିନ୍ଧିବାକୁ ଭୁଲନ୍ତୁ ନାହିଁ ।
- ହାଲୁକା ପୋଷାକ ପିନ୍ଧନ୍ତୁ ଯେପରି ଶରୀର ପ୍ରାକୃତିକ ଉପାୟରେ ଥଣ୍ଡା ରହିବ ।
- ଦିନକୁ ଥଣ୍ଡା ପାଣିରେ ଦୁଇ ଥର ଗାଧାନ୍ତୁ ।

## ସୋସିଆଲ କୋଟ୍ସ



"ମୁଁ ଜଣେ ଅଭିନେତ୍ରୀ ସହିତ ଭଏସ୍ ଓଭର ଆର୍ଟିଷ୍ଟ । ମୋ ପାଖରେ ଅନେକ ଅଭିଜ୍ଞତା ରହିଛି ହେଲେ ବର୍ତ୍ତମାନ ମୋ ପାଖରେ କୌଣସି କାମ ନାହିଁ । ଯେ କୌଣସି କାମ ମିଳିଲେ କରିବି, ଦୟାକରି ମୋତେ ସାହାଯ୍ୟ କରନ୍ତୁ ।

ଅଞ୍ଜିତ୍ କୌର, ଅଭିନେତ୍ରୀ



"ମୋର କରୋନା ପଜିଟିଭ୍ ବାହାରିଛି । ଆପଣମାନେ ସମସ୍ତେ ସୁରକ୍ଷିତ ରୁହନ୍ତୁ । ସବୁବେଳେ ମାସ୍କ ପିନ୍ଧନ୍ତୁ ଏବଂ ନିଜର ଯତ୍ନ ନିଅନ୍ତୁ ।

ଶିଲ୍ପା ଶିରୋଡକର, ଅଭିନେତ୍ରୀ



"ଜିୟା ଖାନ୍ ମରିବାର ମାସେ ପୂର୍ବରୁ ସୁରଜ ତାଙ୍କ ସହିତ ବ୍ରେକଅପ୍ କରିଥିଲେ । ଏହାସହ ଜିୟା ସାଉଥ ଫିଲ୍ମରୁ ରିଜେକ୍ଟ ହେବାପରେ ଖୁବ ବିଚଳିତ ରହୁଥିଲେ ।

ଜରୀନା ବହାବ, ଅଭିନେତ୍ରୀ



## ଅନ୍ତର୍ଜାତୀୟ ଚା' ଦିବସ

ଭାରତର ପାରମ୍ପରିକ ପାନୀୟ କହିଲେ ଚା'କୁ ବୁଝାଇଥାଏ । ବିବାହ ହେଉ କି କୌଣସି କାର୍ଯ୍ୟ ସବୁଥିରେ ଆଗ ଖୋଜା ପଡିଥାଏ ଚା । ଖରା ହେଉ କି ଶୀତ ଦିନକୁ ଦି ଥର ଚା ନପିଇଲେ ଏଭଳି ଅନେକ ଲୋକ ଅଛନ୍ତି ଯାହାଙ୍କର ମନ ଭରେନାହିଁ । ତେବେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ଏହି ପାନୀୟ ଖୁବ ଆଦର ରହିଛି । ପ୍ରତିବର୍ଷ ମେ'୨୧କୁ ଅନ୍ତର୍ଜାତୀୟ ଚା' ଦିବସ ଭାବେ ପାଳନ କରାଯାଇଥାଏ । ପ୍ରଥମ ଥର ପାଇଁ ୨୦୦୫ ମସିହାରେ ଦିଲ୍ଲୀରେ ଅନ୍ତର୍ଜାତୀୟ ଚା' ଦିବସ ପାଳନ କରାଯାଇଥାଏ । ଏହାପରେ ପ୍ରତିବର୍ଷ ଏହାକୁ ବିଭିନ୍ନ ଦେଶରେ ପାଳନ କରାଯାଉଛି । ଏହି ଦିନ ଚା' ପତି କିଭଳି ଅମଳ ହୋଇଥାଏ ଏବଂ ଚା'ର ଉପଯୋଗିତା ଏବଂ ଏହାକୁ ବେଶି ଖାଇଲେ କଣ କ୍ଷତି ହୋଇଥାଏ ସେ ସମ୍ପର୍କରେ ଅବଗତ କରାଯାଇଥାଏ । ଏହି ଦିବସରେ ଏହାକୁ ଅମଳ କରୁଥିବା ଚାଷୀଙ୍କ ସମ୍ପର୍କରେ ବିଶେଷ ଭାବେ ସମସ୍ତଙ୍କୁ ତଥ୍ୟ ଦିଆଯାଇଥାଏ ।



## ମୃତ୍ୟୁକୁ କରିହେବ ଅନୁଭବ

ମୃତ୍ୟୁ ପରେ କଣ ହୁଏ କିପରି ଲାଗେ ଏହା ଏକ ଏଭଳି ପ୍ରଶ୍ନ ଯାହାର ଉତ୍ତର କାହା ପାଖରେ ନାହିଁ । ତେବେ ବର୍ତ୍ତମାନ ଆମେରିକାର ଏକ କମ୍ପାନୀ ଚର୍ଚ୍ଚାର ପରିସରକୁ ଆସିଛି । ଏହି କମ୍ପାନୀ ଏଭଳି ଏକ ସୁଯୋଗ ମଣିଷଙ୍କୁ ପ୍ରଦାନ କରୁଥିବା ଜଣା ପଡିଛି । ଏହି ଭିଆର୍ ପ୍ରୋଗାମକୁ ଏମ୍ବୋଡେଡ୍ ଲାବ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଏହି ପ୍ରୋଗ୍ରାମ ସାହାଯ୍ୟରେ ଲୋକମାନେ ବୟସ ବୃଦ୍ଧି, ରୋଗ ଓ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ପାଇବା ସହ ଏହାର ଅନୁଭୂତି ମଧ୍ୟ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏହି ପ୍ରୋଗ୍ରାମକୁ ନେଇ ପରୀକ୍ଷଣ ମଧ୍ୟ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ଏହି ପ୍ରୋଗ୍ରାମକୁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ମଧ୍ୟ ବ୍ୟବହାର କରାଯାଉଛି । ଏହା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାହାଯ୍ୟ କରୁଥିବା ଜାଣି ହେଉଛି । ଏହି ପ୍ରୋଗ୍ରାମକୁ ପ୍ରଶିକ୍ଷିତ ଲୋକଙ୍କ ସାହାଯ୍ୟରେ କରାଯାଉଛି । ତେବେ ଏହା କିଭଳି କାର୍ଯ୍ୟ କରୁଛି ସେ ସମ୍ପର୍କିତ ବିଶେଷ ତଥ୍ୟ ନାହିଁ । ଏହାକୁ ନେଇ ଆହୁରି ଗବେଷଣା ଚାଲିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି ।

## ଇତିହାସ

୧୮୮୧– ୟୁଏସ୍ ନେସନ ଲନ୍ ଟେନିସ୍ ଆସୋସିଏସନ୍‌ର ପ୍ରତିଷ୍ଠା ।

୧୯୦୮– ଚିକାଗୋରେ ପ୍ରଥମ ହରର ଫିଲ୍ମର ପ୍ରଦର୍ଶନ ।

୧୯୩୧– ପ୍ରସିଦ୍ଧ ଭାରତୀୟ ବ୍ୟଙ୍ଗକାର ଶରଦ ଯୋଶୀଙ୍କ ଜନ୍ମ ।

୧୯୬୦– ସିନେ ଅଭିନେତା ମୋହନଲାଲ ବିଶ୍ୱନାଥଙ୍କର ଜନ୍ମ ।

୧୯୯୧– ଆତ୍ମଘାତୀ ଆକ୍ରମଣରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ନିଧନ ।

୨୦୦୬– ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରାଙ୍କ ଜନ୍ମ ।

୨୦୨୧– ଚିପ୍‌କୋ ଆନ୍ଦୋଳନର ମୁଖ୍ୟ ପୁରୋଧା ସୁନ୍ଦରଲାଲ ବହୁଗୁଣାଙ୍କ ବିୟୋଗ ।

## ମହାକାଶରେ କମ୍ପ୍ୟୁଟର



ଚୀନ ନିର୍ମାଣ କରୁଛି ବିଶ୍ୱର ପ୍ରଥମ ସୁପର କମ୍ପ୍ୟୁଟର ନେଟ୍‌ୱାର୍କ, ତାହା ପୁଣି ମହାକାଶରେ । ଏଥିପାଇଁ ପୂର୍ବ ସପ୍ତାହରେ ଚୀନ ପକ୍ଷରୁ ୧୨ ଏଆଇ ପାୱାର୍ଡ ଉପଗ୍ରହକୁ ମହାକାଶକୁ ଉତକ୍ଷେପଣ କରିଛି । ଏହି ପ୍ରୋଗ୍ରାମର ନାଁ ରହିଛି ଷ୍ଟାର କମ୍ପ୍ୟୁଟିଂ, ଯେଉଁଥିରେ ଏହି ନେଟୱାର୍କର ପ୍ରସ୍ତୁତ ହେବ । ଏଥିରେ ସାମିଲ ହୋଇଥିବା ୧୨ଟି ଯାକ ଉପଗ୍ରହ ପ୍ରତି ସେକେଣ୍ଡରେ ୭୪୪ ଟ୍ରିଲିଅନ ଅପରେସନ ପ୍ରୋସେସ କରିପାରିବ । ସେହିଭଳି ଏହାର ଟ୍ରାନ୍ସଫର ରେଟ୍ ୧୦୦ ଗିଗାବାଇଟ୍ ସେକେଣ୍ଡ ପ୍ରତି ରହିଛି । ଏହି ଉପଗ୍ରହ ଗୁଡିକୁ ନିର୍ମାଣ କରିବା ସମୟରେ ମହାକାଶ ଆଧାରିତ ଏଆଇ ମଡେଲ ବ୍ୟବହାର କରାଯାଇଛି । ଯେଉଁ ମଡେଲ ଦ୍ୱାରା ସିଧାସଳଖ ଅର୍ବିଟ୍‌ରେ ହିଁ ତଥ୍ୟକୁ ପ୍ରୋସେସିଂ କରିହେବ । ଏହାକୁ ମହାକାଶରେ ଉତ୍‌କ୍ଷେପଣ କରିବାରେ ଚୀନ ସଫଳ ହୋଇଛି ବୋଲି ଜଣା ପଡିଛି । ଏହା ପୃଥିବୀରେ ଥିବା ଯେ କୌଣସି ସୁପର କମ୍ପ୍ୟୁଟର ଠାରୁ ଖୁବ ଶକ୍ତିଶାଳୀ ବୋଲି ଚୀନ ପକ୍ଷରୁ ପ୍ରକାଶ କରାଯାଇଛି ।



## ବଢୁଛି ଶ୍ରଦ୍ଧାଙ୍କ ଡିମାଣ୍ଡ

ଫିଲ୍ମ ସ୍ତ୍ରୀ – ୨ର ସଫଳତା ପରେ ଅଭିନେତ୍ରୀ ଶଦ୍ଧା କପୁରଙ୍କ ଡିମାଣ୍ଡ ବଢି ଚାଲିଛି । ତେବେ ଏହି ସଫଳତା ପରେ ଶ୍ରଦ୍ଧା ଖୁବ ଭାବିଚିନ୍ତି ନିଜ ପ୍ରୋଜେକ୍ଟ ସାଇନ୍ କରୁଥିବା ଦେଖିବାକୁ ମିଳୁଛି । ସେ ବର୍ତ୍ତମାନ କାହାଣୀ ସହିତ ଆହୁରି ଅନେକ ବିଷୟରେ ତର୍ଜମା କରି ଫିଲ୍ମ ଅଫରକୁ ଗ୍ରହଣ କରୁଛନ୍ତି । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ଶ୍ରଦ୍ଧା କପୁର ନିକଟରେ ଏକତା କପୁରଙ୍କ ଫିଲ୍ମ ଅଫରକୁ ମନା କରିଛନ୍ତି । ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚା ଅନୁସାରେ ଶ୍ରଦ୍ଧା ଏହି ଫିଲ୍ମ ପାଇଁ ୧୭ କୋଟି ଟଙ୍କାର ଡିମାଣ୍ଡ କରିଥିଲେ । ହେଲେ ଏକତା ଏହି ଅର୍ଥ ପାଇଁ ରାଜି ନହେବାରୁ ଶ୍ରଦ୍ଧା ଏହି ପ୍ରୋଜେକ୍ଟରୁ ଓହରି ଯାଇଛନ୍ତି । ଏପଟେ କିନ୍ତୁ ଫିଲ୍ମର ନିର୍ଦ୍ଦେଶକ ରାହି ଅନିଲ ବର୍ବେ ଏକଥାକୁ ଖଣ୍ଡନ କରିଛନ୍ତି । ଶ୍ରଦ୍ଧା ସ୍ତ୍ରୀ ସିରିଜ୍ ସଫଳତା ପରେ ନିଜ ଫିସ୍ ବଢାଇଥିବା ଆଲୋଚନା ହେଉଛି ।

## ଫୋନ୍ ନିଶା କମାଇବାକୁ ଅଭିନବ ଉପାୟ



ସାଧାରଣତଃ ଫୋନ୍ ନିଶା କମାଇବାକୁ ବର୍ତ୍ତମାନ ସମସ୍ତେ ବିଭିନ୍ନ ଉପାୟ ଆପଣାଉଛନ୍ତି । କିଏ ଫୋନ୍‌ଠୁ ଦୂରେଇ ରହୁଥିବାବେଳେ କିଏ ନିଜକୁ ଭିନ୍ନ କାମରେ ବ୍ୟସ୍ତ ରଖୁଛି । ତେବେ ଏହି ତାଲିକାରେ ଅନେକ କଥା ସାମିଲ ରହିଛି । ସେହିମଧ୍ୟରୁ ଏକ ଉପାୟ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଆମେରିକା ବଜାରରେ ଏକ ଫୋନ୍ ଲଞ୍ଚ କରାଯାଇଛି ଯାହାର ନାଁ ରହିଛି ମେଟାଫୋନ୍ । ଏହି ଫୋନ୍‌ଟି ଏକ ଟ୍ରାନ୍ସପାରେଣ୍ଟ ଗ୍ଲାସ୍‌ରୁ ତିଆରି କରାଯାଇଛି । ଯେତେବେଳେ ବ୍ୟକ୍ତିଙ୍କୁ ଫୋନ୍ ଚଲାଇବାକୁ ଇଚ୍ଛା ହେବ ସେମାନେ ସତ ଫୋନ୍ ବଦଳରେ ଏହି ଫୋନ୍‌ର ବ୍ୟବହାର କରିପାରିବେ । ଯାହା ଫଳରେ କିଛି ସମୟ ପରେ ଏହାକୁ ସ୍କ୍ରୋଲ କରିବାକୁ ଆଉ ଇଚ୍ଛା ହେବ ନାହିଁ । ଏପରି କିଛି ଦିନ କରିବା ପରେ ଫୋନ୍ ସ୍କ୍ରୋଲ କରିବାର ଯେଉଁ ନିଶା ତାହା କମିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଏହି ଡିଭାଇସ୍‌ର ମୂଲ୍ୟ ରହିଛି ୨୦ ଡଲାର ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୨୩
ତିଥି : ଅଷ୍ଟମୀ
୨୧ ମେ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 223
21 May 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ବଦଳିବ କ୍ୟାବିନେଟ୍ ବୈଠକ ଢାଞ୍ଚା

ଭୁବନେଶ୍ୱର, ୨୦।୫ (ସବ୍ୟୁ): ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ପ୍ରଥମ ଥର ଲାଗି ବିଜେପି ସରକାର ଗଠନ ହେବା ପରେ ବର୍ଷପୂର୍ତ୍ତି ପୂର୍ବରୁ କ୍ୟାବିନେଟ୍‌ର ଢାଞ୍ଚା ବଦଳିଛି । ପୂର୍ବ ସରକାର ଅମଳରୁ ଚାଲିଆସିଥିବା କ୍ୟାବିନେଟ ବୈଠକ ଢାଞ୍ଚାକୁ ପରିବର୍ତ୍ତନ କରାଯାଇଛି । ରୁଲ୍ସ ଅଫ୍ ବିଜିନେସ୍‌ର ତୃତୀୟ ଖଣ୍ଡରେ ଥିବା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ସରକାର ସବୁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କ୍ୟାବିନେଟ ବୈଠକ ପାଇଁ ଅତିକମ୍‌ରେ ୫ ଦିନ ପୂର୍ବରୁ ନୋଟିସ ଦିଆଯିବ । ୩ କାର୍ଯ୍ୟଦିବସ ପୂର୍ବରୁ ମେମୋରେଣ୍ଡମକୁ ସଂସଦୀୟ ବ୍ୟାପାରକୁ ପଠାଯିବ । ବୈଠକର ଦୁଇଦିନ ପୂର୍ବରୁ ମନ୍ତ୍ରୀମାନଙ୍କ ନିକଟକୁ




କ୍ୟାବିନେଟ ଏଜେଣ୍ଡା ଦିଆଯିବ ।

ସଚିବମାନଙ୍କର ମନୋମୁଖୀ କାରବାର ଉପରେ ସରକାର ଏବେ ଏକରକମ୍ ରୋକ୍ ଲଗାଇଛନ୍ତି । ସଂସଦୀୟ ବ୍ୟାପାର ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ନିର୍ଦ୍ଦେଶନାମା ଜାରି କରି ସବୁ ବିଭାଗକୁ ଏଭଳି ସୂଚନା ଦେଇଛନ୍ତି । ନୂଆ ବ୍ୟବସ୍ଥା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ ବିଭାଗୀୟ କ୍ୟାବିନେଟ୍ ବସିପାରିବ ନାହିଁ । ଅନେକ ଦିନ ପୂର୍ବରୁ କ୍ୟାବିନେଟ୍ ତାରିଖ କିମ୍ବା ପ୍ରସ୍ତାବ ସ୍ଥିର ହେବ ନାହିଁ । ଆବଶ୍ୟକ ପଡ଼ିଲେ ସଚିବମାନେ କ୍ୟାବିନେଟ ବୈଠକରେ ଉପସ୍ଥିତ ରହିବେ । ନଚେତ୍ ଅପେକ୍ଷା ପ୍ରକୋଷ୍ଠରେ ବସି ରହିବେ । ବୈଠକରେ ସ୍ଥାନ ପାଇବାକୁ ଥିବା ପ୍ରସ୍ତାବଗୁଡ଼ିକ ସଂସଦୀୟ ବ୍ୟାପାର ବିଭାଗ ନିକଟରେ ଅନ୍ୟ ବିଭାଗମାନେ ଉପସ୍ଥାପନ କରିବେ । ଜରୁରୀ ପ୍ରସ୍ତାବ ଥିଲେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମତିରେ ନିର୍ଦ୍ଧାରିତ ସମୟ ସୀମା (୯ ପୃଷ୍ଠାରେ)

**୫ ଦିନ ପୂର୍ବରୁ ଧାର୍ଯ୍ୟ ହେବ ତାରିଖ**

**ପୂର୍ବ ସରକାରର ଧାରା ବଦଳିଲା**

**ସିଏସ୍, ଡିସିଙ୍କ ବ୍ୟତୀତ ଅନ୍ୟ ଅଧିକାରୀଙ୍କୁ ବୈଠକକୁ ମନା**

**ମନ୍ତ୍ରୀଙ୍କୁ ଦୁଇଦିନ ପୂର୍ବରୁ ଦିଆଯିବ କ୍ୟାବିନେଟ୍ ପ୍ରସ୍ତାବ**

**ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ ଧାର୍ଯ୍ୟ ହେବନି ଏଜେଣ୍ଡା**

### ବିଚାର ବିଭାଗୀୟ ସେବାରେ ନିଯୁକ୍ତି ନେଇ ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୩ ବର୍ଷ ଅଭିଜ୍ଞତା ଜରୁରୀ

ନୂଆଦିଲ୍ଲୀ, ୨୦।୫ : ଆଇନ୍‌ଜୀବୀମାନେ ବିଚାର ବିଭାଗୀୟ ସେବାରେ ପ୍ରବେଶ ଲାଗି ଅନ୍ୟୁନ୍ୟ ୩ ବର୍ଷ ଆଇନ୍‌ଜୀବୀ ଭାବେ ବୃତ୍ତିରେ ରହିଥିବା ବାଧ୍ୟତାମୂଳକ କରାଯାଇଛି । ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ବିଆର୍ ଗଭାଇ, ଜଷ୍ଟିସ୍ ଏଜି ମାସିସ୍ ଓ କେ ବିନୋଦ ଚନ୍ଦ୍ରନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ।



ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ସମସ୍ତ ହାଇକୋର୍ଟ ଓ ରାଜ୍ୟ ସରକାର ତଦନୁଯାୟୀ ଚାକିରି ନିୟମକୁ ସଂଶୋଧନ କରିବେ । ଯେଉଁ ପରୀକ୍ଷାର୍ଥୀମାନେ ସିଭିଲ୍ ଜଜ୍ (ଜୁନିଅର ଡିଭିଜନ) ନିଯୁକ୍ତି ପାଇଁ ପରୀକ୍ଷା ଦେବେ ସେମାନେ ସର୍ବନିମ୍ନ ୩ ବର୍ଷ ଅଦାଲତରେ ଆଇନ୍ ବୃତ୍ତି କରିଥିବେ । ତାହେଲେ ତାଙ୍କୁ ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ କରାଯିବ । ୩ ମାସ ମଧ୍ୟରେ ସମସ୍ତ ହାଇକୋର୍ଟ ଏହି ନିୟମକୁ ଲାଗୁ କରିବେ । ଯଦି ଦରକାର ପଡେ ରାଜ୍ୟ ସରକାର ମଧ୍ୟ ଏନେଇ ଅନୁମୋଦନ ଦେବେ । ଏହା ୩ ମାସ ମଧ୍ୟରେ ସରିବ । ବର୍ତ୍ତମାନ ବିଚାର ବିଭାଗୀୟ ସେବାରେ ନିଯୁକ୍ତି (୯ ପୃଷ୍ଠାରେ)

### ଗ୍ରୁପ୍ ଡି’ ବା ସି’ କର୍ମଚାରୀଙ୍କୁ ନିୟମିତ ନ କରିବା ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

# ୩୫ ବର୍ଷର କର୍ମଚାରୀ ସୀତାରାମ ହେବେ ନିୟମିତ

କଟକ, ୨୦।୫ (ସବ୍ୟୁ) : ସରକାର ବିଭିନ୍ନ ବିଭାଗରେ ଆଉଟ୍ ସୋର୍ସିଂ ହେଉ ବା ଠିକା କର୍ମଚାରୀମାନଙ୍କୁ ଗ୍ରୁପ୍ ଡି, ଏଂ ଗ୍ରୁପ୍ ସି ପଦବୀରେ ନିଯୁକ୍ତି ଦେଉଛନ୍ତି । କିନ୍ତୁ ଦୀର୍ଘ ବର୍ଷ କାମ କଲାପରେ ମଧ୍ୟ ସେମାନଙ୍କୁ ନିୟମିତ କରାଯାଉନାହିଁ । ସର୍ବୋଚ୍ଚ ଅଦାଲତଙ୍କ ‘ଉମାଦେବୀ’ ମାମଲାରେ ଦେଇଥିବା ରାୟ ଆଳରେ ରାଜ୍ୟ ସରକାର ଏହି କର୍ମଚାରୀଙ୍କ ଚାକିରି ନିୟମିତ ଦାବିକୁ ଅତି ସହଜରେ ଏଡ଼ାଇ ଦେଇପାରୁଛନ୍ତି । ଏପରିକି ଏହି ରାୟ ଆଳରେ ଠିକା କର୍ମଚାରୀଙ୍କ ଚାକିରି ନିୟମିତ ଦାବିକୁ ମଧ୍ୟ ଖାରଜ କରିବାକୁ ରାଜ୍ୟ ସରକାର ସକ୍ଷମ ହେଉଛନ୍ତି । ଏଭଳି ଜଣେ ଠିକା କର୍ମଚାରୀଙ୍କ ଆବେଦନ ମାମଲାର ଶୁଣାଣି ବେଳେ ହାଇକୋର୍ଟ ଉଦବେଗ ପ୍ରକାଶ କରିବା ସହ ୩୫ ବର୍ଷ ଠିକାରେ କାମ କରିଥିବା ସେହି କର୍ମଚାରୀଙ୍କୁ ନିୟମିତ କରିବାକୁ ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ହାଇକୋର୍ଟ ରାୟରେ କହିଛନ୍ତି ଯେ, ଯଦିଓ ଏହିଭଳି କର୍ମଚାରୀମାନେ ବେଆଇନ ଭାବେ ନିଯୁକ୍ତି ପାଇଛନ୍ତି ବୋଲି ଏକ ଆଳ ନିଆଯାଇଥାଏ କିନ୍ତୁ ଏଭଳି ବ୍ୟବସ୍ଥାକୁ ବନ୍ଦ ପାଇଁ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ନିଆଯାଉ ନାହିଁ । କାର୍ଯ୍ୟସ୍ଥଳୀରେ ଏହିଭଳି ବେଆଇନ ଏବଂ ଅନୈତିକ କାର୍ଯ୍ୟକୁ ସୁରକ୍ଷା ଦେବାପାଇଁ ରାଜ୍ୟ ସରକାର ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟର ବାହାନା ନେଉଛନ୍ତି । ଉମାଦେବୀ ରାୟକୁ ଭୁଲ୍ (୯ ପୃଷ୍ଠାରେ)

# ଫେରିଲା କୋଭିଡ୍

# ମୁମ୍ବାଇରେ ୨ ସଂକ୍ରମିତଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୦।୫ : କୋଭିଡର ନୂଆ ଲହର ଏସିଆ ମହାଦେଶର କିଛି ଦେଶ ସିଙ୍ଗାପୁର, ହଂକଙ୍ଗ ଓ ଥାଇଲାଣ୍ଡରେ ଏହା ଦେଖିବାକୁ ମିଳିଥିଲା । ତେବେ ଭାରତରେ ବର୍ତ୍ତମାନସୁଦ୍ଧା ୨୫୭ ସକ୍ରିୟ କୋଭିଡ ଆକ୍ରାନ୍ତ ଥିବା ଜଣାପଡିଛି ଓ ମୁମ୍ବାଇରେ କୋଭଡ ଆକ୍ରାନ୍ତ ହୋଇ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ବିଶେଷକରି କୋଭିଡର ଉପପ୍ରଜାତି ଜେଏନ୍.୧ର ପ୍ରଭାବ ଏବେ ଦେଖିବାକୁ ମିଳିଛି । ତେବେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ସାମାନ୍ୟ ଲକ୍ଷଣ ରହିଛି । ତେବେ ସେମାନଙ୍କର ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକ ନାହିଁ । କେରଳରେ ସର୍ବାଧିକ ୬୯ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମହାରାଷ୍ଟ୍ରରେ ୪୪, ତାମିଲନାଡୁରେ ୩୪, କର୍ଣ୍ଣାଟକରେ ୮, ଗୁଜରାଟରେ ୬ ଓ ଦିଲ୍ଲୀରେ ୩ ଏବଂ ହରିୟାଣା, ରାଜସ୍ଥାନ ଓ ସିକିମ୍‌ରେ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।



ମୁମ୍ବାଇରେ ନିକଟରେ ଦୁଇ ଜଣଙ୍କର ମୃତକ କୋଭିଡ ଆକ୍ରାନ୍ତ ଥିବା ଜଣାପଡିଛି । କିଙ୍ଗ ଏଡୱୋର୍ଡ୍ ମେମୋରିଆଲ ହସ୍ପିଟାଲରେ ଏହି ମୃତ୍ୟୁ ହୋଇଛି । ତେବେ ଦୁଇ ଜଣଙ୍କ ମଧ୍ୟରୁ ଜଣେ କିଡ୍‌ନୀ ରୋଗୀ ଥିବାବେଳେ ଅନ୍ୟଜଣେ କ୍ୟାନ୍ସର ରୋଗୀ ବୋଲି ଜଣାପଡିଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ ଭାରତରେ ଏବେ ଏହା ଚିନ୍ତାଜନକ ସ୍ଥିତିରେ ପହଞ୍ଚିନାହିଁ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମେ’ ୧୯ରେ ୯୩ ସକ୍ରିୟ ସଂକ୍ରମିତ ଥିବା କୁହାଯାଉଥିଲା । ବର୍ତ୍ତମାନ ଲକ୍ଷଣ (୯ ପୃଷ୍ଠାରେ)

**ଦେଶରେ ୨୫୭ ସଂକ୍ରମିତ**

# ପାକିସ୍ତାନରେ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରୁଛି ଚୀନ୍



ବେଜିଂ, ୨୦।୫ : ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିବା ପରେ ଚୀନ୍ ପାକିସ୍ତାନରେ ମୋହନଦ ଜଳବିଦ୍ୟୁତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବ । ଏହି ଡ୍ୟାମ୍ ୮୦୦ ମେଗାୱାଟ୍ ଉତ୍ପାଦନ କରିବ ଏବଂ ପ୍ରତିଦିନ ୩୦୦ ନିୟୁତ ଗ୍ୟାଲନ ଯୋଗାଣ କରିବ । ପାକିସ୍ତାନର ଏକ ୱେବସାଇଟ୍‌ରୁ ଉଠାଯାଇଥିବା ଫଟୋରୁ ଦେଖିବାକୁ ମିଳିଛି ଯେ ଖୈବର ପଖତୁନଖ୍ୱା ପ୍ରଦେଶରେ ମୋହନଦ ଜଳବିଦ୍ୟୁତ ପ୍ରକଳ୍ପରେ ଶ୍ରମିକମାନେ କାମ କରୁଥିବାର ଦେଖାଯାଉଛି ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୧୯୬୦ ସିନ୍ଧୁ ଜଳ ଚୁକ୍ତି କୁ ସ୍ଥଗିତ ରଖିବା ପରେ ପାକିସ୍ତାନ କୃଷି ଏବଂ ଶିଳ୍ପ କ୍ଷେତ୍ରରେ ସଂଘର୍ଷର ସମ୍ମୁଖୀନ ହେଉଥିବାରୁ ଚୀନ୍ କହିଛି ଯେ ଏହା ପାକିସ୍ତାନରେ ଏକ ଫ୍ଲାଗସିପ୍ ଡ୍ୟାମ୍ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବ । ୨୦୧୯ରୁ ଉତ୍ତର-ପଶ୍ଚିମ ପାକିସ୍ତାନର (୯ ପୃଷ୍ଠାରେ)

# ଜୁଲାଇ ୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

କଟକ, ୨୦।୫ (ସବ୍ୟୁ) : ଚଳିତବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୧ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ଗୋଟିଏ ସିଟିଂ ଏବଂ ସମାନ ପ୍ରଶ୍ନପତ୍ରରେ ହେବ । ପ୍ରତ୍ୟେକ ପରୀକ୍ଷା ସକାଳ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ଚାଲିବଛ କେବଳ ଗଣିତ ପରୀକ୍ଷାରେ ବିଦ୍ୟାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଜୁଲାଇ ୧ରେ ପ୍ରଥମ ଭାଷା, ଜୁଲାଇ ୨ରେ ସାମାଜିକ ବିଜ୍ଞାନ, ଜୁଲାଇ ୪ରେ ଗଣିତ, ଜୁଲାଇ ୭ରେ ଦ୍ୱିତୀୟ ଭାଷା (ଇଂରାଜୀ), ଜୁଲାଇ ୯ରେ ବିଜ୍ଞାନ, ଜୁଲାଇ ୧୦ରେ ତୃତୀୟ ଭାଷା ପରୀକ୍ଷା ଅନୁଷ୍ଠିତ ହେବ । ସମସ୍ତ ବିଷୟରେ ୫୦ମାର୍କର ସବ୍‌ଜେକ୍‌ଟିଭ୍ ଓ ୫୦ ମାର୍କର ଅବଜେକ୍ଟିଭ ପ୍ରଶ୍ନ ରହିବ । ସେହିପରି ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ (ଦ୍ୱତୀୟ) ପରୀକ୍ଷା ଜୁନ୍ ୩୦ରୁ ଆରମ୍ଭ ହୋଇ ଜୁଲାଇ ୧୦ରେ ଶେଷ ହେବା ନେଇ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

# ଆଜି ପ୍ରକାଶ ପାଇବ ଯୁକ୍ତ ୨ ଫଳାଫଳ

ଭୁବନେଶ୍ୱର, ୨୦।୫ (ସବ୍ୟୁ) : ଯୁକ୍ତ ୨ ପରୀକ୍ଷା ଫଳ ଆସନ୍ତାକାଲି(ବୁଧବାର) ପ୍ରକାଶ ପାଇବ । ବୁଧବାର ଅପରାହ୍ଣ ୪ଟାରେ ପ୍ରକାଶ ପାଇବ । ଏକକାଳୀନ କଳା, ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷା ଫଳ-୨୦୨୫ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ)ପକ୍ଷରୁ କୁହାଯାଇଛି ।

ଯୁକ୍ତ ୨ ପରୀକ୍ଷା ପ୍ରକାଶନ ନେଇ ସିଏଚ୍‌ଏସ୍‌ଇ (୯ ପୃଷ୍ଠାରେ)

## ଜୁନ ୧ ଯାଏଁ ବଢିଲା ଯୁକ୍ତ ୩ ନାମଲେଖା ଅବଧି

ଭୁବନେଶ୍ୱର, ୨୦।୫ (ସବ୍ୟୁ): ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ନାତକ ପାଠ୍ୟକ୍ରମରେ ନାମ ଲେଖା ପାଇଁ ରହିଥିବା ପୂରଣ ପ୍ରକ୍ରିୟାର ଅବଧି ବୃଦ୍ଧି କରାଯାଇଛି । ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବଢ଼ିଲା । ଜୁନ ୧ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଆବେଦନ କରିପାରିବେ ଛାତ୍ରଛାତ୍ରୀ। ଯୁକ୍ତ ୩ ନାମଲେଖା ପାଇଁ ଆବେଦନ କରିବା ଲାଗି ଆଜି(ମଙ୍ଗଳବାର) ଶେଷ ତାରିଖ ଥିଲା । ଯୁକ୍ତ ଦୁଇ ରେଜଲ୍ଟ ବାହାରି ନଥିବାରୁ ପିଲାମାନେ ଯୁକ୍ତ ୩ ପାଇଁ ଆବେଦନ କରି ପାରିନାହାନ୍ତି । ଏଣୁ ଅନେକ ଅଭିଯୋଗ ମଧ୍ୟ ଆସୁଥିଲା । ଯାହାକୁ ନେଇ ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଶେଷରେ ଅବଧି ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଥିଲା ।

# ପାକ୍ ସହ ଛୋଟ ଯୁଦ୍ଧ ହୋଇଛି : ଖଡ୍‌ଗେ

ନୂଆଦିଲ୍ଲୀ, ୨୦।୫ : ସରକାର ପାକିସ୍ତାନ ବିରୋଧରେ ଏକ ଛୋଟ ଯୁଦ୍ଧ କରିଛନ୍ତି । ଅପରେସ୍ ସିନ୍ଦୁର ସମ୍ପର୍କରେ ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ କର୍ଣ୍ଣାଟକରେ ହେଉଥିବା ସମର୍ପଣ ସଂକଳ୍ପ ରାଲିରେ ଏଭଳି ମତ ରଖିଛନ୍ତି । ସେ ଅଭିଯୋଗ ଆଣିଛନ୍ତି ଯେ ଗୁଇନ୍ଦା ସୂଚନା ଆଧାରରେ ପ୍ରଧାନମନ୍ତ୍ରୀ ତାଙ୍କ ଜମ୍ମୁ-କାଶ୍ମୀର ଗସ୍ତକୁ ବାତିଲ କରିଥିଲେ । ମାତ୍ର ଏହାର ୩ ଦିନ ପରେ ପହଲଗାମ୍‌ରେ ଆକ୍ରମଣ ହେଲା । ସରକାର କେବଳ ପାକ୍ ବିରୋଧରେ ଏକ ଛୋଟ ଯୁଦ୍ଧ କରିଛନ୍ତି ବୋଲି ସେ କହିଛନ୍ତି ।



ଖଡ୍‌ଗେ କହିଛନ୍ତି ଯେ କେନ୍ଦ୍ର ସରକାର ପହଲଗାମ୍‌ରେ ହୋଇଥିବା ଆତଙ୍କୀ ଆକ୍ରମଣରେ ୨୬ ନିର୍ଦ୍ଦେଶ ଲୋକଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହେଲେନାହିଁ । ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କର ଏପ୍ରିଲ ୧୭ରେ କାଶ୍ମୀର ଗସ୍ତ ସ୍ଥିର ହୋଇଥିଲା । ତେବେ ଗୁଇନ୍ଦା ସୂଚନା ଆଧାରରେ ତାଙ୍କୁ ସେଠାକୁ ନ ଯିବାକୁ ବାରଣ କରାଯାଇଥିଲା । ଗୁଇନ୍ଦା ସୂଚନା ଅନୁଯାୟୀ ସେଠାରେ ବଡ ଧରଣର ହିଂସାର ସମ୍ଭାବନା ଥିଲା । ଆମେ ପଚାରିବାକୁ ଚାହୁଁ ଯେ ସରକାର ଏହାକୁ କାହିଁକି ଗୁରୁତ୍ୱ ଦେଲେନାହିଁ । ଏ ସମ୍ପର୍କରେ ଲୋକଙ୍କୁ କାହିଁକି ସୂଚନା ଦିଆଗଲାନାହିଁ । ଯଦି ପୂର୍ବରୁ ସତର୍କତା ଅବଲମ୍ବନ କରାଯାଇଥାନ୍ତା ତେବେ ୨୬ ଜଣଙ୍କ ଜୀବନ ବଞ୍ଚିଯାଇଥାନ୍ତା । ଏବେ ଗୋଟେ ଛୋଟ ଯୁଦ୍ଧ ଏହାପରେ କରାଯାଇଛି । ପାକିସ୍ତାନ ବିଶ୍ୱସ୍ତରରେ ଭାରତକୁ ସବୁ କ୍ଷେତ୍ରରେ ତଲୁଆ କରିବାରେ ଲାଗିଛି । ଚୀନ୍‌ର ସମର୍ଥନ ନେବାକୁ ସେ ସଫଳ ହୋଇଥିଲା । ବିଦେଶକୁ ବହୁଦଳୟ ପ୍ରତିନିଧି ଯିବା ଉପରେ ଖଡ୍‌ଗେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ପ୍ରତିନିଧି ଯିବେ ବୋଲି ଘୋଷଣା କଲେ । ମାତ୍ର ଆମସହ ପରାମର୍ଶ କଲେନାହିଁ । ଆମେ ଏଥିରେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଆପତ୍ତି ଉଠାଉନାହୁଁ । ଆମର ପ୍ରତିନିଧି ଏବେ ଅନ୍ୟ ଦେଶକୁ ଯିବେ । ଆମର ପ୍ରାଥମିକତା ହେଉଛି ଦେଶକୁ ସୁରକ୍ଷା ଦେବା । ଏଥିରୁ ରାଜନୈତିକ ଫାଇଦା ନେବା ଆମର ଉଦ୍ଦେଶ୍ୟ ନୁହେଁ । ପ୍ରଧାନମନ୍ତ୍ରୀ ବିହାରରେ ରାଜନୈତିକ ସଭା କଲେ । କିନ୍ତୁ ସର୍ବଦଳୀୟ ବୈଠକକୁ ଆସିଲେନାହିଁ । ୨୬ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ ସେ ବିହାରରେ ରାଲି କରିବାକୁ ବ୍ୟସ୍ତ ଥିଲେ । ଖଡ୍‌ଗେଙ୍କ ମନ୍ତବ୍ୟ ଉପରେ ବିଜେପି ମୁଖପାତ୍ର ସମ୍ବିତ୍ ପାତ୍ର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ ଏଭଳି ମନ୍ତବ୍ୟ ଦେଶ ଓ ଆମ ସାହସୀ ସୈନ୍ୟଙ୍କୁ ଠକିବା ପାଇଁ ଉଦ୍ଦିଷ୍ଟ । ରାହୁଲ ଓ ଖଡ୍‌ଗେ ବୁଝିପାରିଲେ ନାହିଁ ଯେ ଆମ ସେନା ପାକିସ୍ତାନରେ ପ୍ରବେଶ କରି ୯ ଆତଙ୍କୀ ଅଡ୍ଡାକୁ (୯ ପୃଷ୍ଠାରେ)

**ଦେଶ, ସାହସୀ ସେନାଙ୍କୁ ବୋକା ବନାଇବା ସଦୃଶ ବୟାନ : ବିଜେପି**

### ବିଦେଶ ଗସ୍ତକୁ ଯାଉଥିବା ସାଂସଦଙ୍କୁ ସରକାରଙ୍କ ତଥ୍ୟ

# ସିନ୍ଧୁ ଚୁକ୍ତି ବାତିଲ ଉଚିତ୍ ପଦକ୍ଷେପ

ନୂଆଦିଲ୍ଲୀ, ୨୦।୫ : ପାକିସ୍ତାନର ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଆତଙ୍କବାଦୀଙ୍କ ସହ ରହୁଥିବା ସମ୍ପର୍କ ଓ ପ୍ରୋତ୍ସାହନକୁ ବିଶ୍ୱ ସମୁଦାୟ ଆଗରେ ପ୍ରକାଶ କରିବା ପାଇଁ ଯିବାକୁ ଥିବା ସର୍ବଦଳୀୟ ସାଂସଦ କମିଟିକୁ ସରକାର ଆଜି ତଥ୍ୟ ପ୍ରଦାନ କରିଛନ୍ତି । ବିଶେଷକରି ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ଏକ ସଠିକ୍ ପଦକ୍ଷେପ । ଏହା ତୁରନ୍ତ ଭାବେ ଅସଚେତନ ହୋଇ ନିଆଯାଇନାହିଁ । ଏହା ଉପରେ ସାଂସଦମାନେ ଗୁରୁତ୍ୱାରୋପ କରିବେ ।

ସାଂସଦମାନଙ୍କୁ ସରକାରଙ୍କ ପକ୍ଷରୁ ଆଜି ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ସୂଚିତ କରାଯାଇଥିଲା । ସେମାନଙ୍କୁ କୁହାଯାଇଥିଲା ଯେ ଯେଉଁ ସିନ୍ଧୁ ଚୁକ୍ତିକୁ ନେଇ ଯେଉଁ ପଦକ୍ଷେପ ନିଆଯାଇଛି ତାହା ସଠିକ୍ । ୧୯୬୦ରେ ଏହି ଚୁକ୍ତି ହୋଇଥିଲା । ଏବେ ଜଳବାୟୁ ପରିବର୍ତ୍ତନ ଓ ଜଳସ୍ତର କମିବା ଏକ ନୂଆ ଆହ୍ୱାନ ହୋଇଛି । ଭାରତ ଅଢ଼େଇ ବର୍ଷ ଧରି ଚୁକ୍ତିର ନବୀକରଣ ଉପରେ କାର୍ଯ୍ୟ କରୁଥିଲା । ତେବେ ମୁଖବନ୍ଧ ଅନୁଯାୟୀ ବିଶ୍ୱାସ ଓ ବନ୍ଧୁତା ଆଧାରରେ ଏହି ଚୁକ୍ତି ହୋଇଥିଲା । କିନ୍ତୁ ଏବେ ଏହା ରହିନାହିଁ । ଭାରତ ଓ ପାକ୍ ସମ୍ପର୍କରେ ନିକଟ ଭବିଷ୍ୟରେ ସୁଧାର ଆସିବା ନେଇ ପ୍ରଶ୍ନରେ ଅଧିକାରୀମାନେ ସୂଚନା ଦେଇଥିଲେ ଯେ ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବାପାଇଁ ସମସ୍ତ କାର୍ଯ୍ୟ କରୁଛି । ଏହାର ସମ୍ଭାବନା ଅଧିକ ରହିଛି । ପ୍ରତିନିଧିମାନେ ପାକିସ୍ତାନର ଏହି ଘଟଣା ଉପରେ ଗୁରୁତ୍ୱ ଦେବେ । ବିଶ୍ୱକୁ ସଚେତନ କରାଇବା ସହ ସେମାନେ କହିବେ ଯେ ପାକିସ୍ତାନ ଏବେ ମିଛଟାରେ କ୍ରନ୍ଦନ କରିବା ସହ କ୍ଷତିଗ୍ରସ୍ତ ହେବାର ସୂଚନା ଦେଉଛି । କିନ୍ତୁ ଭାରତ ନିକଟରେ ପାକିସ୍ତାନ ଏକ ଆତଙ୍କୀ ରାଷ୍ଟ୍ର ବୋଲି ପର୍ଯ୍ୟାପ୍ତ ପ୍ରମାଣ ରହିଛି । ବୈଠକରେ କୁହାଯାଇଥିଲା ଯେ ପାକିସ୍ତାନ ମଧ୍ୟ ତା’ର ପ୍ରତିନିଧି ପଠାଉଛି । ସେ ଯେଉଁଠିକୁ ପଠାଇବାକୁ ଚାହୁଁ, ସେଥିରେ କିଛି ଆପତ୍ତି ନାହିଁ । କିନ୍ତୁ ବିଶ୍ୱରେ ଭାରତର ସ୍ୱର ଉଠିବା ଦରକାର ଓ ଗତ ଦଶନ୍ଧୀ ଧରି ଭାରତର ଯେଉଁ (୯ ପୃଷ୍ଠାରେ)

## କବ୍‌ଜାରେ ୯୦ କ୍ୱାର୍ଟର୍ସ

# ଜିଏ, ଆର ଆଣ୍ଡ ବି ଅଧିକାରୀ ସବୁ ଜାଣି ଚୁପ ବସିଥିଲେ



- ଫଳ ଗୋଦାମ, ହୋଟେଲ, କନଭେନସନ ହଲ କରିଥିଲେ
- କ୍ୱାର୍ଟର୍ସ ମାଡ଼ି ବସି ମାସକୁ ୫-୧୦ ହଜାରରେ ଭଡ଼ା ଦେଇଥିଲେ
- ୨୧୦ କ୍ୱାର୍ଟର୍ସର ରିନୋଭେସନ କାର୍ଯ୍ୟ କରିବ ଆର ଆଣ୍ଡ ବି

ଭୁବନେଶ୍ୱର(ସବ୍ୟୁ): ସରକାରୀ କ୍ୱାର୍ଟର୍ସରେ ବେଧଡ଼କ ଚାଲିଥିଲା ବ୍ୟବସାୟ । କିଏ କନଭେନସନ ହଲ ଓ କନଫରେନ୍‌ସ୍ ରୁମ୍ କରି ମୋଟା ଅଙ୍କର ଭଡ଼ା ଆଦାୟ କରୁଥିଲା ତ ଆଉ କିଏ କରିଥିଲା ଫଳ ଗୋଦାମ । ପୁଣି କିଏ ହୋଟେଲ ବ୍ୟବସାୟ କରିଥିଲା ତ ଆଉ କିଏ ଚଳାଇଥିଲା ଫର୍ଣ୍ଣିଚର ତିଆରି କାରଖାନା । କେବଳ ସେତିକ ନୁହେଁ ସିମେଣ୍ଟ ଗୋଦାମ ସହିତ କିଛି ବାଂଲାଦେଶୀ ମଧ୍ୟ ଘର ମାଡ଼ିବସିଛନ୍ତି । ଏହି ଘଟଣା ରାଜଧାନୀ ଭୁବନେଶ୍ୱରରେ ଘଟିଥିବା ବେଳେ ସାଧାରଣ ପ୍ରଶାସନ ବିଭାଗ ଓ ଆର ଆଣ୍ଡ ବି ଡିଭିଜନ ସବୁ ଜାଣି ଚୁପ ବସିଥିଲା । ଏ ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ଦୋଷ ଠେଲା ଠେଲି ହୋଇଛନ୍ତି ।

ଭୁବନେଶ୍ୱର ମାର୍କେଟ୍ ବିଲ୍ଡି ନିକଟ ୟୁନିଟ-୨ ଅଞ୍ଚଳରେ ପ୍ରାୟ ୯୦ଟି ସରକାରୀ କ୍ୱାର୍ଟର୍ସରେ ବର୍ଷ ବର୍ଷ ଧରି ମାଡ଼ି ବସିଛନ୍ତି କିଛି ଅସାମାଜିକ ବ୍ୟକ୍ତି ଓ ବାଂଲାଦେଶୀ। ୨୦୨୩ରେ ରିନୋଭେସନ୍ ପାଇଁ ୟୁନିଟ-୨ ଓ ଏହା ପାଖାପାଖି ଅଞ୍ଚଳରେ ଥିବା ୨୧୦ଟି ସରକାରୀ କ୍ୱାର୍ଟରକୁ ଚିହ୍ନଟ କରାଯାଇଛି । ତେବେ ଦୀର୍ଘଦିନ ଧରି ଏସବୁ କ୍ୱାର୍ଟର୍ସ ମରାମତ ନ ହୋଇ ଖାଲି ପଡ଼ିବାରୁ ଏହାକୁ ମାଡ଼ି ବସିଥିଲେ କିଛି ଖଳ ପ୍ରକୃତିର ଲୋକ । ସରକାରଙ୍କ ନାକ ତଳେ ତଥା ରାଜଧାନୀର ଛାତି ଉପରେ ଥିବା ଏ ମୂଲ୍ୟବାନ ଜାଗାରେ ଗୋଟିଏ ପରେ ଗୋଟିଏ କ୍ୱାର୍ଟର ତାଲା ଭାଙ୍ଗି ମାଡ଼ି ବସି ନିଜେ ରହିବା ସହ ଅନେକ ଘରକୁ ଭଡ଼ାରେ



ଲଗାଇଥିଲେ କିଛି ଲୋକ । ପ୍ରାୟ ୯୦ରୁ ଅଧିକ କ୍ୱାର୍ଟର୍ସକୁ ନିଜ ଅଧିକାରକୁ ନେଇ ବ୍ୟବସାୟରେ ଲଗାଇ ଦେଇଥିଲେ ବହୁ ବ୍ୟକ୍ତି । ଆଉ ଆଜି ହଠାତ ଧରପଗଡ଼ କରାଯାଇ କ୍ୱାର୍ଟର୍ସ ଖାଲି କରିବାକୁ ମିଳିତ ଚଢାଉ ପରେ ଘର ଖାଲି କରିଛନ୍ତି ଅନଧିକୃତ ମାଲିକ ।

ଆଜି(ମଙ୍ଗଳବାର) ଜବରଦଖଲ ଉଚ୍ଛେଦ ସହ ଜବରଦଖଲକାରୀଙ୍କୁ ପଚରାଉଚରା କରିଥିଲେ ଉଚ୍ଛେଦକାରୀ ଟିମ୍ । ସାଧାରଣ ପ୍ରଶାସନ ବିଭାଗର ଏନଫୋର୍ସମେଣ୍ଟ ଟିମ, ଆର ଆଣ୍ଡ ବି ଟିମ ଓ ବିଡିଏର ଏନଫୋର୍ସମେଣ୍ଟ ଟିମ ମିଳିତ ଭାବେ ଜବଦଖଲକାରୀଙ୍କୁ ଘରୁ ବାହାର କରିଥିଲେ । ଉଚ୍ଛେଦ ସମୟରେ ଅନେକ କ୍ୱାର୍ଟର୍ସରେ ତାଲା ପଡ଼ିଥିବାରୁ ଏହାକୁ ଭାଙ୍ଗି ନୂଆ ତାଲା ପକାଇଛି ପ୍ରଶାସନ । ଏସବୁ କ୍ୱାର୍ଟର୍ସରୁ ବେଆଇନ ବିଜୁଳି ଓ ପାଣି ସଂଯୋଗକୁ ମଧ୍ୟ ବିଚ୍ଛିନ୍ନ କରିଦିଆଯାଇଛି । କ୍ୱାର୍ଟର ନମ୍ବର ଭିଏ-୩୫/୧,୨,୩,୪ ଓ ଭିଏ-୨୨/୩,୪ ଏବଂ ଭିଏ-୨୪/୨କୁ ଜଉ ମୁଦ ଦେଇ ସିଲ୍ କରାଯାଇଛି । ଏ ସମ୍ପର୍କରେ ଆର ଆଣ୍ଡ ବି ଡିଭିଜନ-୧ର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭୁଦତ୍ତ ପ୍ରଧାନ କହିଛନ୍ତି, ସାଧାରଣ ପ୍ରଶାସନ ବିଭାଗ ୨୦ ଦିନ ତଳେ ୨୧୦ଟି କ୍ୱାର୍ଟର୍ସର ରିନୋଭେସନ କାର୍ଯ୍ୟ କରିବାକୁ ଚିଠି ଲେଖିଥିଲା । ତେବେ ସେଥିରୁ କିଛି କ୍ୱାର୍ଟର୍ସରେ ତାଲା ପଡ଼ିଥିବା ସତ୍ତ୍ୱେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ଜଣାପଡ଼ିଥିଲା । ହେଲେ ଏହି ଘଟଣା ସମ୍ପର୍କରେ ଆମେ ସାଧାରଣ ପ୍ରଶାସନ ବିଭାଗକୁ ୧୭ ଦିନ ପୂର୍ବରୁ ଜଣାଇଦେଇଛୁ । ତେବେ ଆସନ୍ତାକାଲି(ବୁଧବାର) ବି ପୁଣି ଜବରଦଖଲରେ ଥିବା କ୍ୱାର୍ଟର୍ସ ଚିହ୍ନଟ କରାଯାଇ ସିଲ କରାଯିବ ବୋଲି ଜଣାପଡ଼ିଛି ।



ଭୁଟାନ ପ୍ରଧାନମନ୍ତ୍ରୀ ତେସେରିଂ ଟୋବ୍‌ଗେଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହୋଇ ଆଞ୍ଚଳିକ ସହଯୋଗ, ସ୍ଥାୟୀ ବିକାଶ ଏବଂ ଏକ ସମୃଦ୍ଧ ଭବିଷ୍ୟତ ପାଇଁ ସମାନ ଆକାଂକ୍ଷା ଉପରେ ଦୃଷ୍ଟିକୋଣର ଆଦାନପ୍ରଦାନ କରୁଛନ୍ତି ।

### ଓଡିଶା ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀ ଚୂଡ଼ାନ୍ତ

# 'ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡିଶା' ଦୃଷ୍ଟିଭଙ୍ଗୀ ନେଇ ଓଡିଶାରେ ପର୍ଯ୍ୟଟନ ବିକାଶ

ଭୁବନେଶ୍ୱର(ସବ୍ୟୁ): ଓଡିଶା ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀ-୨୦୨୫କୁ ଚୂଡାନ୍ତ କରାଯାଇଛି । ଅନ୍ୟାନ୍ୟ କ୍ଷେତ୍ର ସହିତ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ 'ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡିଶା' ଦୃଷ୍ଟିଭଙ୍ଗୀ ନେଇ ଓଡିଶାରେ ପର୍ଯ୍ୟଟନ ପ୍ରକଳ୍ପ ଗୁଡିକର ବିକାଶ କରାଯିବ । ଦୁଃସାହସିକ ପର୍ଯ୍ୟଟନ କ୍ଷେତ୍ରକୁ ଏପରି ଆକର୍ଷଣୀୟ କରାଯିବ । ଯେପରି ଲୋକ ଭାରତକୁ ଆସିବା କଥା ଚିନ୍ତା କଲେ, ପ୍ରଥମେ ଓଡିଶା କଥା ତାଙ୍କ ମନକୁ ଆସିବ । ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା । ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ-୨୦୪୭ର ପରିକଳ୍ପନା ସହିତ ତାଳ ଦେଇ ଓଡିଶାର ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଯୋଜନା କରାଯାଉଛି । ପର୍ଯ୍ୟଟନ ମଧ୍ୟ ଆମ ସରକାରଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର । ଓଡିଶାର ବିକାଶ ପାଇଁ ଯେଉଁ ବ୍ୟାପକ ଦୃଷ୍ଟିଭଙ୍ଗୀ ରଖାଯାଇଛି । ଏହି ନିର୍ଦ୍ଦେଶାବଳୀ ତାହାର ଏକ ଅଂଶବିଶେଷ । ଓଡିଶାରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ଓ ରୋମାଞ୍ଚକ ସ୍ଥାନ ଗୁଡିକୁ ଦୁଃସାହସିକ ପର୍ଯ୍ୟଟନର ପ୍ରମୁଖ ଗନ୍ତବ୍ୟସ୍ଥଳୀ ଭାବରେ ବିକଶିତ କରିବା ଏହାର ଲକ୍ଷ୍ୟ । ଓଡିଶାର ସମସ୍ତ ୩୦ଟି ଜିଲ୍ଲାରେ ଏହି ଦୁଃସାହସିକ ପର୍ଯ୍ୟଟନର ସମ୍ଭାବନା ଥିବା ସ୍ଥାନଗୁଡିକର ମ୍ୟାପିଙ୍ଗ୍ କରାଯାଇ ଏଗୁଡିକର ବିକାଶ କରାଯିବ । ସାତକୋଶିଆରେ ରାଫ୍ଟିଙ୍ଗ୍ ଓ ହିରାକୁଦ ଉପରେ ହଟ୍ ଏୟାର ବେଲୁନ୍ ପର୍ଯ୍ୟଟନର ବିକାଶ ସହିତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହିପରି ପର୍ଯ୍ୟଟନ ସୁବିଧାର ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ପର୍ଯ୍ୟଟନ ଲୋକପ୍ରିୟ ହେବା ସହିତ ଏହା ରାଜ୍ୟର ଯୁବଶକ୍ତି ପାଇଁ ମଧ୍ୟ ବ୍ୟାପକ ସୁଯୋଗ ସୃଷ୍ଟି କରିବ । ଜଳ, ସ୍ଥଳ ଓ ଆକାଶ ସମେତ ବିଭିନ୍ନ ଦୁଃସାହସିକ ପର୍ଯ୍ୟଟନ ପାଇଁ ଯୁବବର୍ଗଙ୍କୁ ତାଲିମ ଓ ପ୍ରମାଣପତ୍ର ଦିଆଯିବ । ଏହା ଦ୍ୱାରା ସେମାନଙ୍କ ପାଇଁ ବ୍ୟାପକ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇପାରିବ । ଏଥିପାଇଁ ଘରୋଇ କ୍ଷେତ୍ରର ଅଂଶଗହଣକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ । 'ଗୋ ଆଡଭାନ୍ସ' ପୋର୍ଟାଲରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ଅନୁମୋଦନ ଦିଆଯିବ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲବନ୍ତ ସିଂହ ଉପସ୍ଥିତ ଥିଲେ ।

- ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହନ ଦିଆଯିବ
- ଯୁବବର୍ଗଙ୍କୁ ମିଳିବ ତାଲିମ, ପ୍ରମାଣପତ୍ର, ନିଯୁକ୍ତି ସୁଯୋଗ
- ସାତକୋଶିଆରେ ରାଫ୍ଟିଙ୍ଗ୍, ହିରାକୁଦରେ ହଟ୍ ଏୟାର ବେଲୁନ୍‌ର ବିକାଶ କରାଯିବ

# ଯୁବତୀଙ୍କୁ ଏସିଡ୍ ମାଡ ଉଦ୍ୟମ ମିଛ, ପ୍ରେମିକା ସମେତ ୭ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସୋମବାର ସହିଦନଗର ଥାନା ଅଞ୍ଚଳରେ ଯୁବତୀଙ୍କ ଉପରକୁ ଏସିଡ୍ ମାଡ ଉଦ୍ୟମ ଘଟଣା ସମ୍ପୂର୍ଣ୍ଣ ମିଛ ବୋଲି ପୋଲିସ ତଦନ୍ତରୁ ଜାଣିପାରିଛି । ପ୍ରେମିକ ସୁନୀଲ ସେଠୀକୁ ଯୋଜନାବଦ୍ଧ ଭାବେ ଘରୁ ଡାକି ମରଣାନ୍ତକ ଆକ୍ରମଣ କରିଥିଲେ, ପ୍ରେମିକା ସମେତ ଅନ୍ୟ ଅଭିଯୁକ୍ତ । ପୋଲିସ ଏହା ସବୁ ଯୋଜନାବଦ୍ଧ ବୋଲି ଜାଣିବା ପରେ ଉଭୟଙ୍କ ଏତଲା ଗ୍ରହଣ କରି ପ୍ରେମିକା ସମେତ ୭ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ଉଭୟ ପକ୍ଷର ବୋଲି ପୋଲିସ କହିଛି । ସୁନୀଲ ଓ ଅଭିଯୋଗକାରିଣୀ ଯୁବତୀଙ୍କ ମଧ୍ୟରେ ଦୀର୍ଘଦିନ ହେବ ପ୍ରେମସମ୍ପର୍କ ଥିଲା । ଉଭୟେ ସାଙ୍ଗହୋଇ ବିଭିନ୍ନ ସ୍ଥାନକୁ ଯିବା ସହ ନିକଟତମ ବନ୍ଧୁ ଭାବେ ଚଳପ୍ରଚଳ ହେଉଥିଲେ । ସୁନୀଲଙ୍କ ପ୍ରେମିକା ଯେଉଁସବୁ ଅଭିଯୋଗ କରିଛନ୍ତି ତାହା ସବୁ ମିଛ ବୋଲି ପୋଲିସ କହିଛି । ପ୍ରେମିକଠାରୁ ବହୁ ସମୟରେ ପ୍ରେମିକା ସହାୟତା ନେବା ସହ ଉଭୟେ ବିବାହ କରିବା ପାଇଁ ସ୍ଥିର କରିଥିଲେ । ପ୍ରେମିକା ବେହେରା ସାଙ୍ଗିଆର ହୋଇଥିବା ବେଳେ ପ୍ରେମିକ ସେଠୀ ସାଙ୍ଗିଆର ହୋଇଥିବାରୁ ସେମାନଙ୍କ ବିବାହ ସମ୍ଭବ ହୋଇନଥିଲା । ଗତ କେଇ ମାସ ତଳେ ସୁନୀଲ ବିବାହ କରିଥିବା ବେଳେ ତାଙ୍କ ସ୍ତ୍ରୀ ପୂର୍ବ ପ୍ରେମସମ୍ପର୍କ ଜାଣିବାରୁ ଉଭୟଙ୍କ ମଧ୍ୟରେ କଳିଝଗଡା ସୃଷ୍ଟି ହୋଇଥିଲା । ତା'ସ୍ତ୍ରୀ ମଧ୍ୟ ଚନ୍ଦକା ଥାନାରେ ସୁନୀଲ ନାରେ ଅଭିଯୋଗ କରିଥିବା ଖବର ମିଳିଛି । ସୁନୀଲଙ୍କ ସ୍ତ୍ରୀ ଇନ୍‌ଷ୍ଟାଗ୍ରାମ୍‌ରେ ସ୍ୱାମୀ ଓ ସମ୍ପୃକ୍ତା ଯୁବତୀଙ୍କ ଆପତ୍ତିଜନକ ଫଟୋ ଅପ୍‌ଲୋଡ୍ କରିଦେବାରୁ ତାହା ପ୍ରେମିକା ଦେଖି ଯୋଜନାବଦ୍ଧ ଭାବେ ସୁନୀଲକୁ ଡାକି ସହିଦନଗର ସାଇ ମନ୍ଦିର ନିକଟରୁ ଧରି ନେଇ ପଥରବନ୍ଧ ପାଖ ପଡିଆରେ ବାନ୍ଧି ନିସ୍ତୁକ ବାଡେଇଥିଲେ । ବିବାହ ପରେ ଆର୍ଥିକ ଅବସ୍ଥା ଭଲ ନରହିବାରୁ ପ୍ରେମିକ-ପ୍ରେମିକାଙ୍କୁ ଆର୍ଥିକ ସହାୟତା କରିପାରି ନଥିଲେ । ଯାହା ଫଳରେ ଉଭୟଙ୍କ ସମ୍ପର୍କ ଅଧିକ ବିଗିଡି ଯାଇଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ପିଙ୍କି ଓରଫ ଜାନକୀ ବେହେରା(୨୧), କବିତା ନାୟକ (୩୪), ମୁନା ଓରଫ ମାନସ କୁମାର ବେହେରା (୨୮), କୁନା ଓରଫ ପଦ୍ମନାଭ ବେହେରା(୨୩), ରବି ଓରଫ ସୌମ୍ୟରଞ୍ଜନ ସାମଲ(୨୬), ମନୁ ଓରଫ ରମାକାନ୍ତ ବେହେରା (୩୬) ଓ ଲୋକେଶ ବେହେରା (୩୭)। ସମସ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

# ଝଙ୍କଡ଼ ଶାରଳାଙ୍କ ରୂପା ଛାଉଣୀ କବାଟର ଉନ୍ମୋଚନ

ତିର୍ତ୍ତୋଲ (ସବ୍ୟୁ): ପ୍ରସିଦ୍ଧ ବାଣୀକ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା ସାରଳା ଠାକୁରାଣୀ ଙ୍କ ମନ୍ଦିରର ଗର୍ଭଦ୍ୱାର, ପ୍ରବେଶ ପଥରେ ଥିବା ଦ୍ୱାରରେ ଶିଶୁକାଠ ରେ ନିର୍ମିତ ହେଇଥିବା କବାଟ ଉପରେ ରୂପା ଛାଉଣୀ କରାଯାଇ, ଚନ୍ଦନ ଯାତ୍ରାର ଉଦଯାପନୀ ଉତ୍ସବରେ, ମାଆଙ୍କ ଚନ୍ଦନ ଲାଗି ପରେ, ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ଉଦଘାଟନ କରାଯାଇଛି । ଝଙ୍କଡ଼ ସାରଳା ପୀଠ ସ୍ଥିତ ଜଗନ୍ନାଥ ମହୋତ୍ସବ କମିଟି ଓ ମାଆଙ୍କ ସେବାୟତ ମାନଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ର ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଏହି ରୌପ୍ୟନିର୍ମିତ କବାଟର ଉଦଘାଟନ କରାଯାଇଥିଲା । ଅନୁଷ୍ଠାନର ସଭାପତି ଇଂ ବିଷ୍ଣୁ ଚରଣ ସ୍ୱାଇଁ, ସମ୍ପାଦକ କ୍ଷୀରୋଦ କୁମାର ରାଉଳ, କୋଷାଧ୍ୟକ୍ଷ ବିଶ୍ୱରଂଜନ ରାଉଳଙ୍କ ସମେତ ବିଳାସ ଚନ୍ଦ୍ର ବେହେରା, ସତ୍ୟଭୂଷଣ ଦାସ, ଦେବୀ ପ୍ରସାଦ ରାଉଳ, ହରେକୃଷ୍ଣ ରାଉଳ, ତ୍ରିଲୋଚନ ରାଉଳ,



ଗୋପାଳ ଚରଣ ଖଟୁଆ, ସନ୍ତୋଷ ମହାନ୍ତି, ବିଜୟ କୁମାର ରାଉଳ, ହରେକୃଷ୍ଣ ନାୟକ, ରମେଶ ଚନ୍ଦ୍ର ସାହୁ, ଭାଗିରଥୀ ସାହୁ ଓ ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ପ୍ରମୁଖ ନିମନ୍ତ୍ରିତ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ଏହି ସମାରୋହ ରେ ବରିଷ୍ଠ ଆଇନଜୀବି ଦେବସ୍ମାନ ଦାସ, ଡଃ ଅମରେନ୍ଦ୍ର ଦାସ, ପୂର୍ବତନ ମହିଳା କମିଶନ ଅଧକ୍ଷା ଡଃ ମିନତୀ ବେହେରା , ଜଗତସିଂହପୁର ପୌରାଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ,ସମାଜସେବୀ ବିବେକାନନ୍ଦ ସାମନ୍ତରାୟ , ପୂର୍ବ ସିଂହଭୂମି ଉତ୍କଳ ସମ୍ମିଳନୀ ର କର୍ମକର୍ତ୍ତା ପ୍ରଦୀପ୍ତ କୁମାର ଦାସ, ବାବାଜୀ ସୀତାରାମ ଦାସ ମହାରାଜ, ପଣ୍ଡିତ ଶରତ ଚନ୍ଦ୍ର ଦାଶ ଙ୍କ ସମେତ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ଉତ୍ସବରେ ମାଆଙ୍କ ବଡ଼ପଣ୍ଡା ପ୍ରଜ୍ଞାଦିପ୍ତ ପଣ୍ଡା, ପରିଛା ଦୁର୍ଗା ଚରଣ ପଣ୍ଡାଙ୍କ ଓ ସମସ୍ତ ସେବାୟତ ମାନେ ପୂଜାର୍ଚ୍ଚନା କରିଥିଲେ । ସ୍ଥାନୀୟ ଅଞ୍ଚଳର ସମସ୍ତ ଅଧିବାସୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିବା କ୍ଷେତ୍ରରେ ସକ୍ରିୟ ସହଯୋଗ କରିଥିବାର ଦେଖିବାକୁ ମିଳିଥିଲା ।

## ପୁରୀ ଜିଲ୍ଲାକୋର୍ଟ ସ୍ଥାନାନ୍ତର ବିରୋଧରେ ଶୋଭାଯାତ୍ରା

ପୁରୀ, (ସବ୍ୟୁ): ଜିଲ୍ଲା ଜଜ୍ କୋର୍ଟ ସ୍ଥାନାନ୍ତର ବିରୋଧରେ ପୁରୀ ଓକିଲ ସଂଘ ର ଶତାଧିକ ଆଇନଜୀବୀ ପୁରୀ ଶ୍ରୀମନ୍ଦିର ସିଂହ ଦ୍ୱାର ନିକଟରେ କଡ଼ା ବିକ୍ଷୋଭ ପ୍ରଦର୍ଶନ କରିଛି । ମଙ୍ଗଳବାର ଅପରାହ୍ଣରେ ପୁରୀ ଓକିଲ ସଂଘ ନିକଟରୁ ଶତାଧିକ ଆଇନଜୀବୀ ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ଯାଇ ସିଂହ ଦ୍ୱାର ନିକଟରେ ଦୃଢ଼ ବିରୋଧ ପ୍ରଦର୍ଶନ କରି ଥିଲେ । ଏହି ଅବସରରେ ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ରାଏ ଗୁରୁ କହିଛନ୍ତି ଜିଲ୍ଲା ଜଜ୍ କୋର୍ଟ ପୁରୀ ସହରର ଏକ ଏତିହ୍ୟ କୋଠା ଅଟେ ।

ଏହି ଏତିହ୍ୟ କୋଠା ଦୀର୍ଘ ୧୬୨ ବର୍ଷ ଧରି ଲୋକଙ୍କ ସେବା ଦେଇ ଆସୁଛି । ରାଜ୍ୟରେ ଜିଲ୍ଲା ବିଭକ୍ତି କରଣ ପରେ ଗ୍ରାମ୍ୟ ପରିସର ଓ ବ୍ଲକ ସ୍ତରରେ କୋର୍ଟ ଗଢି ଉଠିଲା । ବର୍ତ୍ତମାନ ପୁରୀ ଜିଲ୍ଲା କୋର୍ଟକୁ ସହର ଠାରୁ ୧୦ କିଲୋମିଟର ଦୂର ବାଲୁଖଣ୍ଡକୁ ସ୍ଥାନାନ୍ତର ଉଦେଶ୍ୟରେ ପାଞ୍ଚ ଏକର ଜମି ଆଇନ ବିଭାଗକୁ ହସ୍ତାନ୍ତର ହୋଇଛି ଯାହା ଠିକ୍ ନୁହେଁ । ଏହା ବିରୋଧରେ ପୁରୀ ଓକିଲ ସଂଘ ଫେବୃଆରୀ ୨୮ ତାରିଖରୁ ସତ୍ୟାଗ୍ରହ ଆରମ୍ଭ କରିଛି ।

# ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ପ୍ରଥମ ବୈଠକ

ଭୁବନେଶ୍ୱର (ସବ୍ୟୁ): ପୁରୀ ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ପ୍ରଥମ ବୈଠକ ସ୍ଥାନୀୟ ଗାନ୍ଧୀ ଘାଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପସ୍ଥିତ ସଦସ୍ୟ ଏବଂ ସାହିତ୍ୟପ୍ରେମୀଙ୍କ ଗହଣରେ କର୍ମକର୍ତା ନିର୍ବାଚିତ ହୋଇଥିଲେ । ନ୍ୟାଶନାଲ ବୁକ ଟ୍ରଷ୍ଟ ଇଣ୍ଡିଆର ପୂର୍ବତନ ସମ୍ପାଦକ ଓ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ରଙ୍କୁ ସଭାପତି ଭାବେ ନିବରଚିତ କରାଯାଇଥିବା ବେଳେ ପ୍ରତିଷ୍ଠିତ ସମାଜସେବୀ ଓ ସୁଭଦ୍ରା ଆର୍ଟ ଗ୍ୟାଲେରୀର ଚେୟାରମ୍ୟାନ ସୂର୍ଯ୍ୟରଥଙ୍କୁ କାର୍ଯ୍ୟକାରୀ ସଭାପତି ଓ ବରିଷ୍ଠ ସାମ୍ବାଦିକ ବିଶ୍ୱମିତ ମିଶ୍ରଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ସେହିପରି ବିଜୟ କୃଷ୍ଣ ବ୍ରହ୍ମା, ମୀନତି ରଥ, କବି ଶୈଳବାଳା ମହାପାତ୍ର ଓ ଶିବପ୍ରସାଦ ମିଶ୍ରଙ୍କୁ ଉପ ସଭାପତି ହୋଇଥିବା ବେଳେ ବିଶ୍ୱପ୍ରୀତ ମିଶ୍ର କୋଷାଧ୍ୟକ୍ଷ ଦାୟିତ୍ୱ ତୁଲାଇବେ । ଏକଜିକ୍ୟୁଟିଭ କମିଟିରେ ଶିବ ପ୍ରସାଦ ମହାପାତ୍ର, ଅନୀଲ କୁମାର ସାହୁ, ଧଡୁ ମହାପାତ୍ର, ଚିତ୍ରଲେଖା ମିଶ୍ର ଓ ଗୌରବ ମିଶ୍ରଙ୍କୁ ରଖାଯାଇଛି । ବୈଠକ ଅବସରରେ ଆଗାମୀ ଦିନରେ ପୁରୀର ହଜି ଯାଇଥିବା ମହାନ ସାହିତ୍ୟିକଙ୍କୁ ଲୋକଲୋଚନଙ୍କୁ ଆଣିବା ପାଇଁ ଉଦ୍ୟମ କରାଯିବ ବୋଲି ମହାପାତ୍ର କହିଥିଲେ । ସେହିପରି ବିଭିନ୍ନ ବିଭାଗରେ ପୁରୀର ମାନ ବଢ଼ାଇଥିବା ବ୍ୟକ୍ତିଙ୍କୁ ଆଗାମୀ ଦିନରେ ସମ୍ମାନୀତ କରାଯିବ ବୋଲି ସୂର୍ଯ୍ୟ ରଥ କହିଥିଲେ । ଖୁବ ଶୀଘ୍ର ଏହି ସଂସଦର ଏକ ବିଧିବଦ୍ଧ ରୂପ ସମ୍ମୁଖକୁ ଆସିବ ବୋଲି ସଭାପତି କହିଥିଲେ । ଅନେକ ସାହିତ୍ୟ ସଂସଦ କରାଯାଉଥିଲେ ମଧ୍ୟ ଏହାକୁ ବଜାୟ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କବି ଶୈଳବାଳା କହିଥିଲେ ।

## ଭୁବନେଶ୍ୱରରେ ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ




ଭୁବନେଶ୍ୱର (ସବ୍ୟୁ) : ଇସ୍ରୋର ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ତାଙ୍କୁ ସୋଆ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଏନ୍‌ଏଇ ଓଡ଼ିଶା ଶାଖାର ଅଧ୍ୟକ୍ଷ ତଥା ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ ଆଇଟିଇଆର ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ସ୍ୱାଗତ ଜଣାଇଥିଲେ । ବୁଧବାର ସନ୍ଧ୍ୟାରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ୨ ପରିସରରେ ଡ. ନାରାୟଣନ ସୋଆର ଫାକଲ୍ଟି ଏବଂ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବକ୍ତୃତା ପ୍ରଦାନ କରିବେ ।

# ପଛୁଆବର୍ଗଙ୍କୁ ପୂର୍ଣ୍ଣ ସାମ୍ବିଧାନିକ ଅଧିକାର ଦେବାକୁ ବିଜେପି ବଦ୍ଧପରିକର : ମନମୋହନ

## ପଛୁଆବର୍ଗର ଦାବି ନେଇ ବିଜେଡି, କଂଗ୍ରେସ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି

ଭୁବନେଶ୍ୱର, (ସବ୍ୟୁ) : ବିଜେପି ରାଜ୍ୟରେ ସରକାର ଗଠନ କରିବାର ମାତ୍ର ୧୧ ମାସ ମଧ୍ୟରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପାଇଁ ଐତିହାସିକ ନିଷ୍ପତି ନେଇଛି। ଦେଇଥିବା ପ୍ରତିଶୃତି ଆଧାରରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ଓଡ଼ିଶାର ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ସେମାନଙ୍କର ନାର୍ଯ୍ୟ ହକ୍ ଦେବାକୁ ବିଜେପି ସରକାର ବଦ୍ଧପରିକର ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ରାଜ୍ୟରେ ପଛୁଆ ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏବେ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ କଂଗ୍ରେସ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କ୍ରମାଗତଭାବେ ବର୍ଷ ବର୍ଷ ଧରି ଶାସନରେ ଥିଲାବେଳେ ପଛୁଆ ବର୍ଗଙ୍କ ସଂରକ୍ଷଣ ପାଇଁ କିଛି କରି ନଥିଲେ, ସେମାନେ ଏବେ ନାଟକ କରୁଛନ୍ତି । ଯେତେବେଳେ ମଣ୍ଡଳ କମିଶନ ରିପୋର୍ଟ ସଂସଦରେ ଆଗତ ହୋଇଥିଲା ସେତେବେଳେ ବିରୋଧ ଦଳର ନେତା ଦାୟିତ୍ୱରେ ଥିବା ରାଜୀବ ଗାନ୍ଧୀ ଏହାକୁ ବିରୋଧ କରିଥିଲେ । ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଥିବାରୁ ଉଭୟ ଦଳ ହତାଶ ହୋଇପଡ଼ିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ନିକଟରେ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ବିଜେପି ସରକାର ନିଷ୍ପତି ନେଇସାରିଛନ୍ତି । ଉଚ୍ଚଶିକ୍ଷା, ଗଣଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣକୁ କ୍ୟାବିନେଟ ମୋହର ମାରିସାରିଛି। ଚାକିରୀ ଓ ଶିକ୍ଷାକ୍ଷେତ୍ରରେ ପଛୁଆବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଅଛି ।





ମାତ୍ର ସର୍ବୋଚ୍ଚ ନ୍ୟାୟଳୟଙ୍କ ସବୁ ସଂରକ୍ଷଣ ମିଶି ୫୦ ପ୍ରତିଶତରୁ ଅଧିକ ହେବ ନାହିଁ ବୋଲି ରାୟ ଶୁଣାଇଛନ୍ତି । ଏଣୁ ରାଜ୍ୟ ସରକାର ଅନୁସୁଚିତ ଜନଜାତି ପାଇଁ ୨୨.୫, ଅନୁସୁଚିତ ଜାତି ୧୬.୨୫, ଦିବ୍ୟାଙ୍ଗ ୫ ଓ ସେନାବାହିନୀ ପରିବାର ପାଇଁ ୧ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି। ୫୦ ପ୍ରତିଶତରୁ କମ୍ ନିୟମ ଆଧାରରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏହାକୁ ବିରୋଧୀ ଦଳ ସହ୍ୟ କରିପାରୁନାହାନ୍ତି। ବିଜେଡି ସରକାର ୨୦୨୨ ପଂଚାୟତ ନିର୍ବାଚନରେ ବହୁ ଆଗରୁ ପଛୁଆବର୍ଗଙ୍କୁ ଦିଆଯାଉଥିବା ସଂରକ୍ଷଣକୁ ବନ୍ଦ କରିଦେଇଥିଲେ। ଏଥିରୁ ସ୍ପଷ୍ଟ ଯେ, ଉଭୟ ବିଜେଡି ଓ କଂଗ୍ରେସର ଓବିସି ସମାଜ ପାଇଁ ଆଦୌ ନିଷ୍ଠା ନାହିଁ। ବିଜେପି ସ୍ପଷ୍ଟ କରିବାକୁ ଚାହେଁ, ମେଡିକାଲ, ଟେକ୍ନିକାଲ ଏବଂ ସ୍କିଲ କ୍ଷେତ୍ରର ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରାରମ୍ଭିକ ଭାବେ ୧୧.୨୫ ସ୍ଥାନ ସଂରକ୍ଷଣ ଦେବାକୁ ପ୍ରତିଶୃତିବଦ୍ଧ । ବିଜେଡିକୁ ଆମର ପ୍ରଶ୍ନ, ପଛୁଆବର୍ଗର ସଂରକ୍ଷଣରୁ ୫୦ ପ୍ରତିଶତ ସୀମାକୁ କୋହଳ କରିବା ପାଇଁ ସୁପ୍ରିମକୋର୍ଟରେ ଅକ୍ଟୋବର ୨୦୧୭ରେ ହୋଇଥିବା ସ୍ପେଶାଲ ଲିଭ ପିଟିସନ (ଏସ୍‌ଏଲପି) ମାମଲାରେ ବିଜେଡି ଠିକ୍‌ଭାବେ ଲଢ଼ି ନଥିଲା କାହିଁକି? ଖଣି ମାଲିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦୈନିକ କୋଟିକୋଟି ଟଙ୍କା ଖର୍ଚ୍ଚରେ ନାମୀଦାମୀ ଓକିଲ ବିଜେଡି ସରକାର ଲଗାଇଥିଲା, ମାତ୍ର ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ମାମଲା କରି ଚୁପ ବସିଥିଲା କଣ ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଡଃ ପ୍ରଫୁଲ୍ଲ କୁମାର ପୃଷ୍ଟି ଆୟକର ମହାନିର୍ଦ୍ଦେଶକ



କଟକ, (ସ୍ୱପ୍ର): ଭାରତୀୟ ରାଜସ୍ୱ ସେବା ୧୯୯୦ ବ୍ୟାଚର (ଆଇଆରଏସ) ଅଧିକାରୀ ଡକ୍ଟର ପ୍ରଫୁଲ୍ଲ କୁମାର ପୃଷ୍ଟି ହେଲେ ଆୟକର (ତଦନ୍ତ ଓ ଅପରାଧିକ ଗୁଇନ୍ଦା) ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଡକ୍ଟର ପୃଷ୍ଟି ତିନି ଦଶନ୍ଧିରୁ ଅଧିକ ସମୟ ଧରି ପ୍ରତ୍ୟକ୍ଷ କର ପ୍ରଶାସନ, ଅପରାଧିୟ ତଦନ୍ତ ଓ ଅର୍ଥନୈତିକ ଗୁଇନ୍ଦା କ୍ଷେତ୍ରରେ ଅସାଧାରଣ ସେବାରେ ଅଭିଜ୍ଞତା ରଖିଛନ୍ତି । ତାଙ୍କର ପ୍ରାରମ୍ଭିକ ପଦବୀରେ ସେ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ହରିୟାଣାରେ ସହାୟକ ଆୟକର ଆୟୁକ୍ତ ଏବଂ ତଦନ୍ତ ଶାଖାରେ ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଅନୁସନ୍ଧାନ, ଜବତ ଓ ଗୁଇନ୍ଦା କାର୍ଯ୍ୟକଳାପରେ ନେତୃତ୍ୱ ଦେଇଛନ୍ତି। ତାଙ୍କ ପୂର୍ବବର୍ତ୍ତୀ ନିଯୁକ୍ତିରେ ସେ କଳାଅର୍ଥ, ବେନାମୀ ଓ କର ଫାଙ୍କି ବିରୋଧୀ ଆଇନ ଅଧୀନରେ ଉଚ୍ଚ-ପ୍ରଭାବଶାଳୀ ପ୍ରବର୍ତ୍ତନର ତଦାରଖ କରିଥିଲେ । ଜେଏନୟୁରୁ ଅର୍ଥନୀତିରେ ପିଏଚଡି ଡିଗ୍ରୀ ପ୍ରାପ୍ତ ଡକ୍ଟର ପୃଷ୍ଟିଙ୍କର ଅନୁପାଳନ ଓ କଳା ଅର୍ଥନୀତି ଉପରେ ବ୍ୟାପକ ଗବେଷଣା କରିଛନ୍ତି ଏବଂ ଦିଲ୍ଲୀ ପୋଲିସ, ଏନସିବି ଓ ଡିଆରଆଇର ଅଧିକାରୀମାନଙ୍କୁ ଆର୍ଥିକ ଅପରାଧ ଓ ଜବତ ଆଇନ ଉପରେ ତାଲିମ ପ୍ରଦାନ କରିଛନ୍ତି ।

# ମାଁ ଦୁଲାଦେଇ ମନ୍ଦିର ପରିଚାଳନା କମିଟି ବିନୋଦ ସଭାପତି, ଉଦୟନାଥ ସମ୍ପାଦକ



କଟକ, (ସ୍ୱପ୍ର): ସୋମବାର ସନ୍ଧ୍ୟାରେ ଅନ୍ଦରପୁର ଗ୍ରାମର ଆରାଧ୍ୟ ଗ୍ରାମ ଦେବତୀ ମାଁ ଦୁଲାଦେଇ ମନ୍ଦିର ପ୍ରାଙ୍ଗଣରେ ସର୍ବସମତି କ୍ରମେ ଓ ଗ୍ରାମ ଅଧିକାରୀ ପ୍ରମୋଦ କୁମାର ଭୋଳଙ୍କ ତତ୍ତ୍ୱାବଧାନରେ ମାଁ ଦୁଲାଦେଇଙ୍କ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଛି । ଏହି କମିଟିରେ ନୂତନ ଭାବେ ସଭାପତି ବିନୋଦ କୁମାର ବେହେରା, ଉପସଭାପତି ଆଡଭୋକେଟ୍ ପୂର୍ଣ୍ଣ ଚନ୍ଦ୍ର ମହାରଣା, ସମ୍ପାଦକ -ଉଦୟନାଥ ତ୍ରିପାଠୀ, ଯୁଗ୍ମ ସମ୍ପାଦକ-ଧିର ପ୍ରସାଦ ମହାନ୍ତି, କୋଷାଧ୍ୟକ୍ଷ -ହରି ଚରଣ ସିହ୍ନା, ସହ କୋଷାଧ୍ୟକ୍ଷ- ଚିତ୍ତ ରଞ୍ଜନ ନାୟକଙ୍କୁ ମନୋନୀତ କରାଯିବା ସହ କାର୍ଯ୍ୟକାରୀ ସଦସ୍ୟ ଭାବେ ଅମର ସାମନ୍ତରାୟ, ପ୍ରଶାନ୍ତ କୁମାର ପଟ୍ଟନାୟକ, ପଙ୍କଜ ଦାସ, ଅଭୟ ସ୍ୱାଇଁ, ଲାଲୁ ସ୍ୱାଇଁ, ରଞ୍ଜିତ ରାଉତ, ବିଶ୍ୱନାଥ ଦାସ, ବାସୁଦେବ ସ୍ୱାଇଁ, ନଗେନ ଦାସ ଏବଂ ୱାର୍ଡ କର୍ପୋରେଟର ଆରବିନ୍ଦ ଜେନାଙ୍କୁ ନେଇ କାର୍ଯ୍ୟକାରିଣୀ କମିଟ ଗଠନ କରାଯାଇଛି। ସଭାପତି ବିନୋଦ ବେହେରା ମାଁ ଦୁଲାଦେଇଙ୍କ ଜନ୍ମ ବାର୍ଷିକ ଉତ୍ସବ ଆସନ୍ତା ଜୁନ ମାସ ୨୪ ତାରିଖରେ କିପରି ବିଧିବଦ୍ଧଭାବେ ପାଳନ କରାଯିବ ସେନେଇ ପ୍ରସ୍ତାବ ରଖିଥିଲେ । ସମ୍ପାଦକ ଉଦୟନାଥ ତ୍ରିପାଠୀ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।

# ଶାନ୍ତି ମିଶ୍ର ହତ୍ୟା ମାମଲା

## ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଦୌରା ଜଜ ଡ. ଭାଗ୍ୟଲକ୍ଷ୍ମୀ ରଥ ମଙ୍ଗଳବାର ବହୁ ଚର୍ଚ୍ଚିତ ଗୋଶାଣି ନୂଆଗାଁ ଶାନ୍ତି ମିଶ୍ର ହତ୍ୟା ମାମଲାର ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସତୀଶ କୁମାର ମିଶ୍ର ଓରଫ ମଉଜ ମିଶ୍ର (୩୯)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୩ ଜାନୁଆରୀ ୨୯ରେ ଶାନ୍ତି ମିଶ୍ରଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଅଭିଯୋଗ ପରେ ଗୋଶାଣିନୁଆଗାଁ ପୋଲିସ ୧୧/୧୩ରେ ଏକ ମମାଲା ରୁଜୁ କରି ପର୍ଯ୍ୟାୟକ୍ରମେ ମଉଜ ମିଶ୍ର ସମେତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନରେ ଆସି ମଉଜ ବିଚାରଣା ବେଳେ କୋର୍ଟରେ ହାଜର ହୋଇନଥିଲେ। ପୋଲିସ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲା। ସେ ଦୀର୍ଘବର୍ଷ ଧରି ଫେରାର ରହିଥିବା ବେଳେ ଗୋଶାଣିନୁଆଗାଁ ପୋଲିସ ଟିମ ତାଙ୍କୁ ୨୦୨୫ ଏପ୍ରିଲ ୧୪ ରେ ଜଟିଣିରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାରେ ୨୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ବ୍ରହ୍ମପୁର ଜେଲରେ ବିଚାରଧୀନ ବନ୍ଦୀ ଭାବେ ଥିବା ମଉଜଙ୍କୁ କଡା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ତତ୍କାଳୀନ ପିପି ତ୍ରିଲୋଚନ ପରିଡା ଓ ପିପି ଦାୟିତ୍ୱରେ ଥିବା ବିକ୍ରମ କୁଣ୍ଡୁ ମକଦ୍ଦମା ପରିଚାଳନା କରିଥିଲେ।

# ପ୍ରମୁଖ ପ୍ରତିରକ୍ଷା ପ୍ରତିଷ୍ଠାନକୁ ଉନ୍ନତ ବିଜୁଳି ସେବା ଯୋଗାଉଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ଟିପିଏସ୍‌ଓଡିଏଲ୍ ପକ୍ଷରୁ ଗୋପାଳପୁର ସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜକୁ ସଂଯୋଗ ହୋଇଥିବା ୩୩ କେଭି ବିଦ୍ୟୁତ ଲାଇନର ଉନ୍ନତିକରଣ କରାଯାଇଛି। ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଅନୁଷ୍ଠାନକୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ। ଓଡ଼ିଶା ଉପକୂଳରେ ଥିବା ଆର୍ମି ଏୟାର ଡିଫେନ୍ସ କଲେଜ ଭାରତୀୟ ପ୍ରତିରକ୍ଷା ବଳର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏଭଳି ଏକ ପ୍ରମୁଖ ଜାତୀୟ ପ୍ରତିଷ୍ଠାନରେ ତାଲିମ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା କାର୍ଯ୍ୟ ସୁରୁଖୁରୁରେ ଚାଲିବା ପାଇଁ ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଚଳିତବର୍ଷ ଏହି ଉନ୍ନତିକରଣ ପ୍ରକଳ୍ପ ଶେଷ ହୋଇଛି ଏବଂ ଏଥିରେ ୭.୦ ସର୍କିଟ କିମି ଦୀର୍ଘ ୩୩ କେଭି ବିଜୁଳି ଲାଇନକୁ ଉନ୍ନତ କରାଯାଇଛି। ଏହି ପଦକ୍ଷେପରେ ପୁରୁଣା କଣ୍ଡକ୍ଟର ଗୁଡ଼ିକୁ ବଦଳାଇବା ସହ ନଷ୍ଟ ହୋଇଯାଇଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ବାହାର କରି ୧୨୦ ଟି ନୂଆ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଛି। ଏହାବ୍ୟତୀତ ୩୩ କେଭି ଲାଇନରେ ବାର୍ଡ ଗାର୍ଡ ଲଗାଯାଇଛି, ଯାହା ଫଳରେ ପକ୍ଷୀଙ୍କ ସ୍ପର୍ଶ ଯୋଗୁଁ ବିଜୁଳି ସେବା ବାଧାପ୍ରାପ୍ତ ହେବାକୁ ରୋକା ଯାଇପାରିବ। ଏହି ଭିତ୍ତିଭୂମି ଉନ୍ନତିକରଣ ପରେ ପୂର୍ବରୁ ଥିବା ସମସ୍ୟା ଦୂର ହେବା ସହ ଆର୍ମି ଏୟାର ଡିଫେନ୍ସ କଲେଜକୁ ସ୍ଥାୟୀ ଏବଂ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇଛିଛ ଏହି ପଦକ୍ଷେପ ଦ୍ୱାରା ଏହି ପ୍ରତିରକ୍ଷା ପ୍ରତିଷ୍ଠାନର ବିଜୁଳି ଚାହିଦା ପୂରଣ ହୋଇପାରିବ । ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ସୁଦୃଢ଼ ବିଦ୍ୟୁତ ଭିତ୍ତିଭୂମି ମାଧ୍ୟମରେ ଜାତୀୟ ସ୍ତରର ଅନୁଷ୍ଠାନକୁ ଉନ୍ନତ ସେବା ଯୋଗାଇବା ହେଉଛି ଆମର ଏକ ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକଳ୍ପ ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଏବଂ ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ବିଜୁଳି ସେବା ଯୋଗାଣ ଉପରେ ଟିପିଏସ୍‌ଓଡିଏଲର ଗୁରୁତ୍ୱକୁ ଏହା ପ୍ରତିଫଳିତ କରେ। ଉପଭୋକ୍ତା ସନ୍ତୁଷ୍ଟି ଏବଂ ୨୪ସ୭ ଭରସାଯୋଗ୍ୟ ବିଜୁଳି ସୁନିଶ୍ଚିତ କରିବା ସହ ଟିପିଏସ୍‌ଓଡିଏଲ୍ ପରିସରଭୁକ୍ତ ଅଞ୍ଚଳରେ ବିଦ୍ୟୁତ ବିତରଣ ନେଟୱର୍କକୁ ଉନ୍ନତ କରିବା ପାଇଁ କମ୍ପାନୀ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଛି ।

# କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନ୍ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ୧୭ଦଫା ଦାବିପତ୍ର



ବାରିପଦା, (ସବ୍ୟୁ) : ପହଲଗାମ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ନୀରିହ ଲୋକ ଓ ଆତଙ୍କୀର ମୂଳପୋଛ ପାଇଁ ପାକିସ୍ତାନ ସହ ଲଢ଼େଇକୁ ଗମ୍ଭୀର ଘଟଣା ଭାବେ ବିଚାରକରି ଆଜି ମେ ୨୦ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ଆସନ୍ତା ଜୁଲାଇ ୯ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ମାତ୍ର ଶ୍ରମିକ ଛଟେଇ, ସର୍ବନିମ୍ନ ମଜୁରୀ, ଶ୍ରମିକ, କର୍ମଚାରୀ, କୃଷକ, ସାଧାରଣ ମଣିଷମାରଣ ନୀତି ସରକାରଙ୍କର ଲାଗୁ ରହିଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କୁ ୧୭ଦଫା ଦାବି ସମ୍ବଳିତ ଦାବିପତ୍ର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ, ମୟୂରଭଞ୍ଜ ପକ୍ଷରୁ ଏଆଇଟିୟୁସି ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ୪ଟି ଶ୍ରମ କୋଡ଼ ବାତିଲ କରିବା, ଏମ୍‌ଏସ୍‌ପିକୁ ଆଇନ୍ ଗତ ମାନ୍ୟତା, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ସ୍କିମ ୱାର୍କର ଯଥା ଆଶା, ଅଙ୍ଗନ୍‌ବାଡି, ପାଚିକା ସହାୟିକା ସମେତ ଶ୍ରମିକଙ୍କୁ ମାସିକ ୨୬ହଜାର ଟଙ୍କା ମଜୁରୀ ଧାର୍ଯ୍ୟ କରିବା, ମାସିକ ୯ହଜାର ଟଙ୍କା ସର୍ବନିମ୍ନ ପେନସନ ଲାଗୁ କରିବା, ରାଷ୍ଟ୍ରୀୟ ମୁଦ୍ରୀକରଣ ରଦ୍ଦ କରିବା, ଓପିଏସ୍ ଲାଗୁ କରିବା, ଠିକା ଶ୍ରମିକ ଠିକା କର୍ମଚାରୀ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବା, ୨୦୨୨ ଇଲେକ୍ଟ୍ରି ବିଲ୍ ଉଚ୍ଛେଦ,୨୦୨୩ ଜଙ୍ଗଲ ସଂରକ୍ଷଣ ଆଇନ୍‌ର ଉଚ୍ଛେଦ, ମନରେଗା ଯୋଜନାରେ ବର୍ଷକୁ ୨୦୦ ଦିନର କାମ ସହ ଦୈନିକ ୬୦୦ଟଙ୍କା ମଜୁରୀ ପ୍ରଦାନ ଇତ୍ୟାଦି ଦାବି ଅନ୍ତର୍ଭୁକ୍ତ। ଦାବିପତ୍ର ପ୍ରଦାନରେ ଆଇଏନଟିୟୁସିର କୈଳାସ ମହାନ୍ତ, ଏଆଇଟିୟୁସି ପକ୍ଷରୁ ମଦନମୋହନ ଜେନା, କାହ୍ନୁଚରଣ ବେହେରା, ମହେଶ୍ୱର ବେହେରା, ସିଆଁଇଟିୟୁ ଜିଲ୍ଲା ସଭାପତି ସାଥୀ ରବି ଗୋସ୍ୱାମୀ ଓ ଏଆଇୟୁଟିୟୁସିର ସାଥୀ ପିତାମ୍ବର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଘୋଷଯାତ୍ରା ପାଇଁ ପୁରୀକୁ ଗଲା ରଥକାଠ

ବୁଗୁଡା, (ସବ୍ୟୁ): ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିନସ୍ତ ବୁଗୁଡା ବନାଞ୍ଚଳର ଖରିଡା ସଂରକ୍ଷିତ ଜଙ୍ଗଲ ଏବଂ ବି.ବ୍ରହ୍ମପୁର ଗ୍ରାମରୁ ପାଞ୍ଚ ଗୋଟି ଫାର୍ସି ଗଛ ଚିହ୍ନଟ କରାଯାଇ ସେଥିରୁ ୨୫୬ ଘନଫୁଟର ଆଠ ଖଣ୍ଡ କାଠ କଟାଯାଇ ଏକ ଟ୍ରକ ଯୋଗେ ପୁରୀ ରଥଖଳାକୁ ପ୍ରେରଣ କରାଯାଇଥିବା ଜଣାଯାଇଛି । ଉକ୍ତ ରଥକାଠ ପ୍ରେରଣ ସମୟରେ ରଥକାଠ ବୋଝେଇ ଗାଡିକୁ ବି.ବ୍ରହ୍ମପୁର ଓ ଖରିଡା ଗ୍ରାମବାସୀ ଘଣ୍ଟତାଳ ଓ ମୃଦଙ୍ଗ ବଜାଣ ସାଙ୍ଗକୁ ବନ୍ଦାପନା କରି ଗାଡିକୁ ବିଦାୟ ଦେଇଥିଲେ। ପୁରୀ ଘୋଷଯାତ୍ରାରେ ରଥ ନିର୍ମାଣ ନିମନ୍ତେ ସଂଗୃହୀତ ରଥକାଠ ବୋଝେଇ ଟ୍ରକ ବୁଗୁଡା ବଡଦାଣ୍ଡରେ ପହଞ୍ଚିବା ପରେ ସେଠାରେ ବିଧିବିଧାନ ପୂର୍ବକ ପୂଜକ ଦିନବନ୍ଧୁ ପାଣିଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ପୁରୀ ଅଭିମୁଖେ ପ୍ରେରଣ କରାଯାଇଥିଲା । ଶ୍ରୀକ୍ଷେତ୍ର ପୁରୀକୁ ଶ୍ରୀଜୀଉଙ୍କ ରଥ ନିର୍ମାଣ ପାଇଁ କାଠ ଯାଉଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିବା ସହ ଗାଡିକୁ ଛୁଇଁ ମୁଣ୍ଡରେ ଲଗାଉଥିବାର ଦେଖିବାକୁ ମିଳିଥିଲା। ଉକ୍ତ ରଥକାଠ ପ୍ରେରଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଡିଏଫଓ ବିନୋଦ ଆଚାର୍ଯ୍ୟ ଓ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ସମେତ ସ୍ଥାନୀୟ ବନ ବିଭାଗ କର୍ମଚାରୀ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ବିବାହିତା ମହିଳାଙ୍କୁ ହତ୍ୟା ଅଭିଯୋଗ

## ସ୍ୱାମୀ ସହ ୨ ଦେଢଶୁର ଗିରଫ, ମଶାଣିରୁ ହାଡ ଓ ପାଉଁଶ ଜବତ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅରଖପୁର ଗ୍ରାମରେ ଜନୈକା ବିବାହିତା ମହିଳାଙ୍କୁ ହତ୍ୟା କରିବା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କ ସମେତ ଦୁଇ ଦେଢଶୁରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ମୃତା ବିବାହିତା ମହିଳା ଜଣକ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଦେଓଗାଁର ବଳରାମ ପ୍ରଧାନଙ୍କ ଝିଆରୀ ବର୍ଷା ମଲିକ (୩୦) ଏବଂ ଗିରଫ ତିନି ଜଣ ହେଲେ ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅରଖପୁର ଗ୍ରାମର ବିଜୟ ମଲିକଙ୍କ ପୁଅ ଅରୁଣ ମଲିକ(୩୫), ରାମଚନ୍ଦ୍ର ମଲିକ(୪୦) ଓ ଲକ୍ଷ୍ମଣ ମଲିକ(୩୭)। ଏନେଇ ବଳରାମ ପ୍ରଧାନଙ୍କ ଅଭିଯୋଗ କ୍ରମେ ବୁଗୁଡା ଥାନାରେ କେସ୍ ନଂ ୩୩୩/୨୫ରେ ଏକ ମାମଲା ରୁଜୁ ହୋଇଥିଲା। ବର୍ଷା ୬ ବର୍ଷ ତଳେ ଅରୁଣଙ୍କୁ ବିବାହ କରିଥିଲେ ଏବଂ ଦାବି ମୁତାବକ ଯୌତୁକ ମଧ ପ୍ରଦାନ କରାଯାଇଥିଲା। ତାଙ୍କର ୩ ବର୍ଷର ଝିଅଟିଏ ରହିଥିବା ବେଳେ ସ୍ୱାମୀ, ଦୁଇ ଦେଢଶୁର, ଯାଆ ଓ ନଣନ୍ଦଙ୍କ ଦ୍ୱାରା ସେ ଯୌତୁକ ନିର୍ଯାତନାର ଶିକାର ହୋଇଆସୁଥିଲେ। ତେବେ ଗତ ୧୭ ତାରିଖ ଦିନ ସନ୍ଧ୍ୟାରେ ବର୍ଷା ତାଙ୍କ ମାଆଙ୍କ ସହ ଫୋନରେ କଥା ହୋଇଥିଲେ। ଏହାର ଦେଢ ଘଣ୍ଟା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବର୍ଷାଙ୍କ ଦାଦା ବଳରାମ ବାଲିପଦର ଫାଣ୍ଡିରେ ତାଙ୍କ ଝିଆରୀକୁ ହତ୍ୟା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ମଶାଣିରୁ ହାଡ ଓ ପାଉଁଶ ଜବତ କରିଥିଲା। ଏହି ଘଟଣାରେ ପୋଲିସ ତିନି ଜଣଙ୍କୁ ଗିରଫ କରିଥଲେ ।

# ଯୁବ ପୀଢ଼ିଙ୍କୁ ମଞ୍ଚ ନାଟକ ପ୍ରତି ଆକର୍ଷିତ କରିବା ପାଇଁ ଅଭିନବ ପ୍ରୟାସ

ବାରିପଦା, (ସବ୍ୟୁ) : ଆଜିର ଯୁବପୀଢ଼ି ରିଲ, ୱେବ ସିରିଜ, ଟିଭି ଓ ସିନେମାରେ ଅଭିନୟ କରି ଅଳ୍ପ ସମୟ ମଧ୍ୟରେ ଲୋକପ୍ରିୟତା ଓ ଟଙ୍କା ଉପାର୍ଜନ କରିବା ପାଇଁ ବ୍ୟତିବ୍ୟସ୍ତ ଓ ମାତ୍ର ଏହା ସତ୍ୟ ଯେ, ଥିଏଟରକୁ ଅଭିନୟର ଏନ୍ତୁଡ଼ିଶାଳ ବୋଲି କୁହାଯାଏ । ବିଗତ କିଛି ମାସ ମଧ୍ୟରେ ବାରିପଦାର ସହିଦ ଭବନରେ ଅନେକ ନାଟକ ମଞ୍ଚସ୍ଥ ହୋଇଯାଇଛି ଓ ତନ୍ମଧ୍ୟରୁ ସମ୍ଭାବନା ସାଂସ୍କୃତିକ ପରିଷଦ ପ୍ରଯୋଜିତ ନାଟକ ପାଞ୍ଚାଳୀ ମଧ୍ୟ ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ବହୁ ନୂଆ ଅଭିନେତା/ଅଭିନେତ୍ରୀ ଅଭିନୟ କରିଥିଲେ ଓ ସେମାନଙ୍କୁ ଉତ୍ସାହିତ କରିବା ସହ ନାଟକ ସହ ଜଡିତ ସମସ୍ତଙ୍କୁ ସଂସ୍ଥା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠିତ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଡଃ କୁମରମଣି ନାୟକ ଯୁବପୀଢ଼ି ନାଟକ ପ୍ରତି ଆକୃଷ୍ଟ ହେଉଥିବାରୁ ସେ ସନ୍ତୁଷ୍ଟି ପ୍ରକାଶ କରିଥିଲେ । ମୁଖ୍ୟଅତିଥିଙ୍କ ହାତରେ ନାଟ୍ୟକାର ଇନ୍ଦୁ ଭୂଷଣ କାନୁନଗୋ, ନିର୍ଦ୍ଦେଶକ ଅଧ୍ୟାପକ ରାଜେଶ ଦାଶଙ୍କ ସମେତ ଆଦିତି ପ୍ରଧାନ, ସ୍ରିଷ୍ଟି ସାନଭି ପାତ୍ର, ରାଜେଶେନି ଜେନା, ଜ୍ୟୋତିର୍ମୟୀ ପଲେଇ, ହିମାଂଶୁ ସାହୁ, ଶୁଭମ ପ୍ରସାଦ, କ୍ରିଷ୍ଣା ମୋହନ ଦାସ, ଚିନ୍ମୟ ସେଜପଡା, ସୁଜୟ ମହାନ୍ତି, ଧର୍ମଜିତ ମହାପାତ୍ର, ଗୁହିରାମ ଜେନା, ରଣଜିତ ସାହୁ, ଜ୍ଞାନ ପଣ୍ଡା, ଗୋକୁଳ ଚନ୍ଦ୍ର ଦାସ, ପ୍ରସନ୍ନ କୁମାର ମହାନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ସହାୟତା ପ୍ରଦାନ କରିଥିବା ଖୁସବୁ ଦାଶ, ଦର୍ଶନା ଭଞ୍ଜଦେଓ, ଦୀପଶିଖା ବିନ୍ଧାଣି, ଦେବାନନ୍ଦ ପାତ୍ର ଓ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

यूनियन बैंक ऑफ़ इंडिया Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡ଼ା
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ୍.ଆଇ. ଜିଜିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଓବ୍ଲିଗାଣ୍ଟଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ତାରିଖ/ ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିର ବିବରଣୀ |
|---|---|---|---|
| କାଶୀନଗର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟମାନେ: ୧) ଶ୍ରୀମତୀ ସିର୍ଲା ଚିନ୍ନାମ୍ମା, ସ୍ୱାମୀ: ସିର୍ଲା ରାମା ରାଓ, ଗ୍ରାମ/ଥାନା: ହରିଜନ ସାହି, କାଶୀନଗର, ଜିଲ୍ଲା: ଗଜପତି, ଓଡ଼ିଶା-୭୬୧୨୦୬, ୨) ଶ୍ରୀ ସିର୍ଲା ରାଜା ଶେଖର ରାଓ, ପିତା: ଏସ୍ ରାମା ରାଓ, ହରିଜନ ସାହି, ୱାର୍ଡ-୨, କାଶୀନଗର, କାଶୀନଗର-୭୬୧୨୦୬, ଜିଲ୍ଲା: ଗଜପତି, ଓଡ଼ିଶା, ଭାରତ, ୩) ଶ୍ରୀମତୀ ସିର୍ଲା ରାଧାମ୍ମା, ସ୍ୱାମୀ: ସିର୍ଲା ରାମା ରାଓ, ହରିଜନ ସାହି, କାଶୀନଗର, ତହସିଲ: କାଶୀନଗର, ଜିଲ୍ଲା: ଗଜପତି, ଓଡ଼ିଶା-୭୬୧୨୦୬ | ୨୦.୦୫.୨୦୨୫ସୁଦ୍ଧା ଟ.୧୨,୪୫,୨୧୮.୧୦ + ସେବାବଦ ସୁଧ ଏବଂ ଦେୟ | ୩୧.୧୨.୨୦୨୪ / ୨୦.୦୫.୨୦୨୫ | ସିର୍ଲା ଚିନ୍ନାମ୍ମାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୦୦୬ଡିସିମିଲି, ଖାତା ନଂ.: ୨୩୮୫, ପ୍ଲଟ୍ ନଂ.: ୬୩୬୦, ମୌଜା: କାଶୀନଗର, ୱାର୍ଡ ନଂ.: ୨, ହୋଲ୍ଡିଂ ନଂ.: ୧୮୯, ତହସିଲ: କାଶୀନଗର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସିର୍ଲା ନୀଳମ୍ମାଙ୍କ ଘର, ଦକ୍ଷିଣ: ରାସ୍ତା, ପୂର୍ବ: ସିର୍ଲା ପୁଷ୍ପା ରାଓଙ୍କ ଘର, ପଶ୍ଚିମ: ସିର୍ଲା ଯାକିଙ୍କ ଘର |
| ପାରଳାଖେମୁଣ୍ଡି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟମାନେ: ୧) ଶ୍ରୀ ଗୋଡି ଚନ୍ଦ୍ରରାଓ, ପିତା: ୪ ଜି ଆପା ରାଓ, ୱାର୍ଡ ନଂ.: ୮, ପାରଳାଖେମୁଣ୍ଡି, ବାଟ ଗୋଡସାହି, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡ଼ିଶା-୭୬୧୨୦୦, ୨) ଶ୍ରୀ ମୁରଲୀ ସୂର୍ଯ୍ୟରାଓ, ପିତା: ଏମ୍ ଶ୍ରୀନିବାସ ରାଓ, ବ୍ୟବସାୟ: ବାଟଗୋଡ ଷ୍ଟ୍ରିଟ୍ ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡ଼ିଶା-୭୬୧୨୦୦ | ୨୦.୦୫.୨୦୨୫ସୁଦ୍ଧା ଟ.୧୧,୫୭,୦୫୬.୫୦ + ସେବାବଦ ସୁଧ ଏବଂ ଦେୟ | ୩୧.୧୨.୨୦୨୪ / ୨୦.୦୫.୨୦୨୫ | ଶ୍ରୀ ଗୋଡି ଚନ୍ଦ୍ରରାଓଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୦୧୯ ଡିସିମିଲି, ଖାତା ନଂ.: ୪୨୦ (ପୁରୁଣା)/ ୩୦/୫୬୩ (ନୂଆ), ପ୍ଲଟ୍ ନଂ.: ୧୮୭ (ପୁରୁଣା)/୧୫୮୧ (ନୂଆ), ମୌଜା: କୃଷ୍ଣଚନ୍ଦ୍ରପୁର, ନର୍ଦନ ରୋ, ତହସିଲ: ପାରଳାଖେମୁଣ୍ଡି, ଏହାର ଚାରିପାର୍ଶ୍ୱରେ ଉତ୍ତର: ମ୍ୟୁନିସିପାଲିଟି ଲେନ, ଦକ୍ଷିଣ: ମ୍ୟୁନିସିପାଲିଟି ଲେନ, ପୂର୍ବ: ଟି ମିନା ରାଓଙ୍କ ଗୃହ ବର୍ତ୍ତମାନ ଶ୍ରୀ ଏମ୍ ବୁଲାମନ୍ନଙ୍କର, ପଶ୍ଚିମ: କେ ସି ବେହେରାଙ୍କ ଗୃହ |

ସ୍ଥାନ: ରାୟଗଡ଼ା
ତାରିଖ: ୨୦.୦୫.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର, ପ୍ଲଟ୍ ନଂ.: ୭୭୧, ଶୁଭମ ସାଇ ଆର୍କେଡ୍, ୨ୟ ମହଲା, ପୁରୁଣା ବସ୍ ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର-୭୬୦୦୦୧, ମୋ.: ୯୩୩୭୦୦୫୦୩୫

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ତା.୦୫.୦୬.୨୦୨୫ରିଖ ଅପରାହ୍ନ ୪.୦୦ଘଟିକା ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆସନ୍ତା ତା.୦୬.୦୬.୨୦୨୫ ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଆମ ବ୍ୟାଙ୍କ ଶାଖା ପରିସରରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ବକେୟା ରାଶି (ଟଙ୍କାରେ) | ମୋଟଓଜନ (ଗ୍ରାମରେ) | ନେଟ ଓଜନ (ଗ୍ରାମରେ) |
|---|---|---|---|---|---|
| ବ୍ରହ୍ମପୁର କମାପଲ୍ଲି ଶାଖା (୦୨୮୩୯), ଫୋନ୍ ନଂ.: ୯୧୨୪୫୭୭୯୮୪, ନିଲାମ ତାରିଖ: ୦୬.୦୬.୨୦୨୫ | | | | | |
| ୧. | ୧୮୦୦୫୩୪୪୬୭୩୨ | କୁମୁଦ ଚନ୍ଦ୍ର ଦଳାଇ, ପିତା: ଅଭିମନ୍ୟୁ ଦଳାଇ, ସା: ନୀଳକଣ୍ଠନଗର (ଅମ୍ବିକା ନଗର, ବିଜିପୁର, ବ୍ରହ୍ମପୁର, ଓଡ଼ିଶା, ପିନ୍-୭୬୦୦୦୪ | ୯୨,୫୮୮.୦୦ | ୩୮.୬୦ | ୨୯.୦୦ |
| | ୧୮୦୦୫୩୪୪୬୯୧୦ | | ୫୮,୦୨୩.୦୦ | ୨୭.୪୦ | ୨୦.୦୦ |
| ଗଞ୍ଜାମ ଶାଖା (୦୬୭୪୯), ଫୋନ୍ ନଂ.: ୯୧୨୪୫୭୭୯୮୪, ନିଲାମ ତାରିଖ: ୦୬.୦୬.୨୦୨୫ | | | | | |
| ୨. | ୧୮୦୩୦୦୨୬୪୧୦୨ | ଦୋଳଗୋବିନ୍ଦ ପଟ୍ଟନାୟକ, ପିତା: କୁମୁଦ ଚନ୍ଦ୍ର ପଟ୍ଟନାୟକ, ସା: ସାମନ୍ତରା ଷ୍ଟ୍ରିଟ, ପୋ: ଗଞ୍ଜାମ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୨୬ | ୧,୦୫,୦୦୦.୦୦ | ୨୫.୩୦ | ୨୦.୨୪ |
| | ୧୮୦୩୬୩୦୫୬୮୬୧ | | ୬୩,୦୦୦.୦୦ | ୧୫.୧୦ | ୧୧.୭୦ |
| ମାଲିସାହି ଶାଖା (୧୮୦୦୫), ଫୋନ୍ ନଂ.: ୯୧୨୪୫୭୭୯୮୪, ନିଲାମ ତାରିଖ: ୦୬.୦୬.୨୦୨୫ | | | | | |
| ୩. | ୧୮୦୦୪୬୫୫୦୨୫୦ | ରିନା ବେହେରା, ସ୍ୱାମୀ: ରବିନ୍ଦ୍ର ବେହେରା, ସା: କଞ୍ଚନବିଲି, ପୋ: କ୍ରୀଡାସପୁର, ନୟାଗଡ଼, ଓଡ଼ିଶା, ପିନ୍-୭୫୨୦୭୦ | ୩୪,୮୭୫.୦୮ | ୧୨.୦୦ | ୯.୨୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର) ଅମାନତ ଆକାରରେ ଜମା ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ପରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ସର୍ବୋଚ୍ଚ ନିଲାମ ଡାକ, କାନାରା ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷିତ ହେଲାପରେ ହିଁ ନିଲାମ ଡାକ ସିଦ୍ଧ ହେବ ।
୬) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୭) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, କାନାରା ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବାର ୨ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା କରିଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
୮) କାନାରା ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୯) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ କାନାରା ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୧୦) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।

ତାରିଖ : ୨୦.୦୫.୨୦୨୫, ସ୍ଥାନ : ବ୍ରହ୍ମପୁର

କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

ADMISSION NOTICE
COMMON ENTRANCE TEST- 2025
FOR ADMISSION AT

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

NATIONAL INSTITUTE FOR LOCOMOTOR DISABILITIES (NILD)
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

All above Institutes under DEPwD (Divyangjan), Ministry of Social Justice and Empowerment, Govt. of India

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)

Eligibility : 10+2 Science

POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

AND

1. Master in Prosthetics & Orthotics Course at PDUNIPPD, New Delhi
Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

For details Log on to : https://admission.svnirtar.nic.in

Director Cum Chairman,
CET & PGET-2025

## ଅଗ୍ନିକାଣ୍ଡରେ ୪ ପରିବାର ସର୍ବସ୍ୱାନ୍ତ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ତହସିଲ ଅନ୍ତର୍ଗତ ପାଲଟପୁର ପଞ୍ଚାୟତ ବିଷ୍ଣୁନନ୍ଦିପୁର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡରେ ଗ୍ରାମର ୪ ପରିବାର ସର୍ବସ୍ୱାନ୍ତ ହୋଇପଡିଥିବା ଜଣାଯାଇଛି । ଅଗ୍ନିକାଣ୍ଡରେ ଗ୍ରାମର ଉମାକାନ୍ତ ଯେନା, କାଶୀନାଥ ଯେନା, ରମାକାନ୍ତ ଯେନା ଏବଂ ସୂର୍ଯ୍ୟକାନ୍ତ ଯେନାଙ୍କ ୭ ବଖରା ବାସଗୃହ ୨ ଟି ଗୁହାଳ ସମେତ ୪ ପରିବାରଙ୍କ ଘରେ ଥିବା ଲକ୍ଷ ଲକ୍ଷ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଗତ ସୋମବାର ବିଳମ୍ବିତ ରାତିରେ ଘଟିଥିବା ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ ନେଇ ଅଗ୍ନିକାଣ୍ଡ ଘଟାଇଥିବା ଗାଁ ଲୋକେ ସନ୍ଦେହ କରୁଛନ୍ତି । ୪ ପରିବାର ଲୋକେ ଖାଇ ସାରି ନିଘୋଡ଼ ନିଦରେ ଶୋଇଥିବା ବେଳେ ପଡୋଶୀଙ୍କ ଡାକ ଶୁଣି ଘରେ ନିଆଁ ଲାଗିଥିବା ଜାଣି ଘରୁ ବାହାରକୁ ଆସି ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ ମଧ୍ୟ ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଘରୁ କୌଣସି ଗୋଟିଏ ଆସବାବପତ୍ର ବାହାରକୁ ଆଣିବା ସମ୍ଭବ ହୋଇପାରିନଥିଲା । ଗ୍ରାମବାସୀଙ୍କ ବହୁ ଉଦ୍ୟମ ସତ୍ତ୍ୱେ ନିଆଁ ଲିଭାଇବା ଅସମ୍ଭବ ହୋଇପଡିବାରୁ ଦଶରଥପୁର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲେ ହେଁ ଗ୍ରାମକୁ ପୂର୍ଣ୍ଣ ବର୍ଷ ଧରି ରହିଥିବା ରାସ୍ତା ଅବରୋଧ ସମସ୍ୟା ଯୋଗୁଁ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ସଠିକ ସମୟରେ ପହଁଚି ନପାରି ବିଳମ୍ବରେ ପହଁଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ୪ ପରିବାର ସର୍ବସ୍ୱାନ୍ତ ହୋଇସାରିଥିଲେ । ଅଗ୍ନିପିଡ଼ିତ ୪ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଜିପିକା ମଲ୍ଲିକ ଓ ଗ୍ରାମବାସୀ ଦାବି କରିଛନ୍ତି ।

## ମହିଳାଙ୍କୁ ଯୌତୁକ ନିର୍ଯାତନା, ୪ଜଣଙ୍କ ନାଁରେ ମାମଲା

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକ ମଙ୍ଗରାଜପୁର ଗାଁର ବାବାଜୀ ରାଉତଙ୍କ ଝିଅ ଉତ୍କଳିକା ରାଉତ ୧୧ ଫେବ୍ରୁୟାରି ୨୦୨୩ରେ ମହିଁଶାସୁର ଗାଁର ନାରାୟଣ ରାଉତଙ୍କ ସାନ ପୁଅ ପ୍ରଦୀପ ରାଉତଙ୍କୁ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ବିବାହର ୬ ମାସ ପରେ ଶାଶୁ , ଶଶୁର , ସ୍ୱାମୀ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ । ସମସ୍ତେ ମୋତେ ମିଳିମିଶି ଗୁଡିକୁ ଧରି ତଳେ ଘୋଷାଡି ଜୀବନରୁ ମାରିଦେବା ପାଇଁ ବିଷ ବୋତଲ ଆଣି ଜୋରଜବରଦସ୍ତ ପିଇବାକୁ ଦେଉଥିଲେ । ବିଷ ବୋତଲକୁ ଫିଙ୍ଗି ଭାଙ୍ଗି ଦେବାରୁ ମାଡ ମାରିବା ସହ ଖାଇବାକୁ ନଦେଇ ଘର ଭିତରେ ପୁରାଇ ବାହାର ପଟୁ ତାଲା ଦେଇଦେଉଥିଲେ । ଖବରପାଇ ଉତ୍କଳିକାଙ୍କ ସହିତ ବାପା ଶାଶୁ ଘରକୁ ଆସିଲା ପରେ ତାଙ୍କୁ ମୋ ସହିତ ଦେଖା କରାଇ ଦେଲେ ନାହିଁ । ବାପା ଫେରିଯିବା ପରେ ଶଶୁର ପ୍ରକୃତି ଖଟ ଉପରେ ପକାଇ ତକିଆକୁ ଚିପି ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଉତ୍କଳିକା ଅଭିଯୋଗରେ ଦର୍ଶାଇଛନ୍ତି । ଉତ୍କଳିକାଙ୍କ ବାପା ବାବାଜୀ ରାଉତ ଝିଅକୁ ମାଡ ମାରି ଘରେ ବନ୍ଦ କରି ରଖିଛନ୍ତି , ଉଦ୍ଧାର କରିବାକୁ ଲିଖିତ ଭାବେ ଜଣାଇବା ପରେ ପୋଲିସ ମହିଁଶାସୁରରେ ପହଞ୍ଚି ଉତ୍କଳିକାଙ୍କୁ ଉଦ୍ଧାର କରିବା ପାଇଁ ନାକେଦମ ହେବାକୁ ପଡିଥିଲା । ରାଜନଗର ଥାନାରେ କେସ ନମ୍ବର ୧୬୮ , ଦଫା ୮୫ , ୧୧୫ (୨) , ୭୪ , ୩୫୧ (୨ ) , ୩ ( ୫ ) ଓ ଯୌତୁକ ନିରୋଧ ଆଇନ ଦଫା ୪ ରେ ମାମଲା ରୁଜୁ ହୋଇଛି । ପୋଲିସ ମାମଲା ରୁଜୁ କରିଥିଲେ ବି କାହାରୀକୁ ଗିରଫ କରୁନଥିବା ନେଇ ଆଜି ମୁଖ୍ୟମନ୍ତ୍ରୀ ଓ ମହିଳା କମିଶନଙ୍କ ନିକଟରେ ନ୍ୟାୟ ପାଇଁ ଅଭିଯୋଗ କରିଛନ୍ତି ।

## ଅଜଣା ଗାଡି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଶ୍ରମିକ ଗୁରୁତର ଆହତ ହୋଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି । ଭଦ୍ରକ ଜିଲ୍ଲା ଭଦ୍ରକ ଗ୍ରାମଂଚଳ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ବାବାଜି ରାଉତ (୫୫) ନାମକ ବ୍ୟକ୍ତି ତାଙ୍କ ଅଂଚଳର ରାଜମିସ୍ତ୍ରୀଙ୍କ ସହିତ ଆସି ଶ୍ରମିକ ଭାବେ ବିଦ୍ୟା ସ୍କୁଲର ଘର ନିର୍ମାଣ କରୁଥିଲେ । ସେମାବାର ବାବଜୀ ବୈତରଣୀରୋଡ ବଜାରକୁ ଯାଇଥିଲେ । ସେଠାରୁ ସନ୍ଧ୍ୟାରେ ଅମୃତିଆ ପାଣିକୋଇଲି ରାସ୍ତା ଦେଇ ଚାଲି ଚାଲି ଫେରୁଥିବା ବେଳେ ବିଦ୍ୟାଳୟର ଅନତୀଦୂରରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲ

## ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘର ଗଣଧାରଣା

ଚଣ୍ଡିଖୋଲ ,(ସବ୍ୟୁ) : ବିଭିନ୍ନ ଦାବି ସହ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଙ୍ଘର ସମ୍ପାଦକଙ୍କୁ ଅନ୍ୟାୟଭାବେ କରାଯାଇଥିବା ବଦଳି ପ୍ରତିବାଦରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଙ୍ଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ମଙ୍ଗଳବାର ଦିନ ଚଣ୍ଡିଖୋଲସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି । ସଂଘ ସମ୍ପାଦକଙ୍କୁ ଆକ୍ରୋଶ ମୂଳକ ଭାବେ ସୁକିନ୍ଦାରୁ ରସୁଲପୁରକୁ ବଦଳି କରାଯିବା ଆଦେଶର ପ୍ରତ୍ୟାହାର ଓ କର୍ମଚାରୀ ମାନଙ୍କ ଜୀବନ ବୀମା ଅର୍ଥ ଓ ଇ, ପି,ଏଫ୍, ଅର୍ଥ ଜମା କରାଯିବା, ମହଙ୍ଗା ଭତ୍ତା ଏବଂ ମୃତ୍ୟୁ କାଳୀନ ସହାୟତା ରାଶି ପ୍ରଦାନ କରାଯିବା ଆଦି ଦାବିନେଇ ଏହି ଗଣଧାରଣା ଆରମ୍ଭ କରାଯାଇଥିବା ସଂଘ ନେତାମାନେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସଙ୍ଘ ପକ୍ଷରୁ ଯାଜପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଯାଜପୁର, ଇ,ଆଇ,ସି ଭୁବନେଶ୍ୱର, ମୁଖ୍ ଯନ୍ତ୍ରୀ, ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି । ଯଥାଶୀଘ୍ର ଏହି ନାର୍ଯ୍ୟ ଦାବି ପୂରଣ ନହେଲେ ଆନ୍ଦୋଳକୁ ବ୍ୟାପକ କରାଯିବା ସଙ୍ଗେସଙ୍ଗେ ଗଣଧାରଣାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରଖାଯିବ ବୋଲି ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି ।

## ୧୯ ଏସ୍ଏଚ୍‌ଜି ମହିଳା ଗ୍ରୁପ୍‌ଙ୍କୁ ସହାୟତା ରାଶି ବଣ୍ଟନ

କୁଜଙ୍ଗ ,(ସବ୍ୟୁ) : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ପରିଚାଳିତ ଆତ୍ମା ପକ୍ଷରୁ କୁଜଙ୍ଗ ବ୍ଲକ୍‌ର ୧୯ଟି ମହିଳା ଏସ୍ଏଚ୍‌ଜି ଦଳଙ୍କୁ କୁଜଙ୍ଗ କୃଷି ଫାର୍ମଠାରେ ଅର୍ଥରାଶି ବଂଟନ କରାଯାଇଛି। ବିନା ସୁଧରେ ଦିଆଯାଉଥିବା ୧୦ ହଜାର ଟଙ୍କା କରି ଚେକ୍ ପ୍ରଦାନ କରାଯାଇଛି। ଏହି ଅର୍ଥ ରାଶିକୁ ମହିଳାମାନେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବିନିଯୋଗ କରି ୬ ମାସ ମଧ୍ୟରେ ଟଙ୍କା ଫେରସ୍ତ କରିବେ। କୁକୁଡ଼ା ଫାର୍ମ,ମାଛ ଚାଷ, ପଶୁ ପାଳନ, ମାଣ୍ଡିଆ ଚାଷ, ମାଣ୍ଡିଆର ବିଭିନ୍ନ ଜିନିଷ ପ୍ରସ୍ତୁତି ବିରି ମୁଗ ଓ ଧାନ ଚାଷ ଭଳି ବିଭିନ୍ନ କାର୍ଯ୍ୟରେ ମହିଳାମାନେ ଏହି ଅର୍ଥ ବିନିଯୋଗ କରିପାରିବେ। କୃଷି ବିଭାଗ ସମ୍ମିଳନୀ ପକ୍ଷରୁ ଆୟୋଜିତ ଉତ୍ସବରେ କୁଜଙ୍ଗ ବ୍ଲକ୍ କୃଷି ଉନ୍ନୟନ କମିଟିର ଅଧ୍ୟକ୍ଷ ପ୍ରହ୍ଲାଦ ବେହେରା,ବ୍ଲକ୍ କୃଷି ଅଧିକାରୀ ସୀତା ରତ୍ନମାଳା ଦାସ, ମତ୍ସ୍ୟ ଅଧିକାରୀ ସ୍ୱସ୍ତିକ ସତ୍ୟନାରାୟଣ, ସହକାରୀ ପଶୁପାଳନ ଅଧିକାରୀ ଡା. ଆଶୀଷ ସାହୁ, କୃଷି ଉନ୍ନୟନ କମିଟିର ସଦସ୍ୟ ଜୀବନାନନ୍ଦ ଅଧିକାରୀ, ନଳିନୀ ପଣ୍ଡା, ସରୋଜିନୀ ମିଶ୍ର, ସରୋଜିନୀ ପାଣି, ସସ୍ମିତା ସାମଲଙ୍କ ସମେତ ୧୪ ଜଣ ସଦସ୍ୟ ଏଥିରେ ଯୋଗଦେଇଥିଲେ। ମତ୍ସ୍ୟ ଚାଷ ଓ ପଶୁ ପାଳନ ଉପରେ ଅଧିକାରୀମାନେ ରାଜ୍ୟ ସରକାରଙ୍କର ବିଭିନ୍ନ ଉପାଦେୟ ପ୍ରଣାଳୀ ଓ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମହିଳା ଗ୍ରୁପ୍‌ର ଦଳପତିମାନେ ସେମାନଙ୍କର ସହାୟତା ଅର୍ଥ କିପରି ବିନିଯୋଗ କରୁଛନ୍ତି ବର୍ଣ୍ଣନା କରିଥିଲେ। ବିଶେଷ କରି ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆତ୍ମାର ବ୍ଲକ୍ ଟେକ୍‌ନୋଲୋଜି ମ୍ୟାନେଜର ତୁଳସୀ ମାହାନା ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

## ମିଳିଲାନି ମୃତଦେହ, ଫେରିଗଲା ବିହାର ପୋଲିସ

### ରହସ୍ୟ ଘେରରେ ଗୋରେଖଙ୍କ ହତ୍ୟାକାଣ୍ଡ

ପାରାଦୀପ,( ଜି ପ୍ର ): ତିନିଦିନର ଅକ୍ଲାନ୍ତ ପରିଶ୍ରମ ପରେ ଶେଷରେ ନିରାଶ ହୋଇ ନିଜ ରାଜ୍ୟକୁ ଆଜି ଅପରାହ୍ନରେ ଫେରିଯାଇଛି ବିହାର ପୋଲିସ । ବନ୍ଦର ନଗରୀ ପାରାଦୀପର ଦୋଛକିରେ ଥିବା ବିଏସ ହେଭି ଇଂଣ୍ଡଷ୍ଟ୍ରିରେ ବିହାର ରୋତାଶା ଜିଲ୍ଲାର ନାସିରଗଞ୍ଜ ଥାନା ଅଞ୍ଚଳର ଗୋରଖ କୁମାର ଓରଫ ବିଜୁଙ୍କ ହତ୍ୟାକାଣ୍ଡ ଗତ ଫେବୃଆରି ଦୁଇ ତାରିଖରେ ହୋଇଥିବା ନିଜେ ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତ ଅଜୟ ପୋଲିସ ଓ କୋର୍ଟ ଆଗରେ ନିଜ ବୟାନ ମାଧ୍ୟମରେ ସ୍ୱୀକାର କରିଥିବା ବେଳେ ଏବେ ଗୋରେଖଙ୍କର ମୃତଦେହ ମିଳୁନାହିଁ । କୋର୍ଟରୁ ରିମାଣ୍ଡରେ ଆଣି କ୍ରାଇମ ସ୍ପଟରେ ବିହାର ପୋଲିସ ତିନିଦିନ କାଳ ଖାନତଲାସ କରିବା ପରେ ହତ୍ୟାରେ ବ୍ୟବହୃତ ତାଓ୍ୱା ଓ ମୃତ ଗୋରେଖଙ୍କର ଜୋତା ପୋଲିସ ଜବତ କରି ବିହାର ନେଇଛି । ଅଭିଯୁକ୍ତ ଅଜୟର ଭଳିଭଳି ବୟାନ ପୋଲିସକୁ ନାକେଦମ କରିଥିବା କୁହାଯାଉଛି । ଦୁଇଦିନ ଧରି ଉକ୍ତ କମ୍ପାନୀର ମାଲିକ ,ମ୍ୟାନେଜେର ଓ ଅନ୍ୟ କର୍ମଚାରୀ ମାନେ ପୋଲିସ ସାମ୍ନାକୁ ଆସୁନଥିବା ବେଳେ ନିଜେ ମାଲିକ ଗତକାଲି ସ୍ଥାନୀୟ ଲକ ଥାନାରେ ପହଞ୍ଚି ଥିଲେ । ବିହାର ପୋଲିସ ତାଙ୍କୁ ମାରାଥନ ଜେରା କରିବାପରେ ଆଜି ଛାଡି ଦେଇଥିବା ଓ ଅଭିଯୁକ୍ତଙ୍କୁ ସାଙ୍ଗରେ ଧରି ବିହାର ଚାଲିଯାଇଥିବା ଜଣାପଡିଛି । ତେବେ ବାରମ୍ବାର ମତ ବଦଳାଇଥିବା ଅଭିଯୁକ୍ତ ଅଜୟ ଉପରେ ପୋଲିସ ଭରସା କରି ତଦନ୍ତ ଆରମ୍ଭ କରିଥିବା ଓ ମୃତଦେହକୁ ନପାଇ ଶେଷରେ ନିରାଶ ହୋଇ ବିହାର ଫେରିଥିବା ବେଳେ ଅଭିଯୁକ୍ତ ଅଜୟ କଣ ପାଇଁ ବାରମ୍ବାର ମତ ବଦଳାଇଲା ତାକୁ ନେଇ ପୋଲିସ ଏବେ ଖୋଳତାଡ଼ କରିବ ବୋଲି ଜଣାପଡିଛି । ଏହି ହତ୍ୟାକାଣ୍ଡରେ ଅଜୟ ଏକ ଅଭିଯୁକ୍ତ ନା ତାସହ ଆଉ କେଉଁମାନେ ଅଛନ୍ତି , କିମ୍ବା କାହା ଦୋଷକୁ ସେ ନିଜେ ଭୟଭୀତ ହୋଇ କିମ୍ବା କାହା ଦ୍ୱାରା ପ୍ରଭାଭିତ ହୋଇ ନିଜ ମୁଣ୍ଡକୁ ଦୋଷ ନେଉଛି , ପୋଲିସ ସେଦିଗରେ ଆଗାମୀ ଦିନରେ ତଦନ୍ତ କରିବା ବୋଲି ଚର୍ଚ୍ଚା ହେଉଛି । ଯଦି ଅଜୟ ନିଜେ ଏକୁଟିଆ ହତ୍ୟାକାଣ୍ଡ ଘଟାଇ ମୃତଦେହକୁ କମ୍ପାନୀ ପରିସର ମଧ୍ୟରେ ଛାଡ଼ି ଚାଲିଗଲା , ତେବେ ମୃତଦେହକୁ କେହି କିପରି ଦେଖିଲେ ନାହିଁ ଓ ସେହି ସମୟରେ ପୋଲିସକୁ ଖବର ଦେଲେନାହିଁ କଣ ପାଇଁ । ଯଦି ଅଭିଯୁକ୍ତ ହତ୍ୟାକରି ମୃତଦେହକୁ ଛାଡ଼ି ଚାଲିଗଲା , ତେବେ ମୃତଦେହ କମ୍ପାନୀ ପରିସର ମଧ୍ୟରୁ କିପରି ଓ କିଏ କେଉଁ ପରିସ୍ଥିତିରେ ଗାୟବ କଲା ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ସନ୍ଦେହ ଘେରରେ ବୁଲୁଥିବା ଦୁଇ ଯୁବକଙ୍କୁ ପୋଲିସ ଜିମା

ନାଉଗାଁ, (ସବ୍ୟୁ) : ଜଗତସିଂହପୁର ଜିଲା ବୋରିକିନା ଅଞ୍ଚଳରେ ବୁଲୁଥିବା ଦୁଇ ସନ୍ଦେହ ଯୁବକଙ୍କୁ ଅଟକ ରଖି ବାଲିକୁଦା ପୋଲିସର ଜିମା ଦେଇଛନ୍ତି । ଏହି ଦୁଇ ଯୁବକ ବୋରିକିନା ବଜାରରେ ସନ୍ଦେହ ଜନକ ଭାବରେ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କ ପରିଚୟ ପଚାରିଥିଲେ । ହେଲେ ସେମାନଙ୍କ କଥାରେ ତାଳମେଳ ନରହିବାରୁ ଲୋକେ ସେମାନଙ୍କୁ ଅଟକାଇ ପୋଲିସ ଜିମା ଦେଇଛନ୍ତି । ସେମାନଙ୍କ ଠାରୁ ଏକା ପ୍ରକାର ଫଟୋ ଥିବା ଭିନ୍ନ ଭିନ୍ନ ନାଁରେ ଆଧାର କାର୍ଡ ସହ ଏକ ବାଇକ ଜବତ କରାଯାଇଛି । ଏହି ଦୁଇ ସନ୍ଦେହ ଯୁବକଙ୍କର ସଠିକ ପରିଚୟ ମିଳନାହିଁ ।

## ଆଶାକର୍ମୀ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, (ସବ୍ୟୁ) : ନିଖିଳ ଓଡିଶା ଆଶାକର୍ମୀ ସଂଘ କେନ୍ଦ୍ରାପଡା ଶାଖା ତରଫରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ୯ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସଂପାଦିକା କିଁପ୍ରଭା ନାୟକଙ୍କ ନେତୃତ୍ୱରେ ପ୍ରଶାଁ ଦେବତା, ସଂଯୁକ୍ତା ସାହୁ, ନରହରି ସ୍ୱାଇଁ, ଭଜକିଶୋର ପ୍ରଧାନ, ବରିଷ୍ଠ ଆଇନଜୀବି ରମଣୀ ରଂଜନ ରାଉତରାୟଙ୍କ ନେତୃତ୍ୱରେ ମହାମହିମ ରାଷ୍ଟ୍ରପତିଙ୍କୁ ଆଶାକର୍ମୀ ମାନଙ୍କୁ ୪ଟି ଶ୍ରମକାର୍ଡ କୁ ବାତିଲ କରାଯିବା, ଅଣ ସଂଗଠିତ ଶ୍ରମିକ, ଆଶାକର୍ମୀ, ପାଚିକା, ଅଙ୍ଗନୱାଡି, କୃଷକ ସାଥୀ ମାନଙ୍କୁ ସର୍ବନିମ୍ନ ୨୬ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ କରିବା । ରାଷ୍ଟ୍ରାୟତ ଶିଳ୍ପର ଘରୋଇକରଣ ବନ୍ଦ କରାଯିବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି) ଦିଆଯାଉ । ଆମ ଜିଲ୍ଲାରେ ତୁରଂ ମେଡିକାଲ କଲେଜ ପ୍ରତଷ୍ଠା ଆଦି ଦାବି ଗୁଡିକ ରହିଛି । ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲିକଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୟଲକ୍ଷ୍ମୀ ନାଥଶର୍ମା, ସ୍ୱର୍ଣ୍ଣମରୀ ସାହୁ, ସୁବର୍ଣ୍ଣ ସାହୁ, ରେଣୁବାଳା ସେଣ ପ୍ରମୁଖ ଉପସ୍ଥିତ ଥିଲେ ।

## ବୈରୀଥାନା ପୋଲିସ ପକ୍ଷରୁ ଛତିଆ କଲେଜରେ ସଚେତନତା କାର୍ଯ୍ୟକ୍ରମ



ଛତିଆ/ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲାର ବୈରୀ ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ଦିନ ଛତିଆ ହାଡିଦାସ ମହାବିଦ୍ୟାଳୟରେ ପ୍ରଣିତ ନୂତନ ଆଇନ୍ ଏବଂ ନିଶା ନିବାରଣ ଉପରେ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୈରୀ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ଅଂଶୁମାଳା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜର ଛାତ୍ରଛାତ୍ରୀ ମାନଙ୍କୁ ଭାରତୀୟ ନ୍ୟାୟ ସଂହିତା ଆଧାରରେ ପ୍ରଣୟନ ହୋଇଥିବା ନୂଆ ଦଣ୍ଡବିଧି ଆଇନ୍କୁ ବିଭିନ୍ନ ଦିଗ ସଂପର୍କରେ ବୁଝାଇ କହିଥିଲେ । ମହାପୁରୁଷ ହାଡିଦାସ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜକୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲା ମାନଙ୍କୁ ନିଶା ଶେବନର କୁପରିଣାମ ଓ ନିଶା ନିବାରଣ ବିଷୟରେ ସଚେତନ କରାଇବା ସହ ଛାତ୍ରଛାତ୍ରୀ ମାନେ ଚାହିଁଲେ ନିଜ ପରିବାର ଓ ନିଜ ଗାଁରୁ ନିଶା ନିବାରଣ କରି ସମାଜପାଇଁ ଉଦାହରଣ ହୋଇପାରିବେ ବୋଲି କହିଥିଲେ । ଏଥିରେ ଛତିଆ ସରପଞ୍ଚ ରମେଶ ପୃଷ୍ଟି, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ବନ୍ତଲା ସରପଞ୍ଚ ସମୀର ରାଉତ, ସୋଲର ସରପଞ୍ଚ ବିଜୟ ସ୍ୱାଇଁଙ୍କ ସହ ବୈରୀ ଥାନାର ଏସ୍ ଆଇ ସ୍ନେହଲତା ଗିରି, ସଂଗ୍ରାମ କେଶରୀ ରାଉତ,ଏଏସଆଇ ଧୀରେନକୁମାର ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । କନେଷ୍ଟବଲ ଅଜୟ କୁମାର ଗିରି, ତାପସ କୁମାର ରାଉତରାୟଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ପଞ୍ଚାୟତରେ ଅଡିଟ୍ କାର୍ଯ୍ୟ କେବଳ ଧର୍ମକୁ ଆଖିଠାର

ବିଞ୍ଝାରପୁର,(ସବ୍ୟୁ) :ସମ୍ପ୍ରତି ଗ୍ରାମ ପଂଚାୟତ ମାନଙ୍କୁ ବିପୁଳ ପରିମାଣର ଅର୍ଥ ବିଭିନ୍ନ ଯୋଜନାରେ ବ୍ୟୟ କରିବା ପାଇଁ ଆସୁଥିବା ବେଳେ ବ୍ୟୟ ରାଶିର ଅଡିଟ୍ ବ୍ୟବସ୍ଥାରେ ସ୍ୱଚ୍ଛତା ରହୁ ନଥିବାରୁ ଦୁର୍ନୀତିର କାୟାବୃଦ୍ଧି ଘଟି ଚାଲିଛି । ୨୦୧୨ ମସିହା ପୂର୍ବରୁ ଲୋକାଲ ଫଣ୍ଡ ଅଡିଟ୍ ଅର୍ଥ ବିଭାଗର ଗୋଟିଏ ଅଂଶ ହୋଇ ରହିଥିଲା । କିନ୍ତୁ ଅର୍ଥ କମିଶନ ଓ ମନରେଗା ଯୋଜନାରେ ବ୍ୟାପକ ଅର୍ଥ ଉପଲବ୍ଧ ହେବାରୁ ଅଡିଟ୍ ର କାୟା ବୃଦ୍ଧି କରାଯିବାକୁ ଅର୍ଥ ବିଭଗ ପକ୍ଷରୁ ସ୍ଥିର କରାଗଲା । ୨୦୧୨ ମସିହା ଅକ୍ଟୋବର ମାସରେ ସ୍ଥାନୀୟ ପାଣ୍ଠି ସମୀକ୍ଷା ନାମରେ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ସ୍ଥାପନ କରାଗଲା । ଇତି ମଧ୍ୟରେ ଗ୍ରାମ ପଂଚାୟତମାନେ ବିପୁଳ ପରିମାଣରେ ପାଣ୍ଠି ପ୍ରାପ୍ତ ହେଲେ । ଏହାକୁ ବିଚାରକୁ ନେଲେ ଅର୍ଥ ବିଭାଗର କାର୍ଯ୍ୟ ବଢିଗଲା । କିନ୍ତୁ ବିଗତ ପାଂଚ ବର୍ଷର କାର୍ଯ୍ୟାବଳୀ କୁ ଅନୁଧ୍ୟାନ କଲେ ଜଣାଯିବ ଯେ ଉକ୍ତ ଅଡିଟ ସଂସ୍ଥାର ବିଶ୍ୱସନୀୟତା ଦିନକୁ ଦିନ ହ୍ରାସ ପାଇବାକୁ ଲାଗିଛି । ଏହାର ମୁଖ୍ୟ କାରଣ ହେଲା ଗ୍ରାମ ପଂଚାୟତ ଗୁଡିକ ଅନେକ କ୍ଷେତ୍ରରେ ତିନି ଚାରି ବର୍ଷ ଧରି ଅଡିଟ୍ କରାଯାଉନାହିଁ । ବିଳମ୍ବରେ ଅଡିଟ କରାଯାଉଥିବାରୁ ତତ୍କାଳୀନ ସରପଂଚ ବା କାର୍ଯ୍ୟନିର୍ବାହୀ ଅଫିସରଙ୍କର କାର୍ଯ୍ୟକାଳ ସମାପ୍ତି ବା ବଦଳି ହୋଇ ଯାଇଥିବାର ସମସ୍ୟା ଯୋଗୁ ଅନେକ କ୍ଷେତ୍ରରେ ଆବଶ୍ୟକୀୟ ରେକର୍ଡ ପତ୍ର ଉପଲବ୍ଧ ହୁଏ ନାହିଁ । ଏ କ୍ଷେତ୍ରରେ ଅଡିଟରମାନେ ନ ମିଳିଥିବା ଦସ୍ତାବିଜ ବାବଦୀୟ ପାଣ୍ଠିକୁ ସମୀକ୍ଷାରେ ଆପତି ଜନକ ଭାବରେ ଦର୍ଶାଉଛନ୍ତି । ଏତଦ୍ଦ୍ୱାରା ଉକ୍ତ ଖର୍ଚ୍ଚର ଖୋଜ ଖବର ମିଳୁନାହିଁ । ବକେୟା ରହିଥିବା ଅଡିଟକୁ ସମ୍ପନ୍ନ କରିବାରେ ତ୍ୱରାନ୍ୱିତ କରିବା ଅଡିଟକୁ ଅଧିକ ଶକ୍ତିଶାଳୀ ଏବଂ ଫଳପ୍ରଦ କରିବା ପାଇଁ କର୍ତୃପକ୍ଷଙ୍କର ଦୃଷ୍ଟିପାତର ଆବଶ୍ୟକତା ରହିଛି ବୋଲି ସଚେତନଶୀଳ ନାଗରିକମାନଙ୍କ ତରଫରୁ ଦାବୀ ହୋଇଛି । ଅଡିଟ ର ମାର୍ଗ ଯଦି ସଚ୍ଛ ନ ହୁଏ ତେବେ ବକେୟା ଅଡିଟ ଗୁଡିକର ମୂଲ୍ୟ କିଛି ରହିବନାହିଁ । ସଠିକ ସମୟରେ ତଥା ସମ୍ପୃକ୍ତ ପଦାଧିକାରୀ ବା ନିର୍ବାଚିତ ଜନପ୍ରତିନିଧୀଙ୍କ ଦାୟିତ୍ୱରେ ଥିବା ସମୟରେ ତାଙ୍କ ଦ୍ୱାରା କରାଯାଇଥିବା ଅର୍ଥ ରାଶିର ବ୍ୟୟ ଓ ତତ୍‌ଜନୀତ କାଗଜାତର ଅଡିଟ କରାଯିବା ପାଇଁ ବିଭଗୀୟ ସଂସ୍କାର ପାଇଁ ଦାବୀ ହୋଇଛି ।

## ଶିଷ୍ୟ ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ରାଜକନିକା ,(ସବ୍ୟୁ) :ରାଜକନିକା ବ୍ଲକର ଅଗ୍ରଣୀ ଶୈକ୍ଷିକ ସାମାଜିକ ଅନୁଷ୍ଠାନ ଶିଷ୍ୟ ପକ୍ଷରୁ ଚଳିତବର୍ଷ ବର୍ଷ ମାଟ୍ରିକ ପରୀକ୍ଷାରେ ଏ– ୧ ଙ୍କ ସହ ଅନ୍ୟ ପ୍ରତିଭାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ମା ମାଟିର ସେବା କରିବାକୁ ଆହ୍ୱାନ ଦିଆଯାଇଛି । ନିଜ ଶୈକ୍ଷିକ ବାଗ୍ମୀତାକୁ ସମାଜର କଲ୍ୟାଣରେ ଉତ୍ସର୍ଗ କରି ଗାରିମା ସାଉଁଟିବାକୁ ସମ୍ବର୍ଦ୍ଧନା ଉତ୍ସବରେ କଣ୍ଡିଆ ଫାଣ୍ଡି ଅଧିକାରୀ ଦେବାଶିଷ ପଣ୍ଡା ମତ ପ୍ରକାଶ କରିଛନ୍ତି । ମୁଖ୍ୟବକ୍ତା ଭାବରେ ତରାସ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ରଞ୍ଜନ କୁମାର ଓଝା ଜୀବନର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ । ତରାସ ନୋଡାଲ ହାଇସ୍କୁଲ ପରିସରରେ ଶିଷ୍ୟ ପରିବାରର ଉପସଭାପତି ସୁକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଶିଷ୍ୟର ପ୍ରତିଷ୍ଠାତା ସମ୍ପାଦକ ଡ଼ଃ ସଞ୍ଜୟ ବେହୁରା ଶିଷ୍ୟ ର ଉଦ୍ଦେଶ୍ୟକୁ ସାର୍ବଜନୀନ କରିବା ସହ ସମସ୍ତ ୪ ଜଣ ମାଟ୍ରିକ ଏ ୧ଙ୍କ ସହ ସିବିଏସଇ ର କୃତୀ ଛାତ୍ରୀ ଏବଂ ମା କାଳୀ ଟ୍ୟୁଟୋରିଆଲ ସ୍ୱୟଂ ସିଦ୍ଧ ଗୁରୁଙ୍କୁ ଅତିଥି ମାନେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଆଳି କଲେଜର ପ୍ରାଧ୍ୟାପକ ବିକ୍ରମ ବେହୁରା, ଚାନ୍ଦବାଲି ବିଡ଼ିଓ ସଂଜୀବ କୁମାର ମହାପାତ୍ର ପ୍ରମୁଖ ଛାତ୍ର ଛାତ୍ରୀଙ୍କ ସଫଳତା ପାଇଁ ନିଷ୍ଠା ଓ ଲକ୍ଷ୍ୟ ସ୍ଥିର କରିବାକୁ ଆହ୍ୱାନ ଦେଇଥିଲେ । ସମାରୋହରେ ବ୍ଲକର ଟପ୍ପର ହୋଇଥିବା ରାଜକନିକା ଆର ଏନ ହାଇସ୍କୁଲ ଛାତ୍ର ବୈଭବ ବେହୁରା, ଆଦ୍ୟାଶା ବେହୁରା, ଉତ୍କଳମଣି ନୋଡାଲ ହାଇସ୍କୁଲର ଛାତ୍ର ରୁଦ୍ରମାଧବ ଶତପଥୀ, ନମତରା ହାଇସ୍କୁଲର ଛାତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

## ଅଧାରେ ଅଟକି ରହିଛି ଦୁଇ ସେତୁର ନିର୍ମାଣ କାର୍ଯ୍ୟ

କୁଆଁପାଳ,(ସବ୍ୟୁ) :ମାହାଙ୍ଗା ବ୍ଲକ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୫ କୋଟି ୪୦ ଲକ୍ଷ ବ୍ୟୟ ବରାଦରେ ପଟ୍ଟାମୁଣ୍ଡାଇ କେନାଲ ଓ ସୁକନଇ ଉପରେ ଖର୍ଡାଙ୍ଗ ଠାରେ ଦୁଇ ଗୋଟି ସେତୁ ନିର୍ମାଣ ନିମନ୍ତେ ୨୦୨୪ ମସିହାରେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା । ପରବର୍ତୀ ସମୟରେ ଠିକାସଂସ୍ଥା ପକ୍ଷରୁ ଏହି ଦୁଇଟି ସେତୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥି ମଧ୍ୟରୁ ସୁକନଇ ମଧ୍ୟରେ ପାଇଲିଙ୍ଗ କରାଯାଇ ପିଲାର ନିର୍ମାଣ କାର୍ଯ୍ୟ ସହିତ ପଟ୍ଟାମୁଣ୍ଡାଇ କେନାଲ ମଧ୍ୟରେ ସେତୁର ମୂଳଦୁଆ କାର୍ଯ୍ୟ କରାଯିବା ସହ ପିଲାର ନିର୍ମାଣ ମଧ୍ୟ ଚାଲିଥିଲା । ତେବେ ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ହେବ ପିଲାର ନିର୍ମାଣ ପାଇଁ ରଡ ବନ୍ଧା କାର୍ଯ୍ୟ ସରିଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଢଳେଇ କାର୍ଯ୍ୟକୁ ବନ୍ଦ ରଖାଯାଇଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । କେନାଲର ଉପର ପାର୍ଶ୍ୱକୁ ସଂପୁର୍ଣ୍ଣ ମାଟି ପକାଯାଇ ବନ୍ଦ କରାଯିବା ଯୋଗୁ ଆଗକୁ ବର୍ଷା ଋତୁ ଓ କେନାଲରେ ପାଣି ଆସିବା ଦିନ ପାଖେଇ ଆସୁଥିବାରୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାନଗଲେ ଜଳସେଚନ କରିବାରେ ବାଧା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ଏହି ଦୁଇ ସେତୁ କାହିଁକି ଏବଂ କେଉଁଥି ପାଇଁ ଅଧା ପନ୍ତରିଆ ଅବସ୍ଥାରେ ବନ୍ଦ ହୋଇ ପଡିରହିଛି ତାହାକୁ ନେଇ ନାନା କଥା ଆଲୋଚନା ହେଉଛି । ଜନସାଧାରଣଙ୍କ ସ୍ୱାର୍ଥରେ ସେତୁ ନିର୍ମାଣ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ ମଞ୍ଜୁର କରୁଥିବା ବେଳେ ଠିକାସଂସ୍ଥା ଓ ଯନ୍ତ୍ରୀଙ୍କ ମନମାନୀରେ ନିର୍ମାଣ କାର୍ଯ୍ୟ ଅଯଥାରେ ବିଳମ୍ବ କରାଯିବା ଲୋକଙ୍କ ସମୁହ ସ୍ୱାର୍ଥ ର ପରିପନ୍ଥୀ ବୋଲି କୁହାଯାଉଛି । ଏପରିକି ଜୈନିକ ରାଜନୈତିକ ବ୍ୟକ୍ତି ଗଣମାଧ୍ୟମ ପ୍ରତିନିଧିମାନଙ୍କ ନାଁରେ ପିସି ଆଦାୟ କରିବା ଘଟଣା ସାମ୍ବାଦିକମାନଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି । ଏ ସଂପର୍କରେ ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ବିଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାକୁ ଦୁଇ ଦିନ ମଧ୍ୟରେ ନିର୍ମାଣ କାର୍ଯ୍ୟଆରମ୍ଭ କରାଯିବ ବୋଲି କହିଛନ୍ତି ।

## ଛତା ଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି କଲା ଜିଲ୍ଲା ଚାଷୀ ଶ୍ରମିକ ସଂଘ

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ–ପାରାଦ୍ୱୀପ ଜାତୀୟ ରାଜପଥ କଡ଼ରେ ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ । ଏଥିପାଇଁ ଏକ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରେ ଏହି କାର୍ଯ୍ୟ ହେବ । ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତାମାନେ ଏହି ବସ୍‌ଷ୍ଟାଣ୍ଡଟିକୁ ଡେରାବିଶ ବ୍ଲକର ପ୍ରମୁଖ ସ୍ଥଳ ଚାଟରାଚକଡ଼ା ପଂଚାୟତ ଅନ୍ତର୍ଗତ ଛତା ଠାରେ ନିର୍ମାଣ କରିବାକୁ ଦାବି କରିଛନ୍ତି । ଆଜି ଏଥିପାଇଁ ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତାମାନେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ଭେଟି ଛତା ଠାରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ । ସଂଘର କର୍ମକର୍ତାମାନଙ୍କ ସୂଚନା ଅନୁଯାୟୀ ଡେରାବିଶ ବ୍ଲକର ଏକ ପ୍ରମୁଖ ସ୍ଥଳ ହେଉଛି ଚାଟରାଚକଡ଼ା ପଂଚାୟତର ଛତା ଅଂଚଳର । ଚଣ୍ଡିଖୋଲ–ପାରାଦ୍ୱୀପ ଜାତୀୟ ରାଜପଥ ଏହି ପଂଚାୟତ ମଧ୍ୟ ଦେଇ ଯାଇଥିବା ବେଳେ ଏଠାରେ ବ୍ଲକର ପ୍ରମୁଖ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ କଲେଜ ରହିଛି । ଏହି ସ୍ଥାନରେ ଡେରାବିଶ ତହସିଲ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ରହିଥିବା ବ୍ଲକ ଅନ୍ତର୍ଗତ ୨୬ଟି ପଂଚାୟତର ହଜାର ହଜାର ଜନସାଧାରଣ ସେମାନଙ୍କ ଜମିଜମା ସମସ୍ୟା ନିମନ୍ତେ ଏହି ସ୍ଥାନକୁ ଆସିଥାନ୍ତି । ଏଥିସହିତ ଏଠାରେ ଥିବା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଡେରାବିଶ ବ୍ଲକ ସମେତ ନିକଟସ୍ଥ ଯାଜପୁର ଜିଲ୍ଲା ଅଂଚଳର ଲୋକମାନେ ମଧ୍ୟ ଏହି ସ୍ଥାନକୁ ଦୈନିକ ଚିକିତ୍ସା ପାଇଁ ଆସିଥାନ୍ତି । ଏହା ନିକଟରେ ଡେରାବିଶ ବ୍ଲକ ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ର ମଧ୍ୟ ରହିଛି । ଏଥିସହିତ କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜ, ଡେରାବିଶ ମହିଳା ମହାବିଦ୍ୟାଳୟ, ଷ୍ଟେଟବ୍ୟାଙ୍କ ଆରସେଟି, ଛତା ବିଦ୍ୟୁତ୍ କେନ୍ଦ୍ର, ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ, ଆରଡି କାର୍ଯ୍ୟାଳୟ, ବ୍ୟାଙ୍କ, ପୋଲିସ୍ ବିଟ୍ ହାଉସ୍ ସମେତ ଛତା ହାଟ ମଧ୍ୟ ରହିଛି । ଉପରୋକ୍ତ ସରକାରୀ କାର୍ଯ୍ୟାଳୟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଶିକ୍ଷାନୁଷ୍ଠାନକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଦୈନିକ ହଜାର ହାଜର ଜନସାଧାରଣ ଯିବା ଆସିବା କରିଥାନ୍ତି । ଫଳରେ ଏହି ଠାରେ ସରକାରୀ ବସ୍‌ଷ୍ଟାଣ୍ଡ କରାଗଲେ ସମଗ୍ର ଡେରାବିଶ ବ୍ଲକର ଜନସାଧାରଣ ଉପକୃତ ହେବା ସହିତ ଜିଲ୍ଲାବାସୀମଧ୍ୟ ଉପକୃତ ହୋଇପାରିବେ ।

## ବେଆଇନ ଘାଟରୁ ଉଠୁଛି ଶହ ଶହ ଟ୍ରିପ ଚୋରା ବାଲି

ସାଲେପୁର,(ସବ୍ୟୁ) :ସାଲେପୁର ତହସିଲ ଅନ୍ତର୍ଗତ ଜଗତପୁର ଥାନା ଅଧିନ ରାମେଶ୍ୱର ପଞ୍ଚାୟତର ମୁକୁନ୍ଦପୁର ତିନିଘରିଆ ସ୍ଥିତ ବିରୂପା ନଦୀ ପଠାରୁ ରାତି ସାରା ମେସିନ ଲଗାଇ ହାଇୱା ମାଧ୍ୟମରେ ସହ ସହ ଟ୍ରିପ ବାଲି ଚୋରା ଚାଲାଣ ହେଉଅଛି । ଏ ସ୍ଥାନରୁ ବାଲି ଉଠାଇବା ପାଇଁ ସରକାରୀ ସ୍ୱୀକୃତି ନଥିବା ଅଭିଯୋଗ ହୋଇଛି । ଏଠାରେ ନା ଅଛି ବାଲି ଘାଟ ନା ଅଛି ବାଲି ଉଠାଇବା ପାଇଁ ସରକାରୀ ନିର୍ଦ୍ଦେଶ ନାମା । ଏଠାରୁ ସମ୍ପୂର୍ଣ୍ଣ ରୂପେ ବେଆଇନ ଚୋରା ବାଲି ଚାଲାଣ ହେଉଥିବା ଜଣା ପଡ଼ିଛି। କିଛି ଚୋରା ବାଲି ମାଫିଆ ଏଠାରୁ ବାଲି ଉଠାଇ ବିଭିନ୍ନ ସ୍ଥାନକୁ ବାଲି ପଠାଇ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଛନ୍ତି । ଏସବୁ କାର୍ଯ୍ୟ ଚାଲୁଥିବା ବେଳେ କଟକ ଖଣି ବିଭାଗ ଚୁପ ରହିଥିବା ଆଶ୍ଚର୍ଯ୍ୟ ଲାଗୁଛି । ନିଜ ଜାଗାରୁ ମାଟି ଉଠାଇ ନିଜ ଜାଗାରେ ଟ୍ରାକ୍ଟର ଯୋଗେ ପକାଇଲେ ଏହା ଉପରେ କଟକ ଖଣି ବିଭାଗ ଖବର ପାଇ ଲକ୍ଷ ଲକ୍ଷ ଟଙ୍କା ଫାଇନ ଆଦାୟ କରୁଥିବା ବେଳେ କଟକ ଖଣି କାର୍ଯ୍ୟାଳୟ ର ଅନତି ଦୂରରେ ମେସିନ ସାହାଯ୍ୟରେ ଏତେ ସଂଖ୍ୟକ ହାଇୱା ଯୋଗେ ବାଲି ଉଠୁଥିବା କିଭଳି ଜାଣି ପାରୁନାହିଁ ଏହା ସନ୍ଦେହ ସୃଷ୍ଟି କରୁଛି । ଏଠାରୁ ବାଲି ଉଠିବା ଦ୍ୱାରା ଏହି ନଦୀ ପିଠା ଦୁର୍ବଳ ହୋଇ ଭବିଷ୍ୟତରେ ରାମେଶ୍ୱର ପଞ୍ଚାୟତ ସହିତ ଆଖପାଖ ଅଞ୍ଚଳର ଦଶ ରୁ ଉର୍ଦ୍ଧ୍ୱ ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ଯେ ନକରିବ ତାହା କହି ହେବ ନାହିଁ । ଏଭଳି ଏଠାରୁ ବାଲି ଉଠିଲେ ଆଗକୁ ସ୍ଥାନୀୟ ଲୋକମାନେ ବିରୋଧ କରି କିଛି ବଡ଼ ଧରଣର ଗଣ୍ଡଗୋଳ ଯେ ନହେବ ତାହା ଅସମ୍ଭବ ନୁହେଁ । ବିନା ଲାଇସେନ୍ସରେ ଏଠାରୁ ବାଲି ଉଠିବା ଦ୍ୱାରା ସରକାର ଙ୍କର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ଘଟୁଛି । ରାଜ୍ୟ ସରକାର ଏବଂ ଖଣି ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣ ରେ ଦାବି ହୋଇଛି।

## ଡଙ୍କାରୀରେ ଭୂତଳ ତୈଳ ଭଣ୍ଡାର ନିର୍ମାଣ ପ୍ରସ୍ତୁତି ଜୋରସୋର

### ଖଣି ଖନନ ବନ୍ଦପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ଠାରେ ସ୍ଥାପନ ହେବାକୁ ଥିବା ବହୁପ୍ରତିକ୍ଷୀତ ଚଣ୍ଡିଖୋଲ ବୃହତ୍ତ ଭୂତଳ ତୈଳ ଭଣ୍ଡାର ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ସରକାରୀ ସ୍ତରରେ ଜୋରସୋର ପ୍ରସ୍ତୁତି ଆରମ୍ଭ ହୋଇଛି। ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ନେଇ ଆଇଓସିଏଲ ଚିଠି ଲେଖିବା ପରେ ଯାଜପୁର ଜିଲ୍ଲାପାଳ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ଚାଲିଥିବା କଳାପଥର ଖଣି ଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ ମିନେରାଲ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ତନାଘନା ଆରମ୍ଭ ହୋଇଛି। ଏ ସମ୍ପର୍କରେ କଣ ପଦକ୍ଷେପ ନିଆଯିବ ତାହା ସ୍ପଷ୍ଟ କରିବାକୁ ଖଣି ନିର୍ଦ୍ଦେଶାଳୟକୁ ସରକାରଙ୍କ ଚିଠି ଲେଖିବାପରେ ରାଜ୍ୟ ମୁଖ୍ୟ ସଚିବ ଆଗାମୀ ୨୩ ତାରିଖରେ ଏହା ଉପରେ ଉଚ୍ଚ ସ୍ତରୀୟ ବୈଠକ ଡାକିଜନ୍ତି। ମୁଖ୍ୟ ସଚିବଙ୍କ ବୈଠକ ପୂର୍ବରୁ ପ୍ରକଳ୍ପ ଅଞ୍ଚଳର ବାସ୍ତବ ସ୍ଥିତି ଓ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଖଣି ଅଧିକାରୀଙ୍କ ପ୍ରସ୍ତୁତି ସମ୍ପର୍କରେ ଅବଗତ ହେବାକୁ ମଙ୍ଗଳବାର ଦିନ ରାଜ୍ୟ ଯୁଗ୍ମ ଖଣି ନିର୍ଦ୍ଦେଶକ ଏସ କେ ପତି ଏଠାକୁ ଆସି ଡିଡିଏମ (ମିନେରାଲ) ଓ ଜିଲ୍ଲା ପ୍ରଶାସନ ସହିତ ପ୍ରକଳ୍ପ ନିର୍ମାଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ଉପରେ ଆଲୋଚନା କରିଥିଲେ। ଡଙ୍କାରୀ ମୌଜାରେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୪ଶହ ଓ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଆଉ ୨ଶହ ଏକର ଏପରି ମୋଟ ୬ଶହ ଏକର ଜମିର ଆବଶ୍ୟକତା ରହିଛି। ଏହି ଜମି ଯୋଗାଇ ଦେବାକୁ ରାଜ୍ୟ ସରକାର ଆଇଓସିଏଲକୁ ମଧ୍ୟ ପ୍ରତିସୃତି ଦେଇ ଶାରିଛନ୍ତି। ତେବେ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ରହିଥିବା କଳାପଥର ଖଣି ନିର୍ମାଣ କାର୍ଯ୍ୟ ପାଇଁ ବାଧକ ସାଜିଛି। ଏ ସମ୍ପର୍କରେ ଆଇଓସିଏଲ ଯାଜପୁର ଜିଲ୍ଲା ପାଳଙ୍କୁ ଚିଠି ଲେଖିବା ପରେ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେଠାରେ ଚାଲିଥିବା ସମସ୍ତ ପଥର ଖଣିକୁ ବନ୍ଦ କରିଦେବାକୁ ଜିଲ୍ଲାପାଳ ଗତ ମାସରେ ଡିଡିଏମ (ମିନେରାଲ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଡଙ୍କାରୀ ମୌଜାରେ ମୋଟ ୧୮ଟି କଳାପଥର ଖଣି ରହିଥିଲା ବେଳେ ସେଥିରୁ ୧୩ଟି ପ୍ରକଳ୍ପ ଅଞ୍ଚଳ ମଧ୍ୟରେ ରହିଛି। ଏହି ଖଣି ଗୁଡିକ ଓ ପଥର ଫଟାଇବା ପାଇଁ ହେଉଥିବା ଶକ୍ତିଶାଳୀ ବିସ୍ଫୋରଣ ତୁରନ୍ତ ବନ୍ଦ ନହେଲେ ଭୁତଳ ତୈଳ ଭଣ୍ଡାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସମ୍ଭବ ହେଉନାହିଁ। ଯାହାକୁନେଇ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି। ଏହି ପଥରଖଣି ପ୍ରସଙ୍ଗକୁ ନେଇ ଗତ ସରକାର ଏତେବଡ ପ୍ରକଳ୍ପର ନିର୍ମାଣରେ ସ୍ଥାଣୁତା ଅବଲମ୍ବନ କରିଥିଲେ। ଯେଉଁଥି ପାଇଁ ଦୀର୍ଘ ବର୍ଷ ହେବ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନଥିଲା। ଯେହେତୁ ଏବେର ମୋହନ ସରକାର ପ୍ରକଳ୍ପ କାମ ଆରମ୍ଭ ପାଇଁ ଘୋଷଣା କରିସାରିଛନ୍ତି ସେହି ଆଧାରରେ କୌଣସି ଟାଳଟୁଳ ନିତି ଅବଲମ୍ବନ ନକରି ସରକାର ପ୍ରକଳ୍ପ ପାଇଁ ଅନୁକୁଳ ବାତାବରଣ ସୃଷ୍ଟି କରନ୍ତୁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଦଳିଲା କାଏମା– ଶାନ୍ତିବଜାର ରାସ୍ତାର ପ୍ରଶସ୍ତିକରଣ ମ୍ୟାପ

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ଠାରୁ ନାକପୋଲ ରାସ୍ତାର ପ୍ରଶସ୍ତିକରଣ ମ୍ୟାପ ପରିବର୍ତନ କରାଯିବା ସହ ଏକମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ କହିଛନ୍ତି। ପୂର୍ବରୁ କାଏମା ଠାରୁ ଶାନ୍ତିବଜାର ରାସ୍ତା ପ୍ରଶକ୍ତିକରଣ ପାଇଁ ଟେଣ୍ଡର କରା ଯାଇଥିବା ବେଳେ ପ୍ରଶକ୍ତିକରଣ ଦ୍ୱାରା ସାଧାରଣ ଲୋକଙ୍କ ଅନେକ କ୍ଷୟକ୍ଷତି ହେବାର ସମ୍ଭାବନା ରହିଥିଲା । ସ୍ଥାନୀୟ ଅଧିବାସୀମାନେ ଏହି ବଜାର ରାସ୍ତାକୁ ଚାରି ଲେନ୍ ବିଶିଷ୍ଟ ନକରି ଦୁଇ ଲେନ ବିଶିଷ୍ଟ କରିବା ପାଇଁ ପ୍ରଶାସନ କୁ ନିବେଦନ କରିଥିଲେ। ଏହା ଉପରେ ଆଲୋଚନା କରି ଏହି କାର୍ଯ୍ୟର ମ୍ୟାପ୍ କୁ ବଦଳାଇ ଲୋକଙ୍କ ନିବେଦନ ରକ୍ଷା କରି କାମ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି । ଦିନକୁ ଦିନ ଏହି ରାସ୍ତାର ଅବସ୍ଥା ଖରାପ ହେବା ସହ ରାସ୍ତାରେ ବିଭିନ୍ନ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇଛି ଏବଂ ଅନେକ ସମୟରେ ଭିଡ଼ ରହୁଥିବାରୁ ଲୋକେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ପୁର୍ବରୁ ହୋଇଥିବା ଟେଣ୍ଡର କୁ ବାତିଲ କରାଯାଇ ନୂତନ ଟେଣ୍ଡର କରାଯିବା ଫଳରେ ଏହା ସମୟ ଲାଗୁଥିବା କହିଛନ୍ତି ବିଧାୟକ । ସୂଚନା ମୁତାବକ ପୂର୍ବ ସରକାର ସମୟ ରେ ଶାନ୍ତି ବଜାର ଠାରୁ କାଏମା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ୧୨କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ତେଣୁ ଏହି ରାସ୍ତା ପ୍ରଶକ୍ତିକରଣ ପାଇଁ ପ୍ରସ୍ତୁତ ମ୍ୟାପ୍ ଅନୁଯାୟୀ ଶହେ ଫୁଟ ର ମାପ ନେଇ ପ୍ରଶାସନ ପକ୍ଷରୁ ଚିହ୍ନ ଦିଆଯାଇଥିଲା । ରାସ୍ତା ପାଶ୍ୱର୍ରେ ଥିବା ଆନେକ ପ୍ରାଇଭେଟ୍ ଲ୍ୟାଣ୍ଡ ଓ ଘର ସଂପୂର୍ଣ୍ଣ ମାପ ଚୁପ୍ ମଧ୍ୟକୁ ଆସି ଯାଇଥିଲା। ସେହିପରି କାଏମା ଲାଲ୍ ବାହାଦୁର ଉଚ୍ଚ ଓ ପ୍ରାଥମିକ ବିଦ୍ୟାଳୟର ଘର ସହ ପଂଚାୟତ କାର୍ଯ୍ୟଳୟର କିଛି ଅଂଶ ମଧ୍ୟ ମାପ ଚୁପ୍ ରେ ସ୍ଥିର କରାଯାଇଥିଲା । ତେଣୁ ଲୋକେ ରାହିବେ କେଉଁଠି ତାକୁ ନେଇ ମଧ୍ୟ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଥିଲା। ଯାହା ଫଳରେ ଏହି ମାପ ଚୁପକୁ ନେଇ ଅନେକଙ୍କ ମନରେ ଅସନ୍ତୋଷ ଥିଲା। ରାସ୍ତା ପ୍ରଶକ୍ତିକରଣର ପୁର୍ନବିଚାର କରାଯିବା ପାଇଁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ ପ୍ରଶାସନ ଠାରୁ ନେଇ ପୁର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତ ରାୟ ଙ୍କୁ ଭେଟି ସମସ୍ୟା ବିଷୟରେ ଆଲୋଚନ କରିଥିଲେ ବି କୌଣସି ସମାଧାନର ବାଟ ବାହାରି ନଥିଲା। ଶେଷରେ ନିର୍ବାଚନରେ ସରକାର ପରିବର୍ତନ ହୋଇଛି । ସରକାର ପରିବର୍ତନ ପରେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ସାଧାରଣ ଲୋକମାନଙ୍କ ଠାରୁ ଅଭିଯୋଗ ପାଇ ଏସମ୍ପର୍କରେ ଉପରିସ୍ଥ ଅଧିକାରୀ ଙ୍କୁ ଚିଠି ଲେଖି ଜଣାଇଥିଲେ । ଫଳରେ ପୂର୍ବ ଟେଣ୍ଡର କୁ ବାତିଲ କରାଯାଇ ନୂତନ ଟେଣ୍ଡର କରାଯିବ ଓ ୩୦ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ ଆରମ୍ଭ କରାଯିବା ନେଇ ଆଲୋଚନା କରିଥିବା ବିଧାୟକ ଶ୍ରୀ ସାହୁ କହିଛନ୍ତି।

## ମୌଳିକ ସୁବିଧାରୁ ବଞ୍ଚିତ ଆଦିବାସୀ ଅଧ୍ୟୁଷିତ ଗାଁ ଗାଣ୍ଡୁଆଝର

# ଲୋକଙ୍କୁ ମିଳୁନି ପିଇବା ପାଣି, ଶିକ୍ଷାରୁ ବଞ୍ଚିତ ପିଲା



ଆଠଗଡ଼ , (ସବ୍ୟୁ) : ସରକାରଙ୍କ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। କିନ୍ତୁ ସେସବୁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ସାଧାରଣ ଲୋକେ।ସ୍ୱାଧୀନତା ର ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆଠଗଡ଼ର ଏମିତି ଗାଁ ଅଛି ଯେଉଁଠାରେ ପିଇବାକୁ ପାଣି ମୁନ୍ଦାଏ ମିଳୁନାହିଁ। ଛୋଟ ପିଲାମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏମିତି କି ଏଠାରେ ବସବାସ କରୁଥିବା ଲୋକ ମାନଙ୍କ ପାଇଁ ରହିବା ପାଇଁ ନିଜସ୍ୱ ଜାଗା ନ ଥିବା ଅଭିଯୋଗ ହୋଇଛି। କଟକ ଜିଲ୍ଲା ସଦରମହକୁମା ଠାରୁ ୩୫ କିଲୋମିଟର ଏବଂ ଆଠଗଡ଼ ସଦରମହକୁମା ଠାରୁ ୨୦ କିଲୋମିଟର ଦୂରରେ ରହିଛି ରାଧା କିଶୋର ପୁର ପଞ୍ଚାୟତର ଗାଣ୍ଡୁଆ ଝର ଗାଁ। ଆଦିବାସୀ ଅଧ୍ୟୁଷିତ ଏହି ଗାଆଁଟି ରେ ବାସ କରୁଛନ୍ତି ପାଖାପାଖି ୨୦୦ ରୁ ଉର୍ଦ୍ଧ୍ୱ ଲୋକ। ଏଠାରେ ଆଜି ପର୍ଯ୍ୟନ୍ତ ପାନୀୟ ଜଳ ମୁନ୍ଦାଏ ମଧ୍ୟ ସୁବିଧା ହୋଇ ପାରିଲା ନାହିଁ। ଏଠାରେ ଥିବା ଏକ ପୋଖରୀରୁ ଏମାନେ ପିଇବା ପାଇଁ ପାଣି ନେଉଥିବା ଜଣାପଡିଛି। ଏଠାରେ ଥିବା ୫୦ ରୁ ଉର୍ଦ୍ଧ୍ୱ ଛୋଟ ପିଲା ଅଙ୍ଗନବାଡି କେନ୍ଦ୍ରକୁ ଯାଇ ପାରୁ ନାହାଁନ୍ତି। ଏହି ପଞ୍ଚାୟତର ମସ୍ୟପୁର ଠାରେ ଅଙ୍ଗନବାଡି କେନ୍ଦ୍ର ଥିବା ବେଳେ ଗାଣ୍ଡୁଆ ଝର ଠାରୁ ତାହା ଦୂରରେ ଥିବା ଯୋଗୁଁ ଛୋଟ ପିଲାମାନେ ସେଠାକୁ ଯିବା ସମ୍ଭବ ହୋଇ ପାରୁ ନାହିଁ। ଗାଁ କୁ ରାସ୍ତା ଥିବା ଯୋଗୁଁ ଜରୁରୀ ସମୟରେ ଆମ୍ବୁଲାନ୍ସ ମଧ୍ୟ ଗାଁ ଭିତର କୁ ଯିବା ସମ୍ଭବ ହୋଇ ପାରୁ ନାହିଁ।ଏହି ଗାଆଁରେ ଦୀର୍ଘ ଦିନ ଧରି ବସବାସ କରୁଥିବା ଲୋକ ମାନଙ୍କ ପାଇଁ ଆଜି ପର୍ଯ୍ୟନ୍ତ ନିଜସ୍ ଜମି କିମ୍ବା ବସବାସ ପାଇଁ ଜାଗା ନ ଥିବା ଅଭିଯୋଗ ହୋଇଛି। ଏହି ସବୁ ସମସ୍ୟାକୁ ନେଇ ଆଜି ଆଠଗଡ଼ କଂଗ୍ରେସର ନେତା ମନୋରଞ୍ଜନ ପଟ୍ଟନାୟକ ଏବଂ ଖୁଣ୍ଟୁଣୀ କଂଗ୍ରେସର ନେତା ସଂଗ୍ରାମ କେଶରୀ ପାତ୍ରଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ଉପଜିଲ୍ଲାପାଳ ଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା ଏହି ଦାବି ପତ୍ର ଗ୍ରହଣ କରି ଥିଲେ।

## ଥାନାରେ ବୁଦ୍ଧନାଥ ଦେବଙ୍କ ଚନ୍ଦନ ଯାତ୍ରା

ବାଲିପାଟଣା ,(ସବ୍ୟୁ) :ପ୍ରତିବର୍ଷ ପରି ଚଳିତ ବର୍ଷ ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ନବମୀ ତିଥିରେ ଏହି ଚନ୍ଦନ ଯାତ୍ରା ମହାଲକ୍ଷ୍ମୀ କ୍ଲବ ସଦସ୍ୟ, ଥାନାସାହି ଗ୍ରାମବାସୀ ଓ ବାଲିପାଟଣା ଥାନା ମିଳିତ ସହଯୋଗରେ ଥାନା ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଗାରେଡିପାଞ୍ଚଣ ଗ୍ରାମ ପଂଚାୟତର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବୁଦ୍ଧନାଥ ଦେବ ଚନ୍ଦନ ଯାତ୍ରା ଉପଲକ୍ଷେ ଏକସୁସଜ୍ଜିତ ବିମାନରେ ଚାପ ପୋଖରୀକୁ ଆସି ଚାପ ଖେଳିବା ସହିତ ଘର ଘର ବୁଲି ଭୋଗ ଖାଇଥିଲେ।ପ୍ରତିବର୍ଷ ଏହି ତିଥିରେ ପ୍ରଭୁ ବୁଦ୍ଧନାଥ ଦେବଙ୍କୁ ବାଜା, ବାଣ ଓ ବିଭିନ୍ନ ପାରମ୍ପାରିକ ରୋଷଣୀରେ ବାଲିପାଟଣା ଥାନାକୁପାଛୋଟି ନେଇଥିବା ବେଳେ ଚଳିତ ବର୍ଷ ଅନୁରୂପ ଭାବେ ଶ୍ରୀ ବୁଦ୍ଧନାଥ ଦେବ ରୋଷଣି କରି ଆସି ଥାନାରେ ଭୋଗ ଖାଇଥିଲେ। ଆଖ ପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରସାଦ ସେବନ କରିଥିଲଛ ଉକ୍ତ କାର୍ଯ୍ୟକ୍ରମ ରେ ଜୟ ଦେବ ବିଧାୟକ ନବ କିଶୋର ମଲ୍ଲୀକ ଜୋନ ୪ ଏସପି ବିଭୂତି ଭୂଷଣ ମହାପାତ୍ର, ଆଇ ଆଇ ସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ, ଏ ଏସ ଆଇ ରାକେଶ କୁମାର ସାମଲ, କିଶୋର ଚନ୍ଦ୍ର ପାଢ଼ୀ, ଥାନାର ସମସ୍ତ ଅଧିକାରୀ ଓ ପୋଲିସ କର୍ମଚାରୀ ଯୋଗଦେଇ ଦେବ ଦେବ ମହାଦେବ ବୁଦ୍ଧନାଥ ଦେବଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ।

### ଓଡ଼ିଶା ସରକାର
### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No RDM-LAA-BLS-0010-2024-515 / R&DM, Dated. 04 JAN 2025

**III-03:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ, କୁରା ମାଇନର** ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ **ମୌଜା-ଲଛମନଖୁଣ୍ଟା (ଅତିରିକ୍ତ), ଥାନା-ବସ୍ତା, ସଦର ନଂ. ୧୪୬, ତହସିଲ-ବସ୍ତା, ଜିଲ୍ଲା-ବାଲେଶ୍ୱର**ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୩୩ ଭୂମି ଅର୍ଜନ ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଅଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ କୁରା ମାଇନର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବାଲେଶ୍ୱର ।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର୍ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ବସ୍ତା | ଲଛମନଖୁଣ୍ଟା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୭.୨୨ | ଏ. ୧.୩୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂ ଅର୍ଜନ ମାମଲା ସଂଖ୍ୟା- ୨୦/୨୦୨୪
ଏ. ୧.୩୩ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀର ଏବଂ କୁରା ମାଇନର
ମୌଜା-ଲଛମନଖୁଣ୍ଟା (ଅତିରିକ୍ତ), ଥାନା-ବସ୍ତା ସଦର ନଂ-୧୪୬ ତହସିଲ-ବସ୍ତା, ଜିଲ୍ଲା-ବାଲେଶ୍ୱର

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | କିସମ | ମୋଟ ରକବା | ଆକ୍ୟୁଆର ରକବା | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୬୦ | ୫୫୯ | ଜଳାଶୟ ଦୁଇ | ୦.୧୯ | ୦.୦୩ | ଅବଦୁଲ ସତାର ଖାଁ, ପି: ବାସତ ଖାଁ ଜା : ମୁସଲମାନ, ବା: ନିଜଗାଁ |
| ୨୯୩ | ୭୪୬ | ଚକ | ୩.୫୨ | ୦.୩୯ | ସାହେବୁନ ନିଶା ବିବି, ସ୍ୱା: ମହମ୍ମଦ ଅବଦୁଲ ଫାରୁକ, ଜା: ମୁସଲମାନ, ବା: ନିଜଗାଁ |
| ୩୪୧/୯ | ୭୪୬/୧୧୬୨ | ଚକ | ୧.୫୦ | ୦.୨୨ | ଏମାମି ଖାଁ, ପି: ରହେମତ ଖାଁ, ଜା: ମୁସଲମାନ, ବା: ନିଜଗାଁ |
| ୩୪୧/୧୧ | ୭୪୬/୧୧୫୫ | ଚକ | ୧.୦୧ | ୦.୩୪ | ରସୁଲ ଖାଁ, ପି: ଅମୁଦ ଖାଁ, ଜା: ମୁସଲମାନ, ବା: ଲଛମନଖୁଣ୍ଟା |
| ୩୪୧/୨୩ | ୭୪୬/୧୧୬୧ | ଚକ | ୧.୦୦ | ୦.୩୫ | ଆକବର ଖାନ, ପି: ଆସଲାମ ଖାନ ଜା: ମୁସଲମାନ, ବା: ନିଜଗାଁ |
| ମୋଟ | ୫ ପ୍ଲଟ | | ଏ ୭.୨୨ ଡେ.ମି. | ଏ. ୧.୩୩ ଡେ.ମି. | |

Sd/- AMIN, Baripada Zone | Sd/- REV-INSPECTOR, ZONE-I, BARIPADA | Sd/- Zone Officer-I, L.A, S.I.P. Baripada | Sd/- Spl. Land Acquisition Officer, S.I.P. Baripada

OIPR : 24001/14/0174/2526

## ଦଶପଲ୍ଲା– ଭଞ୍ଜନଗର ରାସ୍ତାରେ ଆତଙ୍କରାଜ

# ବ୍ୟବସାୟୀଙ୍କୁ ମାଡ଼ମାରି ନେଇଗଲେ ଟଙ୍କା : ଜାଳିଦେଲେ ବାଇକ୍

ଦଶପଲ୍ଲା , (ସବ୍ୟୁ) : ନୟାଗଡ଼ ଜିଲ୍ଲା ଦଶପଲ୍ଲା– ଭଞ୍ଜନଗର ରାସ୍ତାର ଦଶପଲ୍ଲା ଥାନା ସାକେଣୀ ନିକଟରେ ଆତଙ୍କ ରଚିଛନ୍ତି ଦୁର୍ବୃତ୍ତ। ଏକ ବାଇକ୍‌ରେ ଯାଉଥିବା ଜଣେ ବ୍ୟବସାୟୀଙ୍କୁ ପ୍ରାୟ ୮ଜଣ ଦୁର୍ବୃତ୍ତ ଏକ କାରରେ ଆସି ଅଟକାଇବା ସହ ମରଣାନ୍ତକ ଆକ୍ରମଣ କରିଛନ୍ତି। ଜଣଙ୍କୁ ଅତି ଅମାନବୀୟ ଭାବରେ ଦୁର୍ବୃତ୍ତମାନେ ମାଡ଼ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ବାଇକ୍ କୁ ଜାଳି ଦେଇଛନ୍ତି। ଏପରିକି ବ୍ୟବସାୟୀଙ୍କ ଠାରୁ ମୋବାଇଲ ଓ ନଗଦ ଟଙ୍କା ଲୁଟି ନେଇଥିବା ବ୍ୟବସାୟୀ ଜଣଙ୍କ ଅଭିଯୋଗ ଆଣିଛନ୍ତି।ମଙ୍ଗଳବାର ଭୋର ସମୟରେ ଦଶପଲ୍ଲା ଥାନା ସାକେଣି ନିକଟରେ ଦୁର୍ବତଙ୍କ ଏହି ଦାଦାଗିରି ଦଶପଲ୍ଲା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି ।ସ୍ଥାନୀୟ ଖଣ୍ଡପଡ଼ା ଗ୍ରାମର ଜଟିଆ ବେହେରା ଭୋର ସମୟରେ ବାଇକରେ ନିଜ ଘରୁ ବାହାରି ଭଞ୍ଜନଗର ଅଭିମୁଖେ ଯାଉଥିବା ବେଳେ ଏକ କଳାକାରରେ ଦୁର୍ବୃତ୍ତମାନେ ସେମାନଙ୍କୁ ଅଟକାଇଥିଲେ। ଘଟଣାସ୍ଥଳରୁ ଅନ୍ୟ ୨ଜଣ ଚାଲିଯିବାକୁ କହି ଜଟିଆକୁ ଅଟକାଇଥିଲେ । ପରେ ସେମାନେ ଜଟିଆକୁ ମାଡ଼ପିଟ କରିବାସହ ଏକ ବ୍ଲେଡ଼ରେ ଆକ୍ରମଣ କରିଥିଲେ। ଫଳରେ ତାର ପେଟ କାଟି ହୋଇଯାଇଥିଲା ।ଜଟିଆ ସେମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଦାଦାଗିରି ଦେଖାଇ ଜଟିଆ ବାଇକ ପୋଡ଼ିଦେଇଥିଲେ । ଏପରିକି ଜଟିଆ ପାଖରେ ଥିବା ୭ ଶହ ଟଙ୍କା ଛଡ଼ାଇନେଇଥିଲେ । ପରେ ଘଟଣା ସ୍ଥଳରୁ ଦୁର୍ବୃତ୍ତମାନେ କାର ରେ ପଳାଇ ଯାଇଥିବା ବେଳେ କିଛିଲୋକ ଜଟିଆର ଅବସ୍ଥା ଦେଖି ତାଙ୍କୁ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତିକରିଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିବା ବେଳେ ପୋଡିଯାଇଥିବା ବାଇକକୁ ଜବତ କରିଛି । ଜଟିଆର ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଦୁର୍ବୃତ୍ତ ମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି ।ଏହି ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ସିପିଏମ୍‌ର ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଟାଙ୍ଗୀ,(ସବ୍ୟୁ):ସିପିଆଇଏମ ର ୧୭ ଦଫା ଦାବି ପୂରଣ ନେଇ ମଙ୍ଗଳବାର ଦିନ ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡିଛି। ଶ୍ରମିକ ବିରୋଧି ୪ ଟି ଶ୍ରମକୋଡ କୁ ବାତିଲ,ସମସ୍ତ ଠିକା ସ୍କିମ ଅଂଶ ଗଠିତ ଶ୍ରମିକ ମାନଙ୍କର ମାସିକ ସର୍ବନିମ୍ନ ମଜୁରୀ ଟଙ୍କା ୨୬ ହଜାର ଘୋଷଣା,କାର୍ଯ୍ୟ କ୍ଷେତ୍ରରେ ଠିକା ଶ୍ରମିକ ବହିରାଗତ ଶ୍ରମିକ ,ଶିକ୍ଷା ନବୀସ,ସ୍କିମ ଶ୍ରମିକ,ବ୍ୟବସ୍ଥା ପ୍ରତ୍ୟାହାର କରି ସମାନ କାମକୁ ସମାନ ମଜୁରୀ ପ୍ରଦାନ,ସର୍ବନିମ୍ନ ମାସିକ ପେନସନ୍ ୯ ହଜାର କରିବା ସହ ସମସ୍ତ ଶ୍ରମଜୀବୀ ଜନଗଣଙ୍କୁ ସାମାଜିକ ସୁରକ୍ଷା ଇପିଏଫ,ଇଏସଆଇ,ଅନ୍ତର୍ଭୁକ୍ତ କରିବା,ଜଙ୍ଗଲ ସରକ୍ଷଂଣ ସଂଶୋଧନ ଆଇନ ୨୦୨୩ କୁ ବାତିଲ କରି ଗରିବ ଲୋକଙ୍କୁ ଜମି ଦେବାର ସୁନିଶ୍ଚିତ କରିବା ସମେତ ୧୭ ଦଫା ଦାବି ପୂରଣ ନେଇ ସିପିଆଇଏମ ପକ୍ଷରୁ ଟାଙ୍ଗୀ ବଳରାମଦେବ ମନ୍ଦିର ପରିସରରୁ ଶୋଭାଯାତ୍ରା ବାହାରି ଟାଙ୍ଗୀ ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ଏହି ବିକ୍ଷୋଭ ସମାବେଶକୁ ଟାଙ୍ଗୀ ଆଞ୍ଚଳିକ କମିଟି ସଂପାଦକ ବିଧୁଭୂଷଣ ମହାରଣା ନେତୃତ୍ୱନେଇଥିବା ବେଳେ ଏଥିରେ ଲକ୍ଷ୍ମଣ ବେହେରା,ଅଶୋକ ମାନଧାତା,ନୃସିଂହ ଦଳାଇ,ବ୍ରଜ ଜେନା,ବ୍ରଜ ଘଡେଇ,ବ୍ରହ୍ମା ମଲ୍ଲିକ ସାମିଲ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ୧୭ ଦଫା ଦାବି ପତ୍ର ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ରଙ୍କୁ ପ୍ରଦାନ କରିଥିଲେ।

## ଦିନ ଦ୍ୱିପ୍ରହରରେ ମନ୍ଦିର ଆଗରୁ ବାଇକ ଲୁଟ

କାକଟପୁର (ସବ୍ୟୁ) : ଦିନ ଦ୍ୱିପହରେ ମନ୍ଦିର ଆଗରୁ ବାଇକ ଲୁଟ ହୋଇଛି। ହେଲେ ପୋଲିସ ଏହି ଲୁଟର ଟେର ପାଇ ନଥିବା କୁହାଯାଇଛି। ଗତ ସୋମବାର ଦିନ କାକଟପୁର ସେବକ ସାହିର ପଦ୍ମନାଭ ଦାଶଙ୍କ ପୁଅ ସୁକାନ୍ତ କୁମାର ଦାଶ ତାଙ୍କର ନିଜ ଗ୍ଲାମର ବାଇକ ନମ୍ବର (ଓଡ଼ି୧୩ ଇ୭୩୧୯) ଟି ତାଙ୍କ ଘର ସାମ୍ନାରେ ରଖି ଗୃହ କାର୍ଯ୍ୟ କରୁଥିବା ବେଳେ ଦିନ ଚାରି ଟାରେ ଆସି ଦେଖନ୍ତେ ଗାଡିଟି ଉକ୍ତ ଯାଗାରେ ନଥିଲା । ଗାଡିଟିକୁ କୌଣସି ଦୁର୍ବୃତ୍ତ ସେଠାରୁ ଚୋରି କରି ନେଇଥିବା ସିସିଟିଭି ଫୁଟେଜ ରୁ ଜାଣିବାକୁ ପାଇଥିଲେ । ସେ ତତକ୍ଷଣାତ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କାକଟପୁର ପୁଲିସ ଅଦ୍ୟାବଧି ଗାଡିକୁ ଠାବ କରିବାରେ ବିଫଳ ହୋଇଛି । ଦିନକୁ ଦିନ ମା ମଙ୍ଗଳାଙ୍କ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ଶହଶହ ବାଇକ ରହୁଥିବା ଜାଣି ଚୋରମାନେ ଏହାକୁ ଟାର୍ଗେଟ କରୁଛନ୍ତି। ସିସିଟିଭି ଫୁଟେଜରୁ ଚୋରଟି ଗାଡି ଚୋରି କରୁଥିବା ଦୃଶ୍ୟ ପୁଲିସ ଦେଖୁଥିଲେ ମଧ୍ୟ ଚୋର କୁ ଧରିବାରେ ସଫଳ ହୋଇପାରୁନାହିଁ ।ଏ ସଂକ୍ରାନ୍ତ ରେ ବାରମ୍ବାର ଚୋରି ଯାଉଥିବା ଜିନିଷର ମାଲିକମାନେ ଥାନାକୁ ଦୌଡି ପଚରାଉଚରା କରିବାକୁ ଯିବା ପରେ କାକଟପୁର ପୋଲିସ ଅଶୋଭନୀୟ ଆଚରଣ କରୁଥିବା ଜାଣିବାକୁ ମିଳିଛି ।

## ମଦ ଜବତ : ୬ ଗିରଫ

ନିରାକାରପୁର/ଦଶପଲ୍ଲା ,(ସବ୍ୟୁ): ପୃଥକ ପୃଥକ ସ୍ଥାନରେ ଅବକାରୀ ବିଭାଗ ଚଢ଼ାଉ କରି ୧୨୦ ଲିଟର ମଦ ଜବତ କରିବା ସହ ୬ଜଣଙ୍କୁ ଗିରଫ କରିଛି। ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଇନ୍ସପେକ୍ଟର ଥାରପା ମାରାଣ୍ଡିଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଦିନ ଖୋର୍ଦ୍ଧ ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ସିକୋ ଓ ଛତ୍ରପଡା ଗ୍ରାମ ରେ ସଦଳବଳେ ଚଢ଼ାଉ କରି ୩ଜଣ ମଦ ବେପାରୀ କୁ ଗିରଫ କରିବା ସହିତ ସମୁଦାୟ ୪୬ ଲିଟର ଦେଶୀ ମଦ ଜବତ କରିଥିବା ଜଣାପଡିଛି।ଭ୍ରାମ୍ୟମାଣ ଅବକାରୀ ପୋଲିସ ପେଟ୍ରୋଲିଙ୍ଗ କରୁଥିବାବେଳେ ସୂଚନା ପାଇ ମଙ୍ଗଳବାର ଦିନ ଜଂକିଆ ଥାନା ସିକୋ ଗ୍ରାମର ରତ୍ନାକର ଛୁଆଳସିଂହ (୪୫) ଓ ବୈକୁଣ୍ଠ ନାଥ ବାରିକ ( ୬୫),ଛତ୍ରପଡା ଗ୍ରାମର ଲିଙ୍ଗରାଜ ରାଉତରାୟ( ୬୫) ପ୍ରମୁଖ ଦେଶୀ ମଦ ବିକ୍ରି କରୁଥିବାର ସୁରାକ ପାଇ ତାଙ୍କ ଠାରୁ ସମୁଦାୟ ୪୬ ଲିଟର ଦେଶୀ ମଦ ଜବତ କରିଥିବା ସହିତ ୩ ଜଣକୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଭ୍ରାମ୍ୟମାଣ ଅବକାରୀ ପୁଲିସ ବାହିନୀ ସାମିଲ ଥିଲେ।

ସେହିପରି ନୟାଗଡ଼ ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ପୁଟୁବାରି ଗ୍ରାମରେ ଚଢ଼ାଉ କରାଯାଇ ୭୪ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ତିନିଜଣଙ୍କ ନାଁ ଚନ୍ଦନ ମାଝୀ(୨୫),ନିରଞ୍ଜନ ମାଝୀ(୪୫), ନାରାୟଣ ମାଝୀ(୪୭) ବୋଲି ଦଶପଲ୍ଲା ଅବକାରୀ ଥାନାରୁ ଜଣାପଡିଛି ।ଛ ସୂଚନା ଯୋଗ୍ୟ ଯେ, ଦଶପଲ୍ଲା ର ବିଭିନ୍ନ ସ୍ଥାନରେ ଚୋରା ମଦ କାରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି । ସୋମବାର ଦିନ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ଏହି ଜବତ କରାଯାଇଥିବା ବେଳେ ପୃଥକ ପୃଥକ ଭାବେ ତିନୋଟି ମାମଲା ରୁଜୁକରାଯାଇ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଭାଷା ସଂସ୍କୃତି ସମାଜର ବିଶେଷ ସାହିତ୍ୟ ଆସର

# ସିନ୍ଦୂରର ଗାଥା ହିଁ ସୌର୍ଯ୍ୟର କାହାଣୀ



ଭୁବନେଶ୍ୱର ,(ସବ୍ୟୁ) : ସାହିତ୍ୟ ଓ ସଂସ୍କୃତିର ଅଗ୍ରଣୀ ଅନୁଷ୍ଠାନ ଭାଷା,ସଂସ୍କୃତି ସମାଜର ଏକ ସ୍ୱତନ୍ତ୍ର ବିଶେଷ ସାହିତ୍ୟ ଆସର ସିନ୍ଦୂରର ଗାଥା ସ୍ଥାନୀୟ ୟୁନିଟ-୩ସ୍ଥ ରାଜଧାନୀ କଳା ସଂସଦ ସଭାଗୃହ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅପରେସନ ସିନ୍ଦୂରରେ ସହିଦ ହୋଇଥିବା ଏବଂ ଅଂଶ ଗ୍ରହଣ କରିଥିବା ଯୁଦ୍ଧବୀରମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି କାର୍ଯ୍ୟକ୍ରମରେ ବାୟୁସେନାର ଅବସରପ୍ରାପ୍ତ ସ୍କ୍ୱାର୍ଡ଼ନ ଲିଡ଼ର ଅତନୁ କୁମାର ପଣ୍ଡା ଓ ଫ୍ଲାଇଙ୍ଗ ଅଫିସର ବିଭୂତି ଭୂଷଣ ମହାପାତ୍ର ଅତିଥି ଭାବେ ଯୋଗଦେଇ ଯୁଦ୍ଧ ବେଳର ନିଜ ନିଜର ଅନୁଭୂତିର ରୋମାଞ୍ଚ କାହାଣୀ ଶୁଣାଇ ଉପସ୍ଥିତ ଶ୍ରୋତାମାନଙ୍କୁ ବିମୁଗ୍ଧ କରିଥିଲେ। ଅତିଥି ଦ୍ୱୟଙ୍କୁ ସମ୍ବର୍ଦ୍ଧନା ପୂର୍ବକ ଅନୁଷ୍ଠାନର ସଭାପତି ପ୍ରଫେସର ଅଭୟ ବେହେରା କହିଥିଲେ ଯେ ସିନ୍ଦୂର ଗାଥା ହିଁ ସୈନିକର ସୌର୍ଯ୍ୟର କାହାଣୀ ଏବଂ ବୀରଙ୍ଗନା ସୋପିଆ କ୍ୟୁରେସି ଓ ଭ୍ୟାମିକା ସିଂଙ୍କ ଭୂମିକା ଇତିହାସରେ ସଦା ସ୍ମରଣୀୟ ହୋଇ ରହିବ । କାଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ ଆଇନଜୀବୀ ନଟବର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସହିଦମାନଙ୍କ ସ୍ମୃତିରେ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ମହେନ୍ଦ୍ର କୁମାର ମଲ୍ଲିକ, ସନ୍ତୋଷ ମିଶ୍ର, ବୈକୁଣ୍ଠ ମିଶ୍ର, ବଂଶୀଧର ଭୋଇ, ଡ. ପ୍ରବୀଣା ପରିଡ଼ା, ସୀମାଞ୍ଚଳ ପଣ୍ଡା,ସୁନା ରାମ ସିଂ, ଡ. ବିନୋଦିନୀ ବେହେରା, ଚମକ ଚାନ୍ଦିନି ଦାଶ ,ବିଦ୍ୟାଧର ଗୁରୁ, ସୁଚିତ୍ରା ମିଶ୍ର, ଡ. ରଶ୍ମୀ କର, ଯୋଗେନ୍ଦ୍ର ନାୟକ, ଗୋଲକ ନାୟକ, ଶଶାଙ୍କ ମିଶ୍ର, ମାନସୀ ପାତ୍ର ପ୍ରମୁଖ ସ୍ୱରଚିତ ଦେଶାତ୍ମକ କବିତା ପାଠ କରିଥିଲେ । ଶେଷରେ ଅନୁଷ୍ଠାନର ସମ୍ପାଦିକା ସୌଦାମିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନିମାପଡା-ଗୋପରେ ବିଜେପିର ଗୋଷ୍ଠୀ କନ୍ଦଳ ତୀବ୍ର

ଗୋପ,(ସବ୍ୟୁ) : ନିମାପଡା ର୍ନିବାଚନ ମଣ୍ଡଳୀରେ ବିଜେପିରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି।ବିଭିନ୍ନ ସ୍ଥାନରେ ପୃଥକ ପୃଥକ ଭାବରେ ସମାବେଶ ଦଳୀୟ କାର୍ଯ୍ୟକ୍ରମ ଏହାର ଉଦାହରଣ।ମଙ୍ଗଳବାର ଦିନ ଗୋପ ରେ ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏକ କେନାଲ ବନ୍ଧ ନବୀକରଣ କାର୍ଯ୍ୟର ଶିଳାନ୍ୟାସ ହେବାର ଥିବା ବେଳେ ପୂର୍ବରାତିରେ ଅସନ୍ତୁଷ୍ଟ କର୍ମୀମାନେ ଶିଳାନ୍ୟାସ ପୂର୍ବରୁ ଭାଙ୍ଗିଦେଲେ ଫଳକ । ଫଳକ ଭଙ୍ଗାକୁ ନେଇ ତେଜିଲା ରାଜନୀତି ।କେହି କହୁଛି ବିଜେପି ର ଗୋଷ୍ଠୀ କନ୍ଦଳ ତ କିଏ କହୁଛି ଗୋଟିଏ ଦଳରେ ଦୁଇ ଜଣ ପ୍ରଭାବ ଶାଳୀ ନେତା ରହିଲେ ଏଭଳି ପରିସ୍ଥିତି ସୃଷ୍ଟି ହୁଏ । ଭଙ୍ଗା ଫଳକକୁ ତରବରିଆ ଭାବେ ଯୋଡ଼ାଯାଇ ମଙ୍ଗଳବାର ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦଳୀୟ ସମର୍ଥକ ମାନଙ୍କ ଗହଣରେ ଉଦଘାଟନ କରଛନ୍ତି। ।

## ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଲାଗି ସମୀକ୍ଷା

ଅସ୍ତରଙ୍ଗ,(ସବ୍ୟୁ) : ପୂରୀ ଜିଲ୍ଲା ର ଅସ୍ତରଙ୍ଗ ବ୍ଲକ ଅଧିନ ପୀର ଯାହାନିଆଁ ବେଳାଭୂମିର ବିକାଶ ଲାଗି ସୋମବାର ଦିନ ପୂରୀ ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟରଞ୍ଜନ ପୃଷ୍ଟି ଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ମଣ୍ଡଳି ପିର ବେଳାଭୂମି ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ କାକଟପୁର ବ୍ଲକ ବି ଡି ଓ ବିଷ୍ଣୁ ଗୋବିନ୍ଦ, ଅସ୍ତରଙ୍ଗ ବ୍ଲକ ବି ଡି ଓ, ସସ୍ମିତା ବେହେରା, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି,ପୋଲିସ ଅଫିସର ଅନିରୁଦ୍ଧ ଜାଲି,ଅସ୍ତରଙ୍ଗ ବ୍ଲକ ପଞ୍ଚାୟାତ ଅଧିକାରୀ, କନିଷ୍ଠ ଯନ୍ତ୍ରି, ପ୍ରମୁଖ ସାମିଲ ଥିଲେ । ସମୁଦ୍ର କୁଳ, ବଣଭୋଜି ସ୍ଥଳ, ପାନୀୟ ଜଳ ପ୍ରକଳ୍ପ, ଶୌଚାଳୟ ଆଦି ପ୍ରତିନିଧି ମଣ୍ଡଳୀ ବୁଲି ଦେଖିଥିଲେ। ଆଗାମୀ ଦିନରେ ଏହି ବେଳାଭୂମିରେ ବହୁବିଧ ଉର୍ନ୍ନତି ହେବା ସହ, ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କଲାଭଳି କାର୍ଯ୍ୟକ୍ରମମାନ ସରକାର ହାତକୁ ନେବେ ବୋଲି ପ୍ରକଳ୍ପ ଅଧିକାରୀ ପ୍ରକାଶ କରିଥିଲେ ।

### ଓଡ଼ିଶା ସରକାର
### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଘୋଷଣା

File No. COL/JAJ/XII/1/22/30/LA(Rly) dated. 25.2.25

**XXIV-03 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR & R. Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା – ଗୋବରଘାଟି, ଥାନା-ସୁକିନ୍ଦା ନଂ-୧୪୧, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁର**ରେ ନିମ୍ନ ସୂଚିତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା-ଯାଜପୁର ଡୁବୁରି ଷ୍ଟେସନ ଠାରୁ ଟାଟା ଷ୍ଟିଲ ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୧୦୬/ ତା. ୧୮.୧୦.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା – ଗୋବରଘାଟି, ଥାନା-ସୁକିନ୍ଦା ନଂ-୧୪୧, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁର**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଏହା ଘୋଷଣା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ https://jajpur.odisha.gov.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି ।

**ତଫସିଲ - କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ : ସୁକିନ୍ଦା — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋବରଘାଟି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ. ୧୨୩.୬୦୦ ଡି | ଏ. ୧୧.୪୦୦ ଡି | ଏଥି ସହିତ ସଂଲଗ୍ନ କରାଗଲା |

**ତଫସିଲ - ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ : ସୁକିନ୍ଦା — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୨୧.୦୩.୨୦୨୫

ସ୍ୱା/- ରାଜ୍ୟପାଳଙ୍କ ଆଦେଶ କ୍ରମେ,
ଜିଲ୍ଲାପାଳ, ଯାଜପୁର

**ଜମି ଅନୁସୂଚୀ**
**ବ୍ୟକ୍ତିଗତ ଜମି**

ମୌଜା- ଗୋବରଘାଟି, ତହସିଲ : ସୁକିନ୍ଦା, ଥାନା : ସୁକିନ୍ଦା, ଥାନା ନମ୍ବର : ୧୪୧ ଜିଲ୍ଲା : ଯାଜପୁର

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | ୫୭ | ୧୦୯ | ଡାଳି ଜଙ୍ଗଲ | ଚୈତନ୍ୟ ଦକ୍ଷିଣ ରାଏ ଓ ବନମାଳି ସୁନ୍ଦର ରାଏ ଓ ସୁରେନ୍ଦ୍ର ଦେଓ ପି: ଭରତ ଦେଓ, ଜା: କ୍ଷେତ୍ରିୟ, ବା: ବାରାଗଡିଆ | ୧୨୩.୬୦୦ | ୧୧.୪୦୦ |
| | | | | TOTAL = | 123.600 | 11.400 |

ସ୍ୱା/-
ଜିଲ୍ଲାପାଳ, ଯାଜପୁର

ସ୍ୱା/- ଭୂ-ଅର୍ଜନ ଅଧିକାରୀ
ଯାଜପୁର, ଡୁବୁରି, ସୁକିନ୍ଦା ରୋଡ୍
ନୂତନ ଓସାରିଆ ରେଳପଥ, ଯାଜପୁର

OIPR : 24163/14/0073/2526

# ବିଭିନ୍ନ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ



ନିମାପଡା,(ସବ୍ୟୁ): ମଙ୍ଗଳବାର ନିମାପଡା ବ୍ଲକ ଅଂଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦଘାଟନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଶିକ୍ଷା ଯୋଜନାରେ ନାଗବସ୍ତ ନୋଡାଲ ହାଇସ୍କୁଲର ଅତିରିକ୍ତ ଶ୍ରେଣୀର ଶିଳାନ୍ୟାସ , ସେହିପରି ରଟିଲୋ ଠାରେ ନିର୍ମିତ ଅଙ୍ଗନୱାଡି ଗୃହର ଶୁଭ ଉଦଘାଟନ,ନିମାପଡା ଜଳସଂପଦ ବିଭାଗ ତରଫରୁ କୁଶଭଦ୍ରା ନଦୀ ବନ୍ଧର ଉନ୍ନତୀକରଣ,ପାଳଶ୍ରୀ ସବ୍ ମାଇନର କାର୍ଯ୍ୟ,ତୋରବାଙ୍ଗ ସବ୍‌ମାଇନର କାର୍ଯ୍ୟ,ଆମରଙ୍ଗ ମାଇନରର ଉଭୟ ପାର୍ଶ୍ୱର ପୁନରୁଦ୍ଧାର ଓ ଉନ୍ନତୀକରଣ,ଆଙ୍କୁଶପୁର ଡିଷ୍ଟ୍ରିବ୍ୟୁଟାରୀ ବାମପଟ କେନାଲ ବନ୍ଧ ରାସ୍ତାର ଉନ୍ନତୀକରଣ,କୁଆଁଲୋ ମାଇନରର କେନାଲ କଂକ୍ରିଟ ଲାଇନିଂ କାର୍ଯ୍ୟ,ବାହାରଣା ମାଇନରର ଉନ୍ନତୀ କରଣ,ଦୁର୍ଗେଶ୍ୱର ସବ୍ ମାଇନରର ଉନ୍ନତୀକରଣ,ଖାଣ୍ଡାସାହି ଡିଷ୍ଟ୍ରିବ୍ୟୁଟାରୀ ନାଳ ଉପରେ ବ୍ରିଜ ନିର୍ମାଣ ,ସନ୍ତରସ ଗ୍ରାମ ନିକଟ ନଦୀ ବନ୍ଧର ଉନ୍ନତୀ କରଣ କାର୍ଯ୍ୟ ନିମନ୍ତେ ଶିଳାନ୍ୟାସ କରାଯାଇଛି । ସେହିପରି ଜଳସଂପଦ ବିଭାଗ ପକ୍ଷରୁ ଅଂଶାଲୋ। ଶାଖା କେନାଲର ଆର.ସି.ସି ଟ୍ରଫ୍ ୱାଲ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ସମସ୍ତ କାର୍ଯ୍ୟର ଶିଳାନ୍ୟାସ ଓ ଉଦଘାଟନ କରିଥିଲେ । ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ,ଉପାଧକ୍ଷ ସନ୍ତୋଷ କୁମାର ଦାଶ,ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ,ବିଡିଓ ଡଃ.ଅଭିଜିତ ଷଡଙ୍ଗୀ,ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା,ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି,ସରପଞ୍ଚ ମନସ୍ୱନୀ ବେହେରା,ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ ନନ୍ଦ,ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ,ଯଚିନ୍ଦ୍ର ନାୟକ, ଜଳସଂପଦକ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ମହାନ୍ତି,ପ୍ରାଚୀ ଡିଭିଜନ ନିର୍ବାହୀ ଯନ୍ତ୍ରୀ ରଘୁନାଥ ସ୍ୱାଇଁ ,ସହକାରୀ ଯନ୍ତ୍ରୀ ରାକେଶ କୁମାର ସାହୁ,କନିଷ୍ଠ ଯନ୍ତ୍ରୀ ହେମମାଳିନୀ ପତି,କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୫/୧୫)
–ପୁରୁଷୋତ୍ତମଯୋଗଃ–
(ଶ୍ରୀଭଗବାନୁବାଚ )

**ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ,ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।**
**ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ,ବେଦାନ୍ତକୃଦ୍ବେଦବିଦେବ ଚାହମ୍ ।।୧୫।।**

ମୁଁ ସବୁ ପ୍ରାଣୀଙ୍କ ହୃଦୟରେ ଅନ୍ତର୍ଯ୍ୟାମୀ ରୂପରେ ବିଦ୍ୟମାନ ଅଛି, ଅତଏବ ମୋଠାରୁ ପ୍ରାଣୀମାନଙ୍କର ପୂର୍ବାନୁଭୂତବିଷୟକ ସ୍ମୃତି, ବିଷୟେନ୍ଦ୍ରିୟସଂଯୋଗଜାତ ଜ୍ଞାନ ଏବଂ ଏ ଉଭୟର ଅଭାବ ମଧ୍ୟ ଜାତ ହୋଇଥାଏ, ମୁଁ ମଧ୍ୟ ସମସ୍ତ ବେଦରେ (ସେହି ସେହି ବେଦୋକ୍ତ ଦେବତା ରୂପରେ) ଜ୍ଞାତବ୍ୟ ବିଷୟ, ମୁଁ ମଧ୍ୟ ବେଦାନ୍ତକର୍ତ୍ତା (ଜନ୍ମଦାତା, ଗୁରୁ) ଓ ବେଦବେତ୍ତା (ବେଦାର୍ଥଜ୍ଞାତା) ।।୧୫।।

# ପୋଲାଭରମ୍ ପ୍ରକଳ୍ପର ଭବିଷ୍ୟତ

ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀ ଉପରେ ହେବାକୁ ଥିବା ପୋଲାଭରମ୍ ପ୍ରକଳ୍ପ ଯେତେବେଳେ ଆରମ୍ଭ ହେବାକୁ ଯାଇଛି, ସେତେବେଳେ ବାଧା ଉପୁଜି ଆସିଛି । ଫଳରେ ଏହି ପ୍ରକଳ୍ପଟି ଏକ ବିବାଦୀୟ ପ୍ରକଳ୍ପ ଭାବରେ ରହିଆସିଛି । ଏହାର ଭବିଷ୍ୟତ ମଧ୍ୟ ଅନିଶ୍ଚିତତା ମଧ୍ୟରେ ରହିଥିବା ପରି ମନେ ହେଉଥିଲା ବେଳେ ଏହି ପ୍ରକଳ୍ପ ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଦୃଷ୍ଟି ନିକ୍ଷେପ କରୁଥିବା ଆନନ୍ଦର ବିଷୟ । ଆସନ୍ତା ଦୁଇ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୭ ମଧ୍ୟରେ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଆନ୍ଧ୍ର ପ୍ରଦେଶର ଏକଚାଟିଆ ମନୋଭାବକୁ ଓଡ଼ିଶା ସମେତ ଛତିଶଗଡ଼ ଓ ତେଲେଙ୍ଗାନା ପ୍ରଭୃତି ରାଜ୍ୟ ଚାହୁଁ ନାହାନ୍ତି । ଏ ସଂକ୍ରାନ୍ତରେ ଏକାଧିକ ଆପତ୍ତି, ଅଭିଯୋଗ ଓ ମାମଲା ପଡ଼ିରହିଛି । ଅଥଚ ବିଗତ ୨୦୧୦ରେ ଏହାକୁ ଏକ ଜାତୀୟ ପ୍ରକଳ୍ପ ଭାବେ ତତ୍କାଳୀନ କଂଗ୍ରେସ ଓ ସହଯୋଗୀ ସରକାରର ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧି ଘୋଷଣା କରିଥିଲେ । କିନ୍ତୁ ବିଳମ୍ବିତ ଏହି ପ୍ରକଳ୍ପର ଅଗ୍ରଗତି ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଦକ୍ଷେପ ନେଉଥିବାରୁ ଆନ୍ଧ୍ର ପ୍ରଦେଶ ସମେତ ପଡୋଶୀ ରାଜ୍ୟମାନେ ଆଶ୍ୱସ୍ତ ହୋଇଥିବା ଜାଣିବାକୁ ମିଳିଛି ।

## ସମ୍ପାଦକୀୟ

ପ୍ରକୃତରେ ଇତିହାସକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ ଯେ ସ୍ୱାଧୀନତା ପୂର୍ବରୁ ୧୯୪୧ରେ ତତ୍କାଳୀନ ମାଡ୍ରାସ ପ୍ରେସିଡ଼େନ୍ସି ରାଜ୍ୟ ଏପରି ପ୍ରକଳ୍ପର ପରିକଳ୍ପନା କରିଥିଲେ । ଏହା ପରେ ଗୋଦାବରୀ ନଦୀ ଉପରେ ଏହି ବହୁମୁଖୀ ନଦୀବନ୍ଧ ପ୍ରକଳ୍ପ ପାଇଁ ଆନ୍ଧ୍ର ପ୍ରଦେଶ, ତତ୍କାଳୀନ ମଧ୍ୟପ୍ରଦେଶ ଓ ଓଡ଼ିଶା ସରକାର ୧୯୮୦ ମସିହା ଏପ୍ରିଲ ୨ ତାରିଖରେ ମିଳିତ ଭାବେ ଏକ ରାଜିନାମାରେ ସ୍ୱାକ୍ଷର କରିଥିଲେ । ମାତ୍ର ଆନ୍ଧ୍ର ପ୍ରଦେଶ ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ କରିବ ବୋଲି ଏହି ରାଜିନାମାରେ ରହିଥିଲା । ସେତେବେଳେ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ବ୍ରହ୍ମାନନ୍ଦ ରେଡ୍ଡୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ମଧ୍ୟରେ ଏହି ପ୍ରକଳ୍ପ ପାଇଁ ରାଜିନାମା ହୋଇଥିଲେ ମଧ୍ୟ ଓଡ଼ିଶାର ମାଲକାନଗିରି ଅଞ୍ଚଳରେ ୨୯ଟି ଗ୍ରାମ ଜଳମଗ୍ନ ହେବା କଥା ପଡ଼ିଲାରୁ ଆନ୍ଧ୍ର ପ୍ରଦେଶ ତାହାର ପ୍ରତିକାର ସକାଶେ ରାଜି ହୋଇ ସେ ଅନୁଯାୟୀ ନଦୀବନ୍ଧର ଉଚ୍ଚତା ବୃଦ୍ଧି କରାଯିବ ବୋଲି ମଧ୍ୟ ଆଲୋଚନା ହୋଇଥିଲା । ମାତ୍ର ଦୀର୍ଘ ଦିନ ଧରି ସେହି ପ୍ରକଳ୍ପ କାର୍ଯ୍ୟକାରୀ ନ ହୋଇ ଶୀତଳ ଭଣ୍ଡାରରେ ପଡ଼ି ରହିଥିଲା । ପରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠିତ କେନ୍ଦ୍ର ସରକାରଙ୍କ ଅଧୀନରେ ଜଳ ସଂପଦ ବିଭାଗୀର ମନ୍ତ୍ରୀ ଅର୍ଜୁନ ସେଠୀ ଥିବା ସମୟରେ ଏହି ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ ହେବା ସକାଶେ ସୁପାରିଶ କରାଯାଇଥିଲା । ୨୦୧୦ରେ ତତ୍କାଳୀନ କଂଗ୍ରେସ ଓ ସହଯୋଗୀ ଦଳର ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ଏହି ପ୍ରକଳ୍ପକୁ ଜାତୀୟ ପ୍ରକଳ୍ପ ଭାବେ ଘୋଷଣା କରିଥିଲେ । ଅଥଚ ସର୍ବୋଚ୍ଚ ଅଦାଲତରେ ଓଡ଼ିଶାର ମୂଳ ମୋକଦ୍ଦମାର ଶୁଣାଣି ୫୨ ଥର ହୋଇଥିଲା । ଏପରିକି ଏହାର ବିଚାର ଲାଗି ଏକାଧିକ ଥର ଉଦ୍ୟମ ହୋଇଥିଲେ ମଧ୍ୟ ଏହାର ସମାଧାନ କ୍ଷେତ୍ରରେ ଅଗ୍ରଗତି ସମ୍ଭବ ହୋଇପାରି ନାହିଁ ।

ଉଲ୍ଲେଖନୀୟ ଯେ ଗତ ୨୦୦୭ରେ ଓଡ଼ିଶା, ସର୍ବୋଚ୍ଚ ଅଦାଲତରେ ଏହି ପ୍ରକଳ୍ପ ବିରୋଧରେ ମୂଳ ମୋକଦ୍ଦମା ଦାଏର କରିଥିଲା । ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ସୀମାନ୍ତରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ଏକଚାଟିଆ କାରବାର ବିରୋଧରେ ଓଡ଼ିଶାର ବିଜେଡି–ବିଜେପି ମିଳିତ ସରକାର ସେତେବେଳକୁ ବାରମ୍ବାର ପ୍ରତିବାଦ କରିଥିଲେ । ମାତ୍ର ଆନ୍ଧ୍ର ପ୍ରଦେଶର ତତ୍କାଳୀନ ସରକାର ତାହାକୁ ଭ୍ରୁକ୍ଷେପ କରୁ ନଥିଲା । ବିବାଦୀୟ ଏହି ପୋଲାଭରମ ପ୍ରକଳ୍ପକୁ ବନ୍ଦ ରଖିବାକୁ ୨୦୦୭ରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । କାରଣ ଏ ସଂକ୍ରାନ୍ତରେ ଏକ ଜନସ୍ୱାର୍ଥ ମାମଲା ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ଦାଏର କରାଯାଇଥିଲା । ଏଥିରେ କୁହାଯାଇଥିଲା ଯେ ଆବଶ୍ୟକୀୟ କେନ୍ଦ୍ରୀୟ ଜଳ କମିଶନ, ଆଦିବାସୀ ମନ୍ତ୍ରଣାଳୟ ଓ ଜଙ୍ଗଲ ଜମି ସ୍ଥାନାନ୍ତରୀକରଣ ସଂକ୍ରାନ୍ତୀୟ ମଂଜୁରୀ ଆଣିବା ପରେ ଯାଇ ଏହି ପ୍ରକଳ୍ପର ବିଚାର କରାଯାଉ । ଏହାଛଡା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାର ବ୍ୟାପକ ଅଞ୍ଚଳ ବୁଡ଼ିଯିବା ସହ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ବିପନ୍ନ ହେବ ବୋଲି ମଧ୍ୟ କୁହାଯାଇଥିଲା । ଏହି ପ୍ରକଳ୍ପ ବିଷୟରେ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ରାଜଶେଖର ରେଡ୍ଡୀଙ୍କୁ ଓ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କୁ ଅନେକ ଚିଠି ଲେଖିଥିଲେ । ଏହି ପ୍ରକଳ୍ପ ତେଣୁ ନିଶ୍ଚିତ ହେବା ନେଇ ଏବର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଉପରେ ସମସ୍ତେ ଭରସା ରଖିଛନ୍ତି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଶ୍ୱ କ୍ଷୁଧା ଅନୁକ୍ରମଣିକାରେ ଭାରତର ସ୍ଥିତି



**ବିଦ୍ୟାଧର ମହାରଣା**

ବିଭିନ୍ନ କ୍ଷେତ୍ରରେ ଭାରତ ବିକାଶ ଲାଭକରି ୨୦୩୦ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ରଖିଛି । ଏହି ସମୟ ବେଳକୁ ଦେଶରେ ସାମଗ୍ରିକ ଘରୋଇ ଉତ୍ପାଦ (ଜି. ଡି. ପି) ୫ ଟ୍ରିଲିୟନ ଡଲାର ଅତିକ୍ରମ କରିପାରେ । ଏକ ଜନମଙ୍ଗଳ ରାଷ୍ଟ୍ରରେ ସମସ୍ତ ନାଗରିକଙ୍କ ଜୀବନର ମାନ ଉନ୍ନତ ହେବା ଜରୁରୀ । ସମସ୍ତଙ୍କର ମୁଣ୍ଡ ପିଛା ଆୟ ବୃଦ୍ଧି ହେବା ସହିତ କୌଣସି ନାଗରିକ ଯେପରି ଅଭାବ ଅନାଟନରେ ମୃତ୍ୟୁବରଣ ନକରନ୍ତି ତାହା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ । ସରକାର ଦେଶରୁ ଦାରିଦ୍ର୍ୟ ଦୂରୀକରଣ କରିବାରେ କେତେକ ସଫଳତା ହାସଲ କରି ପାରିଥିଲେ ମଧ୍ୟ ବିଶ୍ୱର କ୍ଷୁଧା ଅନୁକ୍ରମଣିକାରେ ଆମଦେଶ ୨୦୨୪ ମସିହାରେ ୧୨୭ ଦେଶ ମଧ୍ୟରେ ୧୦୫ରେ ସ୍ଥାନିତ ହେବା ଶୁଭ ଲକ୍ଷଣ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ୨୦୨୪ ମସିହାରେ ବିଶ୍ୱର କ୍ଷୁଧା ସୂଚକାଙ୍କ ଥିଲା ୧୮.୩ ଓ ଏସିଆ ମହାଦେଶରେ ଏହା ଥିଲା ୨୬.୨ । ଏହିବର୍ଷ ଡେମୋକ୍ରାଟିକ ରିପବ୍ଲିକ୍ କୋରିଆ, ଆଫଗାନିସ୍ତାନ, ପାକିସ୍ତାନ ଓ ଭାରତ ୨୭.୩ ରୁ ୩୧.୪ ସୂଚନାଙ୍କ ହାସଲ କରି ଗମ୍ଭୀର ଭାବେ କ୍ଷୁଧା ଗ୍ରସ୍ତ ଦେଶ ଶ୍ରେଣୀରେ ସ୍ଥାନିତ ହେଲାବେଳେ ବଙ୍ଗଳାଦେଶ, ମିୟାଁମାର, ନେପାଳ, ଫିଲିପାଇନ୍ସ, ଶ୍ରୀଲଙ୍କା ଓ ଥାଇଲାଣ୍ଡ ୧୦.୧ ରୁ ୧୯.୪ ସୂଚନାଙ୍କ ହାସଲ କରି ମଧ୍ୟମ ବର୍ଗରେ ସ୍ଥାନିତ ହୋଇଛନ୍ତି । ଚୀନ୍ ଦେଶର ଅଙ୍କ ୫ ରୁ ନିମ୍ନରେ ଅଛି ।

ସାଧାରଣତଃ କ୍ଷୁଧା ସୂଚକାଙ୍କ ୦ ଠାରୁ ୧୦୦ ମଧ୍ୟରେ ପ୍ରକାଶିତ ହୁଏ । ଯେଉଁ ଦେଶ ୦ ଅଙ୍କ ହାସଲ କରେ ସେହି ଦେଶରେ କ୍ଷୁଧାଗ୍ରସ୍ତ ଲୋକ ଶୂନ୍ୟ ବୋଲି ଧରାଯାଏ ଓ ୧୦୦ ଅଙ୍କ ପାଇଥିବା ଦେଶରେ ସମସ୍ତେ କ୍ଷୁଧାଗ୍ରସ୍ତ ବୋଲି ବିବେଚନା କରାଯାଏ । ୦ ଠାରୁ ୯.୯ ପାଇଥିବା ଦେଶକୁ ସାମାନ୍ୟ କ୍ଷୁଧାଗ୍ରସ୍ତ , ୧୦ ରୁ ୧୯.୯ ପାଇଥିବା ଦେଶ ମଧ୍ୟମ , ୨୦ ରୁ ୩୦.୯ ପାଇଥିବା ଦେଶ ଗମ୍ଭୀର , ୩୫ ରୁ ୪୯.୯ ଅଙ୍କ ପାଇଥିବା ଦେଶ ସାଂଘାତିକ ଭାବରେ କ୍ଷୁଧାଗ୍ରସ୍ତ ଓ ୫୦ ରୁ ୧୦୦ ଅଙ୍କ ପାଇଥିବା ଦେଶ ଅତି ସାଂଘାତିକ ବୋଲି ବିଚାର କରାଯାଏ ।

ଏପରି ଅନୁକ୍ରମଣିକା ପାଇଁ ଚାରିଟି ସୂଚକାଙ୍କ ହିସାବ କରାଯାଏ । ପ୍ରଥମଟି ହେଉଛି ମୋଟ ଜନସଂଖ୍ୟାର କେତେ ପ୍ରତିଶତ ପୁଷ୍ଟିହୀନତା ଅନୁଭବ କରନ୍ତି । ଦ୍ୱିତୀୟଟି ହେଉଛି କେତେ ଶିଶୁ କୁପୋଷଣ ଯୋଗୁ ବୟସ ଅନୁପାତରେ ଗେଡା ଦେଖା ଯାଆନ୍ତି । ତୃତୀୟ ସୂଚକାଙ୍କ ହେଉଛି କୁପୋଷଣ ଓ ପୁଷ୍ଟିହୀନତା ଯୋଗୁ କେତେ ଶିଶୁ ବୟସ ଅନୁସାରେ କମ୍ ଓଜନିଆ ଅଟନ୍ତି । ଚତୁର୍ଥ ହେଉଛି କେତେ ପ୍ରତିଶତ ପାଞ୍ଚ ବର୍ଷରୁ କମ୍ ବୟସ୍କ ଶିଶୁ ମୃତ୍ୟୁବରଣ କରନ୍ତି । କୌଣସି ଦେଶର ସୂଚକାଙ୍କକୁ ଆନ୍ତର୍ଜାତିକ ସୂଚକାଙ୍କ ସହ ତୁଳନା କରାଯାଏ । ଭାରତ କିନ୍ତୁ କ୍ଷୁଧା ଅନୁକ୍ରମଣିକାରେ କିଛିଟା ଉନ୍ନତି କରିବାର ଜଣାଯାଏ । କାରଣ ୨୦୦୦, ୨୦୦୮, ୨୦୧୬, ଓ ୨୦୨୪ ରେ ଦେଶରେ ସୁଚକାଙ୍କ ଯଥାକ୍ରମେ ୩୮.୪, ୩୫.୨, ୩୯.୩ ଓ ୨୭.୩ ହୋଇଛି । କେତେକ ଯୁକ୍ତି କରନ୍ତି ଆନୁବାଂଶିକ ଗୁଣ ବହନ କରୁଥିବା ଭାରତୀୟ ଶିଶୁ ପାଶ୍ଚାତ୍ୟ ଦେଶ ତୁଳନାରେ କମ୍ ଗେଡା ଓ ପତଳା ଅଟନ୍ତି । ଆମ ଦେଶରେ ରାଜ୍ୟ ଅନୁସାରେ ଏହି ଅନୁକ୍ରମଣିକା ବ୍ୟବଧାନ ମଧ୍ୟ ଦେଖାଯାଏ । ସବୁଠାରୁ ବେଶି କ୍ଷୁଧାଗ୍ରସ୍ତ ରାଜ୍ୟ ମଧ୍ୟ ରହିଛି । ବିହାର, ମଧ୍ୟପ୍ରଦେଶ, ଆସାମ, ରାଜସ୍ଥାନ ଓ ଉତ୍ତରପ୍ରଦେଶ ଚଣ୍ଡିଗଡ, କେରଳ, ସିକ୍କିମ୍ ଓ ପୁଡୁଚେରୀ ୧୬ ଠାରୁ କମ୍ ସୂଚକାଙ୍କ ସହ ମଧ୍ୟମ କ୍ଷୁଧିତ ବର୍ଗରେ ସ୍ଥାନିତ । ମଣିପୁର, ମିଜୋରାମ, ପଞ୍ଜାବ ,ଦିଲ୍ଲୀ, ଅରୁଣାଚଳ ପ୍ରଦେଶ, ଆଣ୍ଡାମାନ ଓ ନିକୋବର ଏବଂ ତାମିଲନାଡୁ ମଧ୍ୟ ମଧ୍ୟମ କ୍ଷୁଧିତ ବର୍ଗରେ ସ୍ଥାନିତ ।

ବର୍ତ୍ତମାନ ଆସିବା ଭାରତର ଏପରି ନୈରାଶ୍ୟଜନକ ଅନୁକ୍ରମଣିକାର କାରଣ ମଧ୍ୟରୁ ପ୍ରଥମ କାରଣ ହେଉଛି ଭାରତର ଦାରିଦ୍ର୍ୟ । ଏବେବି ଭାରତର ୨୧.୯ ପ୍ରତିଶତ ଲୋକ ଅତ୍ୟଧିକ ଦାରିଦ୍ର୍ୟ ଭୋଗ କରୁଛନ୍ତି । କେତେକ ରାଜ୍ୟରେ ଦାରିଦ୍ର୍ୟ ହାର ଏବେବି ଚିନ୍ତାଜନକ । ଦ୍ୱିତୀୟ କାରଣ ହେଉଛି ଅସ୍ଥିର କୃଷି ଉତ୍ପାଦନ । ଖାଦ୍ୟ ନିରାପତ୍ତା ସେତେବେଳେ ଆସେ, ଯେତେବେଳେ କୃଷି ଉତ୍ପାଦନ ଅଧିକ ହୁଏ, ଲୋକମାନଙ୍କ ଆର୍ଥିକ ବିକାଶ ଯୋଗୁ କ୍ରୟଶକ୍ତି ବୃଦ୍ଧି ପାଏ ଓ ଶିକ୍ଷା ଏବଂ ସ୍ୱାସ୍ଥ୍ୟର ବିକାଶ ଯୋଗୁ ଖାଦ୍ୟ ଗ୍ରହଣୀୟତା ଅଧିକ ହୁଏ । କିନ୍ତୁ ଜଳବାୟୁରେ କ୍ରମାଗତ ପରିବର୍ତ୍ତନ, ମୃତ୍ତିକାର ଅବକ୍ଷୟ, ଭିତ୍ତିଭୂମିର ଅଭାବ ଯୋଗୁ ଦେଶ ଖାଦ୍ୟ ଉତ୍ପାଦନ କ୍ଷେତରେ ସମ୍ପୂର୍ଣ୍ଣ ଆତ୍ମ ନିର୍ଭରଶୀଳ ନହୋଇ କେତେକ ଖାଦ୍ୟ ଅନ୍ୟ ଦେଶରୁ ଆମଦାନୀ କରେ । ଆମ ଦେଶ ଏବେବି ଡାଲି ଓ ତୈଳବୀଜ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରୁନାହିଁ । ତୃତୀୟ କାରଣ ହେଉଛି ରାଷ୍ଟ୍ରୀୟ ଖାଦ୍ୟ ନିରାପତ୍ତା ଆଇନ୍ ଅନୁସାରେ ଦାରିଦ୍ର୍ୟ ସୀମାରେଖା ନିମ୍ନରେ ଥିବା ପରିବାରକୁ ମାଗଣା କିମ୍ବା ରିହାତି ଦରରେ ଖାଦ୍ୟ ଯୋଗାଣ ହେଉଥିଲେ ମଧ୍ୟ ପ୍ରୋଟିନ୍ ଓ ମିନେରାଲ ତଥା ଭିଟାମିନ୍ ଅଭାବ ରହୁଛି । ଚତୁର୍ଥ କାରଣ ହେଉଛି ସରକାର ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଥିଲେ ମଧ୍ୟ ଯୋଗାଯାଉଥିବା ଖାଦ୍ୟ ସୁଷମ ହୋଇପାରୁନାହିଁ । ପଞ୍ଚମରେ ପୁଷ୍ଟିକର ଖାଦ୍ୟ ବାବଦରେ ଆବଶ୍ୟକ ଶିକ୍ଷା, ସ୍ୱାସ୍ଥ୍ୟ ସେବା, ସ୍ୱଚ୍ଛତା ଅଭାବ ସହିତ ନିରାପଦ ପାନୀୟ ଜଳ ଅଭାବ । ଆମ ଦେଶରେ ୧୫.୨ ପ୍ରତିଶତ ଲୋକ କୁପୋଷଣର ଶିକାର ହେଉଥିବାବେଳେ ୪୮.୪ ପ୍ରତିଶତ ପାଞ୍ଚ ବର୍ଷର ଶିଶୁ କୁପୋଷଣ ଅନୁଭବ କରନ୍ତି । ୩୮.୪ ପ୍ରତିଶତ ପାଞ୍ଚ ବର୍ଷର ଶିଶୁ ଗେଡା ଥିଲାବେଳେ ୨୧ ପ୍ରତିଶତ ଶିଶୁ କମ୍ ଓଜନର ହେଉଛନ୍ତି । ଷଷ୍ଠରେ ସମାଜରେ ଲିଙ୍ଗଗତ ପକ୍ଷପାତିତା ଯୋଗୁ ମହିଳାମାନେ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଛନ୍ତି । ପରିବାରରେ ସମସ୍ତେ ଖାଇବା ପରେ ଯାହା ବଳେ ତାକୁ ମହିଳାମାନେ ଖାଆନ୍ତି । ଶେଷରେ ଶରୀର ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ବିଷୟରେ ବହୁଲୋକ ଅଜ୍ଞ । ବୟସ ଓ ଶକ୍ତି ବିନିଯୋଗ ଅନୁସାରେ ଆମେ ଅନୁମୋଦିତ କ୍ୟାଲୋରି ଆବଶ୍ୟକ କରୁ । ଏହା ବ୍ୟତୀତ ଖାଦ୍ୟରେ ଯଥେଷ୍ଟ ପ୍ରୋଟିନ୍, ମିନେରାଲ ଓ ଭିଟାମିନ୍ ରହିବା ଆବଶ୍ୟକ । ଭାରତୀୟ ଭେଷଜ ଗବେଷଣା ପରିଷଦ ୨୦୨୦ ପର୍ଯ୍ୟନ୍ତ ଅନୁମୋଦିତ ଖାଦ୍ୟ ଆବଶ୍ୟକତା ସୂଚିତ କରିଛନ୍ତି । ଜଣେ ପ୍ରାପ୍ତ ବୟସ୍କ ପୁରୁଷ (୧୯ ରୁ ୩୯ ବର୍ଷ) ମଧ୍ୟମ ଧାରଣର କାର୍ଯ୍ୟ ପାଇଁ ଦୈନିକ ୨୭୦୦ କିଲୋ କ୍ୟାଲୋରି ଶକ୍ତି, ବୟସ୍କ ମହିଳା ମଧ୍ୟମ କର୍ମ ପାଇଁ ୨୧୩୦ କିଲୋ କ୍ୟାଲୋରି, ୬ ରୁ ୧୨ ମାସର ଶିଶୁ ଦୈନିକ ୬୭୦ କିଲୋ କ୍ୟାଲୋରି, ୧୦ ରୁ ୧୨ ବର୍ଷର ବାଳକ ଦୈନିକ ୨୭୨୦ କିଲୋ କ୍ୟାଲୋରି ଓ ସେହି ବର୍ଷର ବାଳିକା ଦିନକୁ ୨୦୬୦ କିଲୋ କ୍ୟାଲୋରି ଶକ୍ତି ବିଶିଷ୍ଟ ଖାଦ୍ୟ ଦରକାର କରନ୍ତି ।

୧୬ ରୁ ୧୮ ବର୍ଷର ବାଳକ ଦୈନିକ ୩୩୨୦ କିଲୋ କ୍ୟାଲୋରି ଏବଂ ସେହି ବର୍ଷର ବାଳିକା ଦୈନିକ ୨୫୨୦ କିଲୋ କ୍ୟାଲୋରି ବିଶିଷ୍ଟ ଖାଦ୍ୟ ଆବଶ୍ୟକ କରନ୍ତି । ଖାଦ୍ୟରେ ଅନୁମୋଦିତ ଶ୍ୱେତସାର ସହିତ ପ୍ରୋଟିନ୍ ,ଚର୍ବି, ଖଣିଜ ପଦାର୍ଥ ଓ ଭିଟାମିନ୍ ରହିବା ଜରୁରୀ । ଏଥିରୁ କୌଣସି ଗୋଟିକର ଅଭାବ ହେଲେ ଶରୀର ଅସୁସ୍ଥ ହୁଏ । ଜଣେ ବୟସ୍କ ଲୋକ ଦୈନିକ ଅନ୍ତତଃ ୫୪ ଗ୍ରାମ ଓ ବୟସ୍କ ମହିଳା ଦୈନିକ ୪୫.୭ ଗ୍ରାମ ପ୍ରୋଟିନ୍ ଆବଶ୍ୟକ କରେ । କେବଳ ଶାକାହାର କରୁଥିବା ପୁରୁଷ ଦୈନିକ ୬୦ ଗ୍ରାମ ପ୍ରୋଟିନ୍ ଆବଶ୍ୟକ କରନ୍ତି । ମହିଳାଙ୍କ କ୍ଷେତ୍ରରେ ଏହା ହେବ ୫୫ ଗ୍ରାମ । ହାରାହାରି ଭାବରେ ଜଣେ ବୟସ୍କ ଦୈନିକ ୪୫୦ ଗ୍ରାମ ଶ୍ୱେତସାର, ୫୦ ଗ୍ରାମ ପ୍ରୋଟିନ୍, ୩୦ ଗ୍ରାମ ଚର୍ବି, ୩୦୦ ଗ୍ରାମ ପନିପରିବା, ୧୦୦ ଗ୍ରାମ ଫଳ ଓ ୩୦୦ ଗ୍ରାମ କ୍ଷୀର ଖାଇବା କଥା । ବାସ୍ତବ ଚିତ୍ର କିନ୍ତୁ ଅଲଗା ।

ବର୍ତ୍ତମାନ ଆଲୋଚନା କରିବା ବିଶ୍ୱ କ୍ଷୁଧା ଅନୁକ୍ରମଣିକା ହିସାବରେ ଭାରତକୁ ସଂଶୋଧନ ଆଣିବାକୁ କେଉଁ ସବୁ ବ୍ୟବସ୍ଥା ଗ୍ରହଣୀୟ । ନିରନ୍ତର ବିକାଶ ଲକ୍ଷ୍ୟ ଅନୁସାରେ ଆମକୁ ସମ୍ପୂର୍ଣ୍ଣ କ୍ଷୁଧା ମୁକ୍ତ ହେବାକୁ ହେବ । ଏଥିପାଇଁ କେତେକ ଠୋସ୍ କଦମ୍ ଉଠାଇବା ଆବଶ୍ୟକ । ପ୍ରଥମ ପଦକ୍ଷେପ ହେଉଛି ଜଳବାୟୁ ସହନଶୀଳ କୃଷି ପଦ୍ଧତି ଅନୁସରଣ । ସ୍ଥାନୀୟ ଜଳବାୟୁର ଗତିବିଧିକୁ ଅନୁଧ୍ୟାନ କରି ଫସଲ ପର୍ଯ୍ୟାୟ ଅନୁସରଣ, ଫସଲ ବିବିଧିକରଣ, ଡାଲି ଓ ପୁଷ୍ଟିଶସ୍ୟ ଫସଲ ଚାଷ , ଜୈବିକ କୃଷି, ଦେଶୀ କିସମ ବ୍ୟବହାର ଓ କୃଷି ବନୀକରଣ ଉପରେ ଗୁରୁତ୍ୱ ଦେବାକୁ ହେବ । ପୁଷ୍ଟିସମ୍ବେଦୀ କୃଷି କୌଶଳ ହିସାବରେ ପୁଷ୍ଟିଶସ୍ୟ ଓ ଡାଲି ଫସଲ ଚାଷ, ପୁଷ୍ଟିକର ବଗିଚା, ବାୟୋ ଫର୍ଟିଫିକେଶନ ଓ ପ୍ରାକୃତିକ କୃଷି ପଦ୍ଧତି ଅନୁସରଣ କରିବା ଆବଶ୍ୟକ । ଆଜିକାଲି ବୈଜ୍ଞାନିକମାନେ ବାୟୋ ଫର୍ଟିଫିକେଶନ କରି ବହୁତ ନୂତନ କିସମ ବାହାର କଲେଣି । ଉଦାହରଣ ସ୍ୱରୂପ ସି. ଆର୍ ଧାନ ୩୧୦ ଡି. ଆର୍. ଆର୍ ଧାନ ୪୫, ଡବ୍ଲ୍ୟୁ. ବି ୦୨ ଗହମ , ମାଣ୍ଡିଆ ୯୨୯, କନ୍ଦମୂଳ ଭୂ ସୋନା କିସମଗୁଡିକରେ ପ୍ରୋଟିନ୍ ଓ ଅଣୁସାର ଅଧିକ ପରିମାଣରେ ଥାଏ । ଦ୍ୱିତୀୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ, ଅଙ୍ଗନବାଡି କେନ୍ଦ୍ର ଭୋଜନ ବ୍ୟବସ୍ଥାରେ ସଂସ୍କାର ଆଣିବା ଆବଶ୍ୟକ । ପ୍ରତି ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପାକଶାଳା ବଗିଚା ବହୁ ସଂଖ୍ୟାରେ କରିବା ଆବଶ୍ୟକ । ତୃତୀୟରେ ପୁଷ୍ଟିକର ଖାଦ୍ୟ ଓ ଏହାର ପ୍ରସ୍ତୁତି ସମ୍ବନ୍ଧରେ ସମସ୍ତଙ୍କୁ ସଚେତନତା କରିବା ପାଇଁ ଗୋଷ୍ଠୀ ସହଭାଗୀତା ଉପରେ ଦୃଷ୍ଟି ଦେବା ଜରୁରୀ । ପାରିବାରିକ ଉପଭୋଗ ବ୍ୟୟ ବୃଦ୍ଧି କରିବା ପାଇଁ ଦାରିଦ୍ର୍ୟ ଦୂରୀକରଣ ସହିତ ପାରିବାରିକ ଆୟ ବୃଦ୍ଧି କରାଗଲେ ଲୋକମାନଙ୍କ କ୍ରୟଶକ୍ତି ବୃଦ୍ଧି ପାଇ ଏହା ଖାଦ୍ୟ ଓ ପୁଷ୍ଟି ନିରାପତ୍ତାକୁ ସହାୟକ ହେବ । ଶେଷରେ ଅନୁନ୍ନତ ରାଜ୍ୟଗୁଡ଼ିକରେ ନିରାପଦ ପାନୀୟ ଜଳଯୋଗାଣ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ଉପରେ ସର୍ବାଧିକ ଗୁରୁତ୍ୱ ଦେଲେ, ବିଶ୍ୱ କ୍ଷୁଧା ଅନୁକ୍ରମଣିକା ତାଲିକାରେ ଭାରତ ନିଶ୍ଚିତ ଭାବରେ ଅଗ୍ରଗତି କରିବ ।

**କଳିଙ୍ଗନଗର ୭/୪୫୨**
**ଘାଟିକିଆ, ଭୁବନେଶ୍ୱର ୭୫୧୦୨୯**
**ମୋ–୯୪୩୭୦୭୧୧୯୦**

# ପରିବେଶ ସୁରକ୍ଷା, ଆମ ହାତରେ

**ଡ. ସୀତାକାନ୍ତ ତ୍ରିପାଠୀ**

ସାଧାରଣ ଭାବେ ମାଟି, ପାଣି ଓ ପବନକୁ ଆମେ ପରିବେଶର ମୂଖ୍ୟ ଅଙ୍ଗଭାବେ ବିବେଚନା କରିଥାଉ । ଶୁଦ୍ଧ ଖାଦ୍ୟ ଓ ପାନୀୟ ସହିତ ସ୍ୱଚ୍ଛ ବାୟୁ ହିଁ ଆମ ଜୀବନକୁ ସୁସ୍ଥ ଏବଂ ଦୀର୍ଘ କରିବାରେ ସାହାଯ୍ୟ କରିଥାଏ । ଯାହାକୁ ବିଚାର କରି ଆମ ପୂର୍ବଜମାନେ ଏଗୁଡ଼ିକୁ ଦେବାଦେବୀ ଭାବେ ମାନି ପୂଜା କରି ଆସିଛନ୍ତି । ପରିବର୍ତ୍ତିତ ସମାଜରେ ସିନା ଧୂପ, ଦୀପ, ନୈବେଦ୍ୟ ଦେଇ କେବଳ ଲୋକାଚାର ମତରେ ଆମେ ମାଟି ମା'ଙ୍କୁ ପୂଜା କରି ଆସୁଛୁ କିନ୍ତୁ ତାର କ'ଣ ସଠିକ ଯତ୍ନ ନେଇ ପାରୁଛନ୍ତି ନା ତା' ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି ପାରୁଛନ୍ତି ବରଂ ତାକୁ ବିଭିନ୍ନ ଭାବେ ଅତ୍ୟାଚାର କରି ନଷ୍ଟ ବିନଷ୍ଟ ଓ ଧ୍ୱଂସ କରୁଛୁ ଯାହା କେବଳ ତା ପାଇଁ କ୍ଷତି କାରକ ହେଉ ନାହିଁ ବରଂ ସମଗ୍ର ମନୁଷ୍ୟ ଜାତି ପାଇଁ ଧ୍ୱଂସର କାରଣ ପାଲଟୁଛି । ଭାରତ ବର୍ଷର ବିଭିନ୍ନ ନଦୀଙ୍କୁ ଆମେ ପ୍ରତିଦିନ ସକାଳେ ଠାକୁର ପୂଜା ବେଳେ ସ୍ମରଣ କରିଥାଉ । ନଦୀ ଏବଂ ସମୁଦ୍ର କୂଳମାନଙ୍କର ବିଭିନ୍ନ ପର୍ବପର୍ବାଣୀରେ ପୂଜା ଅର୍ଚ୍ଚନା ତଥା ଶ୍ରାଦ୍ଧାଦି କର୍ମ ସମାପନ କରି ଆମେ ନିଜକୁ ଧନ୍ୟ ମନେ କରୁ । ବିଷ୍ଣୁ କ୍ଷୀର ସାଗର ମଧ୍ୟରେ ଅବସ୍ଥାନ କରୁଛନ୍ତି ବୋଲି ବିଚାର କରି ଆମେ ମହୋଦଧିଙ୍କୁ ଶ୍ରଦ୍ଧା କରୁ କିନ୍ତୁ ସେସବୁକୁ କ'ଣ ଆମେ ସୁରକ୍ଷା ଦେଇ ପାରୁଛୁ? ଆମେ ଜାଣିଶୁଣି ପ୍ରତ୍ୟେକ୍ଷ ଭାବରେ ହୁଏତ ଏସବୁର କ୍ଷତି ସାଧନ ନକରି ପାରୁଥାଉ କିନ୍ତୁ ଅଜାଣତରେ ଏସବୁକୁ ପ୍ରଦୂଷିତ କରିବା ସହିତ ଅନ୍ୟମାନେ ଏହାକୁ ବିଷାକ୍ତ କରିବା ସମୟରେ ଆମେ ନୀରବ ଦର୍ଶକ ସାଜିଥାଉ । ଆମ ଦେବାଦେବୀ, ପର୍ବ–ପର୍ବାଣୀ, ପୂଜା–କର୍ମ, ଚାଷ–ବାସ ଋତୁଚକ୍ରଗୁଡ଼ିକ ସମସ୍ତେ ଯେ ଗୋଟିଏ ସୂତ୍ରରେ ବନ୍ଧା ଏକଥାର ଗହନ ଅର୍ଥ ବୁଝି ପାରିଲେ ଆମେ ପୂଜା ପାଠ କରି ସାମାଜିକ ଏବଂ ଆଧ୍ୟାତ୍ମିକ ଆନନ୍ଦ ଲାଭ କରିବା ସହିତ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବା ପାଇଁ ନିଜର ସମ୍ୟକ ପ୍ରୟାସ ଓ ଶ୍ରମକୁ ଜନସ୍ୱାର୍ଥ ସମ୍ବଳିତ କରିବା ପାଇଁ ଅଭିନବ ଉଦ୍ୟମ ଆରମ୍ଭ କରିପାରିବା ।

ଠାକୁର – ଠାକୁରାଣୀ ପୂଜା, ଶ୍ରାଦ୍ଧ କର୍ମରେ ବ୍ୟବହୃତ ଫୁଲ, ଦୀପ, କାଠ, ମୂର୍ତ୍ତି ଆଦିକୁ ନଦୀ, ନାଳ କିମ୍ବା ପୋଖରୀରେ ବିସର୍ଜନ ନକରି ଏହାକୁ ସରକାରୀ ଅନୁମୋଦିଦ ଜାଗାମାନଙ୍କରେ ଫିଙ୍ଗିବା ଯାହାଦ୍ୱାରା ସେଗୁଡ଼ିକର ସଦ୍‌ବ୍ୟବହାର, ପୁନଃ ଉପଯୋଗ ହେବା ସହିତ ପରିବେଶ ପ୍ରଦୂଷଣରୁ ମୁକ୍ତି ମିଳିବ ।

ବିଭିନ୍ନ ପର୍ବପର୍ବାଣୀ, ଉତ୍ସବ ସମୟରେ ଉଚ୍ଚ ଶବ୍ଦ ଏବଂ ଧୂଆଁ ସୃଷ୍ଟିକାରୀ ବାଣ ଫୁଟାଇବାରୁ ନିଜକୁ ବିରତ ରଖିବା । ଏ କ୍ଷେତ୍ରରେ ପରିବେଶ ଅନୁକୂଳ ସବୁଜ ବାଣର ପ୍ରୟୋଗ କରିବା ବିଜ୍ଞତାର ପରିଚୟ ହେବ । କୃଷି କାର୍ଯ୍ୟରେ ଅତ୍ୟଧିକ କୃତ୍ରିମ ସାର ଏବଂ କୀଟ ନାଶକ ବ୍ୟବହାର କରିବା ଅପେକ୍ଷା ପ୍ରାକୃତିକ ଉପାୟରେ ତିଆରି କମ୍ପୋଷ୍ଟ ଓ ଜିଆ ଖତର ବ୍ୟବହାର କଲେ ମାଟିର ସୁରକ୍ଷା ହୋଇ ପାରିବ । ଜଳ ଓ ବିଦ୍ୟୁତ ବ୍ୟବହାର ସମୟରେ ଅନେକ ବେହିସାବୀ । ଏଗୁଡ଼ିକ ଯେ ଆମ ପରିବେଶର ଏକ ପ୍ରମୂଖ ଅଙ୍ଗ ସେସବୁକୁ ବୁଝି କାମରେ ଲଗାଇବା ସତେ ଯେପରି ଦୁରୁହ ବ୍ୟାପାର । ପ୍ରାକୃତିକ ସମ୍ବଳର ବ୍ୟବହାର ସମୟରେ ଆମକୁ ସୁଚିନ୍ତିତ ଓ ସୁନିୟନ୍ତ୍ରିତ ପଦକ୍ଷେପ ନେବା ଦରକାର । ନିଜେ ଗଛ ଲଗାଇବା ସହିତ ଅନ୍ୟମାନଙ୍କୁ ଏଥିପାଇଁ ଉତ୍ସାହିତ କରିବା ଏବଂ ବିଭିନ୍ନ ସ୍ଥାନରେ ଗଛଗୁଡ଼ିକର ଯତ୍ନ ନେବା ଦ୍ୱାରା ଗୁଣ୍ଡୁଚିମୂଷା ଭଳି ଛୋଟ ଛୋଟ ପଦକ୍ଷେପ ପରିବେଶ ସୁରକ୍ଷା ଭଳି ଏକ ବୃହତ ଅଭିଳାଷ ସାଫଲ୍ୟ ମଣ୍ଡିତ ହୋଇପାରିବ ।

**ଭଦ୍ରକ,ମୋ–୯୭୭୮୭୬୪୩୯୪**

# ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ...

**କିଶୋର କୁମାର ଜେନା**

ଜୀବନ ହେଉଛି ଈଶ୍ୱରଙ୍କର ବ୍ୟକ୍ତରୂପ। ଜୀବନ ଆନନ୍ଦ । ଜୀବନ ହେଉଛି ଆତ୍ମାନନ୍ଦର ପ୍ଲାବନ । ଜୀବନ ହେଉଛି ଏକ ଚେତନାର ସ୍ରୋତ । ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ । ସକଳ ବସ୍ତୁରେ ଜୀବନ ବିଦ୍ୟମାନ । ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ । ଖଣ୍ଡିଏ ପଥରର ବି ଜୀବନ ରହିଛି । ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସଂପୂର୍ଣ୍ଣ ରୂପେ ପ୍ରମାଣ କରିସାରିଛନ୍ତି ।

ଜୀବନ ଅଛି ତ ଯନ୍ତ୍ରଣା ନିଶ୍ଚିନ୍ତ ରହିବା ତେବେ କିପରି ଯନ୍ତ୍ରଣାର କ୍ଷତ କମ ହେବ ଏ ନେଇ ଅନେକ ଆମେ ଧର୍ମଶାସ୍ତ୍ର ଅଧ୍ୟୟନ କରିଥାଉ। ଜୀବନ ଯନ୍ତ୍ରଣା ପ୍ରସଙ୍ଗରେ ଏକ ଛୋଟିଆ କଥାଟି ଏଠାରେ ଉପସ୍ଥାପନ କରୁଛି । ଜଣେ ଅସୁଖୀ ଯୁବକ ଦିନେ ଜଣେ ଜ୍ଞାନୀ ବ୍ୟକ୍ତିଙ୍କୁ ଭେଟି ନିଜର ଦୁଃଖ ଜଣାଇଲେ । କ'ଣ କଲେ ଦୁଃଖ–ଯନ୍ତ୍ରଣା ଦୂର ହେବ ପଚାରିଲେ । ଜ୍ଞାନୀ ଗୋଟିଏ ଗ୍ଲାସ୍ ପାଣିରେ ମୁଠାଏ ଲୁଣ ମିଶାଇ, ତାଙ୍କୁ ପିଇବାକୁ ଦେଲେ । ଯୁବକ ଭାବିଲେ ପରୀକ୍ଷା କରାଯାଉଛି, ସେ ପିଇଦେଲେ । ଲୁଣପାଣିତକ ଢ଼ୋକିବା ପାଇଁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଲା । ଜ୍ଞାନୀ ପଚାରିଲେ, କେମିତି ଲାଗିଲା । ଅତି ଖରାପ ଲାଗିଲା ବୋଲି ଯୁବକ ଉତ୍ତର ଦେଲେ । ତହୁଁ ଜ୍ଞାନୀ ବ୍ୟକ୍ତି, ତାଙ୍କୁ ନିକଟରେ ଥିବା ଏକ ମଧୁର ଜଳ ହ୍ରଦ ପାଖକୁ ନେଇଗଲେ । ପାଖରେ ରଖିଥିଲେ ମୁଠାଏ ଲୁଣ । ଲୁଣ ମୁଠାକ ହ୍ରଦ ଭିତରକୁ ଫୋପାଡ଼ି ଦେଇ ହ୍ରଦ ପାଣିରୁ ମୁନ୍ଦେ ପିଇବା ପାଇଁ ଯୁବକଙ୍କୁ କହିଲେ । ଯୁବକ ପାଣି ପିଇଲେ କିଛି କଷ୍ଟ ହେଲା ନାହିଁ । ବିଚଳିତ ଦୁଃଖୀ ଯୁବକଙ୍କୁ ଜ୍ଞାନୀ କହିଲେ, ପାର୍ଥିବ ଯନ୍ତ୍ରଣା ମୁଠାଏ ଲୁଣ ପରି । ଯନ୍ତ୍ରଣା ଅଧିକ ନୁହେଁ କି କମ୍ ନୁହେଁ । ସବୁବେଳେ ସମାନ । ତେବେ ଯନ୍ତ୍ରଣାରେ ଅନୁଭବ ନିର୍ଭର କରୁଛି, ଆମେ ତାକୁ କେଉଁଠି ରଖିଛେ, ତା' ଉପରେ । ଗ୍ଲାସ ପରି ନ ହୋଇ ହ୍ରଦ ପରି ନିଜକୁ ବିସ୍ତାରିତ କର । ଯନ୍ତ୍ରଣା ଅନୁଭୂତ ହେବନାହିଁ । ନିଜକୁ ଯେତେ ଅଧିକ ବିସ୍ତାରିତ କରିବ ବା ଅନ୍ୟ କାର୍ଯ୍ୟରେ ଯେତେ ଅଧିକ ନିୟୋଜିତ ହେବ, ଯନ୍ତ୍ରଣା ସେତିକି କମ୍ ଅନୁଭୂତ ହେବ । ଆମେ ପ୍ରତ୍ୟେକେ ହେଉଛୁ ଜଣେ ତୀର୍ଥଯାତ୍ରୀ । ଆମେ ଚାଲିଯିବା ପାଇଁ ଆସିଥାଉଁ । ଈଶ୍ୱର ହିଁ ଆମର ଲକ୍ଷ୍ୟସ୍ଥଳ । ଆମେ ଯେଉଁ ଉତ୍ତରାଧିକାରୀ ହରାଇ ବସିଛୁ, ଯେଉଁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ସମ୍ପତ୍ତି ବିଷୟ ଆମେ ପାଶୋରି ଯାଇଛୁ, ସେହି ଅଧିକାର, ସେହି ସମ୍ପତ୍ତି ଅନ୍ୱେଷଣ କରିବା ହିଁ ଆମର କାର୍ଯ୍ୟ । ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ମାର୍ଗ ନିର୍ଦ୍ଦେଶ କରିଛନ୍ତି –'ଈଶ୍ୱରଙ୍କ ସହିତ ଆମର ଅଭିନ୍ନତ୍ୱ ରହିଛି – ଏ ବିଷୟରେ ଏକ ସଚେତନ ଉପଲବ୍ଧି ଜାଗ୍ରତ କରାଇବା ହିଁ ଜୀବନର ପ୍ରଧାନ ମୌଳିକ ଲକ୍ଷ୍ୟ। ଏଥିରୁ ପୃଥକ ହୋଇଗଲେ ଜୀବନର କୌଣସି ଅର୍ଥ ରହେନାହିଁ । ଜୀବନ ଯେତେବେଳେ ପୂର୍ଣ୍ଣ ବା ସାମୂହିକ ହୋଇଯାଏ, ଯେତେବେଳେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇଯାଏ, ସେତେବେଳେ ଜୀବନ ସାର୍ଥକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଯାଏ ।' ଆମେ ଯେଉଁଠାରୁ ଆସିଥାଉ, ସେଠାକୁ ଫେରିଯିବା ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ । ନଦୀ ଯେପରି ତାର ଜଳର ଅନ୍ତିମ ଉତ୍ପତ୍ତିସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ, ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରତ ହୋଇଯିବାକୁ ପ୍ରଜ୍ୱଳିତ, ଆମକୁ ସେହିପରି ସେହି ପରମକାରଣଙ୍କର କୃପା ଲାଭ କରିବା ପାଇଁ, ତାଙ୍କରି ସହିତ ମିଳିତ ହୋଇଯିବା ପାଇଁ ଏହି ଧରାପୃଷ୍ଠରେ ଅବିଶ୍ରାନ୍ତ ଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିଥାଏ ।

ସାଧୁତା ହିଁ ଜୀବନର ନୀତି ହେଉ । ସାଧୁଜୀବନ ଯାପନ କରୁ । ଧର୍ମମାର୍ଗରୁ ବିଚ୍ୟୁତ ହୁଅନ୍ତୁ ନାହିଁ । ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି – 'ସଦ୍‌ଗୁଣବିହୀନ ଜୀବନ ମନୁଷ୍ୟ ଜୀବନ ହୋଇ ନପାରେ । ନିଃସ୍ୱାର୍ଥପର ସେବାରେ ହିଁ ଜୀବନର ସ୍ୱାଦ ଓ ସରସ୍ୱତା ନିହିତ । ବିଶ୍ୱପ୍ରେମ ହିଁ ଜୀବନର ଜୀବିକା ।'

ଆପଣ ଯଦି ସମଗ୍ର ମାନବଜାତିର ସେବାରେ ଆତ୍ମନିଯୋଗ କରି ନ ଦିଅନ୍ତି, ଯଦି ସମଗ୍ର ମାନବ ଜାତିକୁ ପ୍ରେମ କରିବାକୁ ଶିଖନ୍ତି, ତେବେ ଜୀବନର ପୂର୍ଣ୍ଣତା ଲାଭ କରିପାରିବେ ନାହିଁ, ବଞ୍ଚିବାର ପୂର୍ଣ୍ଣ ତାତ୍ପର୍ଯ୍ୟ ଉପଲବ୍ଧି କରିପାରିବେ ନାହିଁ । ଜନସେବା ଓ ଭଗବତ ଭକ୍ତିରେ ହିଁ ପ୍ରକୃତ ଜୀବନର ରହସ୍ୟ ନିହିତ । ଅପରକୁ ସାହାଯ୍ୟ କରିବା ଲାଗି ଜୀବନ ଧାରଣ କରନ୍ତୁ । ସେହିପରି ଜୀବନଯାପନ କଲେ ହିଁ ଆପଣଙ୍କ ଭିତରେ ଦିବ୍ୟଶକ୍ତିର ସ୍ରୋତ ସଞ୍ଜୀବନୀ ଶକ୍ତି ହୋଇ ପ୍ରବାହିତ ହେବ । ଜୀବନକୁ ନିତ୍ୟାନନ୍ଦ ମୟ କରିଦିଅନ୍ତୁ । ସତ୍ୟରୁ ଆନନ୍ଦ ଲାଭ କରନ୍ତୁ । ତପଃରୁ ଆନନ୍ଦ ଲାଭ କରନ୍ତୁ । ପ୍ରତ୍ୟେକଟି ଦିନକୁ ଜୀବନର ଅନ୍ତିମ ଦିବସ ବୋଲି ଗ୍ରହଣ କରି ଦିନର ପ୍ରତିଟି ମୁହୂର୍ତ୍ତ ପ୍ରାର୍ଥନା, ଧ୍ୟାନ ଓ ସେବାରେ ନିୟୋଜିତ କରନ୍ତୁ । ଆପଣଙ୍କ ଜୀବନ ଭଗବତ ପଦାରବିନ୍ଦରେ ଏକ ନିୟତ–ଉତ୍ସର୍ଗରେ ପରିଣତ ହୋଇଯାଉ । ଜୀବନ ପ୍ରସଙ୍ଗରେ ଆଲୋଚନା ରଖିବାବେଳେ ବ୍ୟାସକବି ଫକୀରମୋହନଙ୍କ କାଳଜୟୀ ଓ ସ୍ମରଣୀୟ ଧାଡିଟି ମନେପଡୁଛି – ' ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ, ଜନମ କାଳରେ ଦୁଃଖ, ଦୁଃଖ ଶୈଶବରେ, ଯୌବନରେ ଅଛି ଦୁଃଖ ବାର୍ଦ୍ଧକ୍ୟେ, ମରଣେ । ମହାଦୁଃଖଚକ୍ରେ ଆବର୍ତ୍ତିତ ଲୋକ ଗଲେ ।'

**ଆଇନଜୀବୀ, ବଙ୍ଗାଳିସାହି,**
**କଟକ, ମୋ– ୭୩୨୫୯୦୪୯୨୭**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ବଦଳିବ...

ମଧ୍ୟରେ ସଂସଦୀୟ ବ୍ୟାପାର ବିଭାଗ ପାଖରେ ମେମୋରେଣ୍ଡମ ଦାଖଲ କରିବାକୁ ପଡ଼ିବ । ଏହି ମେମୋରେଣ୍ଡମ ଓ ଆବଶ୍ୟକୀୟ ଦସ୍ତାବିଜକୁ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କୁ ପ୍ରଦାନ କରାଯିବ । ବୈଠକ ବସିବାର ଦୁଇ କାର୍ଯ୍ୟ ଦିବସ ପୂର୍ବରୁ ସକାଳ ୧୦.୩୦ଟା ସୁଦ୍ଧା ସମସ୍ତ ମନ୍ତ୍ରୀମାନଙ୍କ ନିକଟକୁ କପି ପଠାଯିବ । ଏସବୁ ବ୍ୟତୀତ ରୁଲ୍ସ ଅଫ୍ ବିଜ୍‌ନେସ୍ ନିୟମ ଅନୁଯାୟୀ ମୁଖ୍ୟମନ୍ତ୍ରୀ ବିନା ଅନୁମତିରେ ସର୍କୁଲାର୍‌ରେ ସ୍ଥାନ ପାଇ ନଥିବା କୌଣସି ବିଷୟ ଏଜେଣ୍ଡାରେ ସାମିଲ ହେବ ନାହିଁ । ବୈଠକରେ ସାମିଲ ମନ୍ତ୍ରୀମାନଙ୍କୁ ନିଜର ମତ ରଖିବାକୁ ସୁଯୋଗ ଦିଆଯିବ ସହ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ମଧ୍ୟ ପରାମର୍ଶ ଦେଇପାରିବେ । ବିଭାଗୀୟ ସଚିବମାନେ କେବଳ ନିଜ ବିଭାଗ ସମ୍ପର୍କିତ ମତ ରଖିବା ପାଇଁ କ୍ୟାବିନେଟ ବୈଠକ ଚାଲିଥିବା ହଲ୍‌କୁ ଆସି ମତ ରଖି ତୁରନ୍ତ ପ୍ରସ୍ଥାନ କରିବେ । ମନ୍ତ୍ରୀମାନଙ୍କ ଉପରେ ପୂର୍ବରୁ ସଚିବମାନେ ଅଧିକ ପ୍ରଭାବ ବିସ୍ତାର କରୁଥିଲେ ଓ କ୍ୟାବିନେଟ ଏଜେଣ୍ଡା ବୁଝିବା ଓ ଜାଣିବା ମନ୍ତ୍ରୀମାନଙ୍କ ପାଖରେ ସମ୍ଭବ ହେଉ ନଥିଲା । ବିଭାଗୀୟ ନିର୍ଦ୍ଦେଶନାମା ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ମନ୍ତ୍ରିମଣ୍ଡଳ ବ୍ୟବସ୍ଥାର ମର୍ଯ୍ୟାଦା ପୁନଃ ସ୍ଥାପିତ ହୋଇଛି । ୭୨ ଘଣ୍ଟା ପୂର୍ବରୁ ମନ୍ତ୍ରୀମାନଙ୍କୁ ଅଧ୍ୟୟନ ପାଇଁ ପ୍ରସ୍ତାବ ପଠାଯିବ । ଯାହାତ ଗୁଣାତ୍ମକ ଆଲୋଚନା ନିଷ୍ପତ୍ତିକୁ ସହଜ କରିବ । ପୂର୍ବ ସରକାର ଗଣତାନ୍ତ୍ରିକ ନିଷ୍ପତ୍ତିକୁ ଗୌଣ କରିଥିଲା । ଏବେ ଏହା ବଦଳିଛି । ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି ଯେ ପୂର୍ବ ସରକାର ଅହଂକାରୀ ଥିଲା ଓ ଗଣତନ୍ତ୍ରକୁ ନଷ୍ଟ କରୁଥିଲା । ମନ୍ତ୍ରୀମାନେ ବିଭାଗୀୟ ବିଷୟରେ ବିସ୍ତୃତ ଜ୍ଞାନ ରଖି ବୈଠକ ପୂର୍ବରୁ ଅଧ୍ୟୟନ କରୁଛନ୍ତି । ପୂର୍ବ ବୈଠକ ୧୦ରୁ ୧୫ ମିନିଟ୍‌ରେ ସରୁଥିଲା । କିନ୍ତୁ ଏବେ ନିର୍ବାଚିତ ପ୍ରତିନିଧିଙ୍କ ଯୁକ୍ତିଯୁକ୍ତ ପରାମର୍ଶ ଗ୍ରହଣ କରିବ ଯୋଜନା ପ୍ରଣୟନ କରାଯାଉଛି ।

## ୩ ବର୍ଷ...

ପାଇଁ ହୋଇଥିବା ପରୀକ୍ଷା କ୍ଷେତ୍ରରେ ଏହା ଲାଗୁ ହେବନାହିଁ । ପୁଣି ନିର୍ଦ୍ଦେଶରେ କୁହାଯାଇଛି ଯେ ଯେଉଁ ହାଇକୋର୍ଟଗୁଡ଼ିକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିବେ ସେମାନେ ମଧ୍ୟ ଏହି ସର୍ବନିମ୍ନ ଯୋଗ୍ୟତାକୁ ଲାଗୁ କରିବା ଆବଶ୍ୟକ ନାହିଁ । କିନ୍ତୁ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟାରେ ଏହା ଲାଗୁ କରାଯିବ । କୋର୍ଟ ପକ୍ଷରୁ ସଦ୍ୟ ଆଇନ୍‌ରେ ସ୍ନାତକ କରିଥିବା ଯୁବକଙ୍କ ନିଯୁକ୍ତି ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି । ଅଭିଜ୍ଞତା ନଥିବା ଆଇନ୍ ସ୍ନାତକମାନେ ସଠିକ୍ ଭାବେ କାର୍ଯ୍ୟ ତୁଲାଇ ପାରୁନାହାନ୍ତି । କାରଣ ବିଚାରପତି ଭାବେ ନିଯୁକ୍ତି ପାଇବା ପରେ ସେମାନେ ସେମାନଙ୍କ ଜୀବନ, ସ୍ୱାଧୀନତା ଓ ସମ୍ମାନ ନେଇ ପ୍ରଶ୍ନ ଉଠିବ । ସଠିକ୍ ଭାବେ ଅନୁଶୀଳନ କରାଯାଇଛି ଯେ ଚାକିରି ପୂର୍ବରୁ ପ୍ରଶିକ୍ଷଣ ନିଆଯାଉନଥିବାରୁ କୋର୍ଟ କାର୍ଯ୍ୟ ବ୍ୟବସ୍ଥା ପାଇଁ ଅଭିଜ୍ଞତା କମ୍ ରହୁଛି । କୋର୍ଟର ବାତାବରଣ ସମ୍ପର୍କରେ ବରିଷ୍ଠମାନଙ୍କ ଠାରୁ କନିଷ୍ଠ ଆଇନ୍‌ଜୀବୀମାନେ ପ୍ରଥମେ ଜାଣିବା ଦରକାର । ସ୍ପଷ୍ଟ କରିଦିଆଯାଇଛି ଯେ ଅଲ୍‌ଇଣ୍ଡିଆ ବାର୍ ଏକ୍‌ଜାମ୍‌ରେ ଉତ୍ତୀର୍ଣ୍ଣ ହେବାପରେ ଏହି ବ୍ୟବସ୍ଥା ଲାଗୁ ହେବ । ଅର୍ଥାତ୍ ଏହାପରେ ସେମାନଙ୍କୁ ୩ ବର୍ଷ ବୃତ୍ତିରେ ଥିବା ଦର୍ଶାଇବାକୁ ପଡିବ ।

## ସର୍ବସାଧାରଣ ବିଜ୍ଞପ୍ତି

**XXIV-04 :** ଓଡ଼ିଶା ରାଜ୍ୟର ଯାଜପୁର ଜିଲ୍ଲାରେ ଜାତୀୟ ରାଜପଥ ସଂଖ୍ୟା–୨୦ର କି.ମି. : ୦/୦୦ ଠାରୁ ୩୫/୮୦୦ କି.ମି. ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣ ୪ ଥାକିଆ + ପେଭଡ଼ ସୋଲଡର / ୨ + ଥାକିଆ ପେଭଡ଼ ସୋଲଡର (କୁଆଖିଆ–ମଙ୍ଗଳପୁର ଭାଗ)ର ନିର୍ମାଣ ପାଇଁ ଜାତୀୟ ରାଜପଥ ଅଧିନିୟମ ୧୯୫୬ ର ଧାରା ୩(ଛ) ଦ୍ୱାରା ଭୂମି ଅଧିଗ୍ରହଣ ହେଉଥିବା ବଉଳାଙ୍ଗ ଗ୍ରାମର ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କ କ୍ଷତିପୂରଣ ରାଶିର ଘୋଷଣା ସମ୍ବନ୍ଧରେ ସୂଚନା ।

ସମସ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କ ଧ୍ୟାନ ଆକର୍ଷଣ ପାଇଁ ଜାତୀୟ ରାଜପଥ ଅଧିନିୟମ ୧୯୫୬ ର ଧାରା ୩ (କ) ଅନୁଯାୟୀ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ଯଥାକ୍ରମେ ୯୯ ତାରିଖ ୧୦.୦୧.୨୦୧୨ ଏବଂ ପରବର୍ତ୍ତୀ ସମୟରେ ଜାତୀୟ ରାଜପଥ ଅଧିନିୟମ ୧୯୫୬ ର ଧାରା ୩ (ଘ) ଅନୁଯାୟୀ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୮୯୩ ତାରିଖ ୨୧.୦୪.୨୦୨୨ରେ ଓଡ଼ିଶା ରାଜ୍ୟ ର ଯାଜପୁର ଜିଲ୍ଲାରେ ଜାତୀୟ ରାଜପଥ ସଂଖ୍ୟା – ୦/୦୦ ଠାରୁ ୩୫/୮୦୦ କି.ମି. ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣ ୪ ଥାକିଆ + ପେଭଡ଼ ସୋଲଡର / ୨ + ଥାକିଆ ପେଭଡ ସୋଲଡର (କୁଆଖିଆ–ମଙ୍ଗଳପୁର ଭାଗ) ନିର୍ମାଣ ସମ୍ବନ୍ଧରେ ପ୍ରକାଶ ପାଇଥିବା ଦୈନିକ ଖବରକାଗଜର ବିବରଣୀ ।

| କ୍ରମିକ ସଂଖ୍ୟା | ବିଜ୍ଞପ୍ତି | ପ୍ରକାଶିତ ଖବରକାଗଜର ନାମ | ପ୍ରକାଶିତ ତାରିଖ | ପ୍ରକାଶିତ ଭାଷା |
|---|---|---|---|---|
| ୧ | ଧାରା ୩(କ) | ପ୍ରମେୟ | ୦୯.୦୨.୨୦୨୨ | ଇଂରାଜୀ |
| | | ସମ୍ବାଦ | ୦୯.୦୨.୨୦୨୨ | ଓଡ଼ିଆ |
| ୨ | ଧାରା ୩ (ଘ) | ଧରିତ୍ରୀ | ୧୪.୦୬.୨୦୨୨ | ଇଂରାଜୀ |
| | | ପ୍ରମେୟ | ୧୪.୦୬.୨୦୨୨ | ଓଡ଼ିଆ |

ସୂଚନା ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ କ୍ଷତିପୂରଣ ରାଶି ଜାତୀୟ ରାଜପଥ ଅଧିନିୟମ ୧୯୫୬ ର ଧାରା ୩ (ଛ) ଅନୁଯାୟୀ ପ୍ରସ୍ତୁତ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ତଥା ମନ୍ତ୍ରାଳୟଙ୍କ ଅନୁମୋଦନ ତାରିଖ ୧୭.୦୩.୨୦୨୫ ଅନୁଯାୟୀ ଘୋଷଣା କରୁଛନ୍ତି । ଭୂମି ଅଧିଗ୍ରହଣ ସଂସ୍ଥା ସଡକ ପରିବହନ ଏବଂ ରାଜମାର୍ଗ, ମନ୍ତ୍ରାଳୟ ଆବଶ୍ୟକୀୟ ପରିମାଣର କ୍ଷତିପୂରଣ ରାଶି ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧୀନରେ ରଖିଛନ୍ତି ।

ତଦାନୁଯାୟୀ ସମସ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କୁ ଏହି ବିଜ୍ଞପ୍ତି ମାଧ୍ୟମରେ ସୂଚାଇ ଦିଆଯାଉଛି କି, PFMS/bhoomirashiwebportal ମାଧ୍ୟମରେ ହସ୍ତାନ୍ତରିତ ହେବାକୁ ଥିବା କ୍ଷତିପୂରଣ ରାଶି ପାଇବାକୁ ଯୋଗ୍ୟ ଥିବା ବ୍ୟକ୍ତି ୬୦ ଦିନ ମଧ୍ୟରେ ଦିବା ୧୧.୦୦ ଘଟିକା ଠାରୁ ୫.୦୦ ଘଟିକା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଫିସ କାର୍ଯ୍ୟାଳୟରେ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିବେ ।

ସମ୍ପୃକ୍ତ କାଗଜପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ ଅଫିସ କାର୍ଯ୍ୟାଳୟରେ ଜମା କରି କ୍ଷତିପୂରଣ ରାଶି ସଂଗ୍ରହ କରିବାରେ ବିଫଳତାରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୬୦ ଦିନ ଅବଧି ଶେଷ ହେବା ପରେ ଦେୟ ବୋଲି ବିବେଚନା କରାଯିବ ।

ଜମି ମାଲିକ/ଆଗ୍ରହୀ ବ୍ୟକ୍ତିମାନେ ଆଗ୍ରହ ପ୍ରକାଶ କରୁଥିବା ବ୍ୟକ୍ତିମାନେ ଉକ୍ତ ଜମିର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କୁ ୬୦ ଦିନ ର ସମୟ ସୀମା ମଧ୍ୟରେ ହସ୍ତାନ୍ତର କରିବେ ଅନ୍ୟଥା ୬୦ ଦିନ ଅବଧି ଶେଷ ହେବା ପରେ ପୋଲିସ ସହାୟତାରେ ଉକ୍ତ ଜମିର ଅଧିକାର ନିଆଯିବ ।

**ସ୍ୱା/- ଭୂମି ଅଧିଗ୍ରହଣ ଅଧିକାରୀ (ସିଭିଲ) ତଥା କ୍ଷମତାପ୍ରାପ୍ତ ଭୂମି ଅଧିଗ୍ରହଣ ପ୍ରାଧିକାରୀ**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର**

OIPR : 24163/14/0066/2526

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଅଧିସୂଚନା

**File No. COL/JAJ/VIIL-06/2023 2692/LA/(Civil) dated. 20.02.2025**

**XXIV-12:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ **ଯାଜପୁରର ସପ୍ତମାତୃକା ମନ୍ଦିର ନିକଟରେ ବୈତରଣୀ ନଦୀର (ଦକ୍ଷିଣ ବାହୁ) ଅନ୍ତପ୍ରବାହରେ ବ୍ୟାରେଜ** ନିର୍ମାଣ ନିମନ୍ତେ ସରକାର **(Appropriate Government)** ସରକାରୀ ବ୍ୟୟରେ **ମୌଜା-ୟୁନିଟ ନଂ-୯ ଇନ୍ଦ୍ରଆଖଣ୍ଡଳେଶ୍ୱର ନଗର, ଥାନା-ଯାଜପୁର ନଂ ୨୦୮, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ** ନିମ୍ନ ତଫସିଲ ମତେ ପ୍ରାୟ **ଏ.୦.୨୫୬ଡି** ଭୂମି ଅର୍ଜନ ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act.2013)** ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର **(Appropriate Government)** ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ୧୧(୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ–ଯାଜପୁରର ସପ୍ତମାତୃକା ମନ୍ଦିର ନିକଟରେ ବୈତରଣୀ ନଦୀର (ଦକ୍ଷିଣ ବାହୁ) ଅନ୍ତପ୍ରବାହରେ ବ୍ୟାରେଜ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ଜଳସେଚନ ବିଭାଜନ, ଯାଜପୁର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଯାଜପୁରର ସପ୍ତମାତୃକା ମନ୍ଦିର ନିକଟରେ ବୈତରଣୀ ନଦୀର (ଦକ୍ଷିଣ ବାହୁ) ଅନ୍ତପ୍ରବାହରେ ବ୍ୟାରେଜ ନିର୍ମାଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୨୫୬୩/୨୩.୦୯.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ଯାଜପୁର ।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ ନଂ-୯ ଇନ୍ଦ୍ରଆଖଣ୍ଡଳେଶ୍ୱର ନଗର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୦.୯୭୩ ଡି | ଏ. ୦.୨୫୬ ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ (ସିଭିଲ), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଜିଲ୍ଲାପାଳ, ଯାଜପୁର**

**ଭୂମି ଅନୁସୂଚୀ**

**ପ୍ରକଳ୍ପ-ଯାଜପୁର ର ସପ୍ତମାତୃକା ମନ୍ଦିର ନିକଟରେ ବୈତରଣୀ ନଦୀର (ଦକ୍ଷିଣ ବାହୁ) ଅନ୍ତପ୍ରବାହରେ ବ୍ୟାରେଜ ନିର୍ମାଣ ନିମନ୍ତେ**
**ମୌଜା-ୟୁନିଟ ନଂ-୯ ଇନ୍ଦ୍ରଆଖଣ୍ଡଳେଶ୍ୱର ନଗର, ଥାନା ନଂ-୨୦୮, ଥାନା/ତହସିଲ/ଜିଲ୍ଲା-ଯାଜପୁର**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୮୨ | ୪୮ | ୦.୧୦୬ | ୦.୧୦୬ | ପାଳ–୧ | ଶ୍ରୀ ବାଲାଜି ଜୀଉ ଠାକୁର ବିଜେ ନିଜଗାଁ ମାରଫତ ବା:, ମହନ୍ତ ପ୍ରଦିପ କିଶୋର ଦାସ ଗୁରୁ ମହନ୍ତ ରାମଚନ୍ଦ୍ର ଦାସ ଜା: ଆଚାରୀ ବୈଷ୍ଣବ ବା: ନିଜଗାଁ ସାମିଲ ରାଜପୁର | |
| ୨ | ୧୮୨ | ୪୬ | ୦.୮୬୭ | ୦.୧୫ | ପାଳ–୨ | | |
| | | | ମୋଟ | ୦.୨୫୬୦୦ | | | |

**ସ୍ୱା/- ଭୂ-ଅର୍ଜନ ଅଧିକାରୀ (ସିଭିଲ)**
**ଯାଜପୁର**

OIPR : 24163/14/0064/2526

## ୩୫ ବର୍ଷର...

ବିଶ୍ଳେଷଣ କରାଯାଇ ରାଜ୍ୟ ସରକାର ଦଶନ୍ଧି ଦଶନ୍ଧି ଧରି ଏହି ଠିକା ନିଯୁକ୍ତି ପ୍ରାକ୍ଟିସ୍ ଚଲାଇ ଆସୁଛନ୍ତି । ଏଭଳି କାର୍ଯ୍ୟକୁ ଉମାଦେବୀଙ୍କ ରାୟରେ ବିରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଅନ୍ୟ ଏକ ମାମଲାରେ ଉମାଦେବୀ ରାୟର କିପରି ଭୁଲ୍ ତର୍ଜମା କରାଯାଉଛି ସେ ସଂକ୍ରାନ୍ତରେ ସ୍ପଷ୍ଟ ଉଲ୍ଲେଖ କରିବା ସହ ଆବେଦନକାରୀଙ୍କୁ ତୁରନ୍ତ ଏକ ଗ୍ରୁପ୍ ଡି' ପଦର ସ୍ଥାୟୀ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୌଦ୍ଧ ଜିଲ୍ଲାର ପ୍ରାଣୀ ସମ୍ପଦ ବିଭାଗରେ କାଜୁଆଲ ଶ୍ରମିକ ଭାବେ କାର୍ଯ୍ୟରତ ସୀତାରାମ ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମହାପାତ୍ର ଏହି ରାୟ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀ ଶ୍ରୀ ବେହେରା ୧୯୯୦ ମସିହାରେ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟରେ ଜଣେ କାଜୁଆଲ୍ ଶ୍ରମିକ ଭାବେ ନିଯୁକ୍ତି ପାଇଥିଲେ । ସେବେଠାରୁ ସେ ଆଜି ପର୍ଯ୍ୟନ୍ତ ଅର୍ଥାତ ୩୫ବର୍ଷ ଧରି ନିରବିଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଏହି ଚାକିରି ସମୟରେ ନିୟମିତ ହେବାଲାଗି ବୌଦ୍ଧ ସିଡିଭିଓଙ୍କ ନିକଟରେ ଆବେଦନ କରିଥିଲେ । ସିଡିଭିଓ ଏହି ଆବେଦନକୁ ଖାରଜ କରିଦେବା ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ପ୍ରଥମେ ସିଡିଭିଓଙ୍କୁ ଆବେଦନକାରୀଙ୍କ ସ୍ମାରକପତ୍ର ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେଛ ସିଡିଭିଓ ଆବେଦନକାରୀଙ୍କ ସ୍ମାରକପତ୍ରକୁ ଖାରଜ କରିଦେଇଥିଲେ । ଯୁକ୍ତିରେ ଦର୍ଶାଯାଇଥିଲା ଯେ, ନିୟମ ଅନୁଯାୟୀ ଜଣେ କର୍ମଚାରୀ ସର୍ବନିମ୍ନ ସରକାରୀ କାର୍ଯ୍ୟାଳୟକୁ ବର୍ଷକୁ ୨୪୦ ଦିନ ଆସିବା କଥା କିନ୍ତୁ ଆବେଦନକାରୀଙ୍କ ୨/ ୩ ଟି ବର୍ଷ ୨୪୦ ଦିନରୁ କମ୍ ସମୟ କାର୍ଯ୍ୟାଳୟକୁ ଆସିଛନ୍ତି । ଅପରପକ୍ଷରେ ତାଙ୍କୁ 'ଟେମ୍ପରାରୀ ଷ୍ଟାଟସ୍' ରେ ମଧ୍ୟ ନିଯୁକ୍ତି ଦିଆଯାଇନାହିଁଛ ତେଣୁ ସେ ୩୫ବର୍ଷ ଚାକିରି କରିଥିଲେ ମଧ୍ୟ ତାଙ୍କୁ ନିୟମିତ କରାଯାଇ ପାରିବ ନାହିଁ । ହାଇକୋର୍ଟ ରାୟରେ କହିଛନ୍ତି ଯେ, ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ଆବେଦନକାରୀଙ୍କ ସ୍ମାରକପତ୍ର ବାତିଲ୍ କରି ବେଆଇନ କାର୍ଯ୍ୟ କରିଛି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ପ୍ରାଣୀସମ୍ପଦ ବିଭାଗର ବିଜ୍ଞପ୍ତିକୁ ରଦ୍ଦ କରିବା ସହ ଗ୍ରୁପ୍–ଡି ପଦରେ ନିୟମିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଯଦି ଗ୍ରୁପ୍–ଡିରେ ମଞ୍ଜୁରୀପ୍ରାପ୍ତ ପଦବି ନଥାଏ ତାହେଲେ ଆବେଦନକାରୀଙ୍କୁ ସ୍ଥାୟୀ ପଦରେ ନିଯୁକ୍ତି ପାଇଁ ଏକ ପଦବି ସୃଷ୍ଟି କରାଯିବଛ ଆବେଦନକାରୀଙ୍କ ଅବସର ପରେ ଉକ୍ତ ପଦବିକୁ ମଧ୍ୟ ଉଚ୍ଛେଦ କରାଯିବ ବୋଲି ହାଇକୋର୍ଟ ଉଲ୍ଲେଖ କରିଛନ୍ତି । ବର୍ଦ୍ଧିତ ଦରମା, ପେନସନ ଆଦି ପାଇଁ ଚାକିରିର ସମସ୍ତ ସମୟ ହିସାବକୁ ନେଇ ଆବେଦନକାରୀଙ୍କ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଆଜି...

ପକ୍ଷରୁ ନିର୍ଦ୍ଧାରିତ ତାରିଖ ଘୋଷଣା ହେଲା ପରେ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ଘରୋଇ ବିଦ୍ୟାଳୟଗୁଡ଼ିକର ହୃଦସ୍ପନ୍ଦନ ବଢ଼ିଯାଇଛି । ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି, ଏକକାଳୀନ କଳା, ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷା ଫଳ–୨୦୨୫ ପ୍ରକାଶ ପାଇବ । ଏଥି ସହିତ ଧନ୍ଦାମୂଳକ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇବ । ପରୀକ୍ଷାର୍ଥୀମାନେ ସେମାନଙ୍କର ରେଜଲ୍ଟ ଡିଜି ଲକର ସମେତ www.chseodisha.nic.in ଏବଂ http://orissaresults.nic.in ୱେବ୍‌ସାଇଟରେ ଦେଖିପାରିବେ ।

ସୂଚନାଯୋଗ୍ୟ, ଫେବ୍ରୁଆରୀ ୧୮ ତାରିଖରେ ହୋଇଥିଲା ଯୁକ୍ତ ୨ ପରୀକ୍ଷା ଛ ୨୭ ତାରିଖରେ ଶେଷ ହୋଇଥିଲା । ସମୁଦାୟ ୩ ଲକ୍ଷ ୯୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏପ୍ରିଲ ୨ ତାରିଖରେ ଯୁକ୍ତ ଦୁଇ ଖାତା ଦେଖା ଆରମ୍ଭ ହୋଇ ମେ' ୧ ତାରିଖ ମଧ୍ୟରେ ଶେଷ ହୋଇଛି । ରେଜଲ୍ଟ ପ୍ରକାଶ ପାଇବାରେ ବିଳମ୍ବ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା ।

## ମୁମ୍ବାଇରେ...

ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ଜେଏନ୍.୧ ପ୍ରଜାତିଟି ଓମିକ୍ରନ୍ ଷ୍ଟ୍ରେନ୍ ସହ ଅନେକ ସାମଞ୍ଜସ୍ୟ ରହିଛି । ଏଥିରେ ଆକ୍ରାନ୍ତ ହେଲେ କାଶ, ଜ୍ୱର, ନାକ ବନ୍ଦ ହେବା, ଶୁଖିଲା କଫ, ମୁଣ୍ଡବିନ୍ଧା, ସ୍ୱାଦ–ଗନ୍ଧ ଜାଣିନପାରିବା ଆଦି ଲକ୍ଷଣ ଦେଖାଯାଏ । ପୂର୍ବ ଲହରରେ ମଧ୍ୟ ଏଭଳି ଲକ୍ଷଣ ଦେଖିବାକୁ ମିଳିଥିଲା । ଅଧିକାଂଶ ସଂକ୍ରମିତ ଘରେ ଆଶ୍ରୟ ନେଇ ଠିକ୍ ହୋଇଛନ୍ତି । ତେବେ ଅତ୍ୟଧିକ ଗୁରୁତ୍ୱର ହେଲେ ହସ୍ପିଟାଲରେ ଭର୍ତ୍ତି କରାଯାଉଛି । ତେବେ ପାକ୍ ମୌସୁମୀ ଯୋଗୁ ଏଭଳି ଅସୁସ୍ଥତା ଅନେକ କ୍ଷେତ୍ରରେ ବଢୁଥିବା ଲକ୍ଷ କରାଯାଉଛି । କୋଭିଡରୁ ବର୍ତ୍ତିବା ପାଇଁ ଗହଳିକୁ ବାରଣ କରିବା ସହ ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି ।

## ପାକିସ୍ତାନରେ...

ଖାଇବର ପଖତୁନଖ୍ୱା ପ୍ରଦେଶରେ ମହମ୍ମଦ ଜଳବିଦ୍ୟୁତ ପ୍ରକଳ୍ପ ଉପରେ କାମ କରୁଥିବା ରାଷ୍ଟ୍ରାୟତ୍ତ ଚାଇନା ଏନର୍ଜି ଇଞ୍ଜିନିୟରିଂ କର୍ପୋରେସନ ଏବେ ପ୍ରକଳ୍ପ ସମାପ୍ତ କରିବା ପାଇଁ ଲାଗି ପଡିଛି । ଏହି ପ୍ରକଳ୍ପଟି ଆସନ୍ତା ବର୍ଷ ସମାପ୍ତ ହେବାର ଯୋଜନା ଥିଲା । ହଂକଂ–ଭିତ୍ତିକ ଦକ୍ଷିଣ ଚାଇନା ମର୍ଣ୍ଣିଂ ପୋଷ୍ଟ ରିପୋର୍ଟ କରିଛି ଯେ ଗତ ସପ୍ତାହରେ ରାଷ୍ଟ୍ରାୟତ୍ତ ପ୍ରସାରକ ସିସିଟିଭି କହିଥିଲେ ଯେ ବନ୍ଧରେ କଂକ୍ରିଟ୍ ପୂରଣ ଆରମ୍ଭ ହୋଇଛି, ଯାହା ପାକିସ୍ତାନର ଏହି ଜାତୀୟ ପ୍ରମୁଖ ପ୍ରକଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ ମାଇଲଖୁଣ୍ଟ ଏବଂ ତ୍ୱରାନ୍ୱିତ ବିକାଶର ଏକ ପର୍ଯ୍ୟାୟ ଭାବରେ ଚିହ୍ନିତ ହୋଇଛି । ଏହି ପ୍ରକଳ୍ପଟି ଆନୁଷ୍ଠାନିକ ଭାବରେ ସେପ୍ଟେମ୍ବର ୨୦୧୯ ରେ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ବର୍ଷ ସମାପ୍ତ ହେବାର ଯୋଜନା ଥିଲା ।

## ପାକ୍ ସହ...

ଧ୍ୱଂସ କଲା ଓ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କୀଙ୍କୁ ନିପାତ କଲା । ତାଙ୍କର ୧୧ ଏୟାରବେସ୍‌କୁ ଧ୍ୱଂସ କଲା । ପାକିସ୍ତାନ ଏବେ କଷ୍ଟରେ ରହିଛି । ଅପରେସନ୍ ସିନ୍ଦୁରକୁ ଛୋଟ ଯୁଦ୍ଧ କହିବା, ଦେଶ ଓ ସେନାକୁ ବୋକା ବନାଇବା ସଦୃଶ ବୋଲି ସେ କହିଛନ୍ତି ।

## ସିନ୍ଧୁ...

ବିଶ୍ୱ ଛବି ପ୍ରତିଷ୍ଠା ହୋଇଛି ତାହା ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ । ଏହା ସରକାରଙ୍କ ଏକ ବଡ କୁଟନୈତିକ ପଦକ୍ଷେପ । ୫୯ ଭାରତୀୟ ନେତା ଓ ସାଂସଦ ୩୨ ଦେଶକୁ ଗସ୍ତ କରିବେ । ସେମାନେ ୟୁରୋପ୍ ସମୁହର ମୁଖ୍ୟାଳୟରେ ମଧ୍ୟ ଆଲୋଚନା କରିବେ । ଭାରତ ପକ୍ଷରୁ ମୁଖ୍ୟ ଲକ୍ଷ ରହିଛି ଯେ ସୀମାପାର ଆତଙ୍କବାଦ ବିରୋଧରେ ବିଶ୍ୱ ସ୍ତରରେ ଏକ ସହମତି ଆଣିବା ଆବଶ୍ୟକ ।

## ସାଂସଦ ରନ୍ ଭର୍ତ୍ତୃହରିଙ୍କୁ ଶୁଭେଚ୍ଛା

ଆଗରପଡ଼ା (ସବ୍ୟୁ):ଆଗରପଡ଼ା ବାସିନ୍ଦା ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ୫ମ ଥର ପାଇଁ ମର୍ଯ୍ୟାଦାଜନକ ସଂସଦ ରନ୍ ସମ୍ମାନ ପାଇବାକୁ ମନୋନୀତ ହୋଇଥିବାର ଜଣାପଡ଼ିଛି। ଏହି ଖବର ପ୍ରସାରିତ ହେବା ପରେ ଆଗରପଡ଼ା ଅଂଚଳବାସୀମାନଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ହାଇକୋର୍ଟ ଆଇନଜୀବୀ ମନୋଜ ରାୟ,ସୁପ୍ରିମକୋର୍ଟ ଆଇନଜୀବୀ ଜଗତମୋହନ ସିଂହ,ସାମ୍ବାଦିକ ଅକ୍ଷୟ ସିଂହ,କଳିଙ୍ଗ କଂପ୍ୟୁଟର୍ସ ନିର୍ଦ୍ଦେଶକ,ସାମ୍ବାଦିକ ବିନୋଦ ଧଳସାମନ୍ତ,ଡାକ୍ତର ପଦ୍ମଲୋଚନ ଶତପଥୀ,ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ,ବିଜେପି ଡଃ.ମହତାବ ମଣ୍ଡଳ ସଭାପତି ଅମୂଲ୍ୟ ରନ୍ ନନ୍ଦ,ରାଜୀବ ଲୋଚନ ରାୟ ପ୍ରମୁଖ ଶ୍ରୀମହତାବଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗରପଡ଼ାର ଗର୍ବ ଓ ଗୌରବ ବୋଲି କହିଛନ୍ତି।

## ମଦ ଜବତ : ୩ କୋର୍ଟ ଚାଲାଣ

କରଞ୍ଜିଆ , (ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ମଦ କାରବାର ବ୍ୟାପି ଯାଉ ଥିବାରୁ କରଞ୍ଜିଆ ଅବକାରୀ ବିଭାଗ ଚଳଚଞ୍ଚଳ ହୋଇ ଏହାକୁ ରୋକିବାକୁ ଉଦ୍ୟମ ଜୋରଦାର କରିଛି। କରଞ୍ଜିଆ ଅବକାରୀ ଥାନା ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡିଙ୍କ ନିର୍ଦ୍ଦେଶ ମତେ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକଙ୍କ ନେତୃତ୍ୱରେ ଏଏସଆଇ ଫୁଲମଣୀ ନାଏକ, କନଷ୍ଟେବଳ ପିଥନାଥ ମୁର୍ମୁ, ଅଂଶୁମାନ ପରିଡ଼ା ଓ ଆଲୋକ ସୁତାରଙ୍କ ସହଯୋଗରେ ମଙ୍ଗଳବାର ଦିନ ସିଙ୍ଗଡ଼ା ଓ ଭଅଁରାପଶି ଓ ଦରି ଗାଁରେ ବହୁ ଲୋକ ବେଆଇନ ମହୁଲି ମଦ ତିଆରି କରି ବିକୁଥିବା ଖବର ପାଇ ଅତର୍କିତ ଚଢ଼ାଉ କରି ୩ ଜଣଙ୍କ ନିକଟରୁ ମୋଟ୍ ୬୫ ଲିଟର ଦେଶୀ ମହୁଲି ମଦ ଜବତ କରି ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ମହିଳା ଓ ୨ ଜଣ ପୁରୁଷ ଥିବା ବେଳେ ସେମାନଙ୍କ ବିରୋଧରେ ଅବକାରୀ କେଶ୍ ନମ୍ବର ୪୫/ ୨୫,୪୬/୨୫ ଓ ୪୭/୨୫ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି ରଶ୍ମି ରଞ୍ଜନ ନାୟକ।

**AFFIDAVIT**

I, Rana Singh, S/o- Late Charanjit Singh, Resident of Plot No.: 66, Forest Park, Bhubaneswar, PIN-751009, P.S.: Capital Police Station, Dist.: Khordha, Odisha declare by this affidavit No- 54 dtd.-16.5.2025 that now onwards I shall be known as RANA SINGH for all future purposes.

**AFFIDAVIT**

Dibya Bharati Barik (New name)
By virtue of an affidavit sworn before The Executive Magistrate Nimapara dated 19.05.2025. I, Basantamanjari barik. (New name), Address At+Niangoroda, Po-Badalasasan, PS Nimapada Dist Puri, pin-752106 declare that I have Changed my name from. Basantamanjari Dei (Old name) to Basanta Manjari Barik (New name). Henceforth, I shall be known as Basantamanjari Barik (New name) for 'all purpose.
Basantamanjari Barik (New name)

**AFFIDAVIT**

By virtue of an affidavit sworn before The Executive Magistrate Nimapara dated 19.05.2025. I, Dibya Bharati Barik.( New name), Address At- Niangoroda, Po-Badalasasan, P.S Nimapada Dist- Puri, pin-752106 Declare that I have Changed my Name from Bidya Bharati Barik (Old name) to Dibya Bharati Barik (New name) Henceforth, I shall be known as Dibya Bharati Barik (New name) for all purpose.
Dibya Bharati Barik (New name)

## GOVERNMENT OF ODISHA.-e"-PROCUREMENT NOTICE
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.**
E-mail: eeroads.khr@rediffmail.com
No. 2335 Date : 19.05.2025

B-142

**Invitation For Bids**
**Bid Identification No. SER&BKHR - 04/2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in single cover system in ONLINE MODE only. | |
| 2 | Nature of work | Road work-Widening & Strengthening from LL to DLPS |
| 3 | No. of work | 01 No. work. |
| 4 | Tender Paper cost | As specified in the notice for the respective Work, to be remit online onry. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 31.05.2025 to 17.00 Hours of 09.06.2025 |
| 7 | Dale of opening of Technical Bid | Dt. 10.06.2025 at 11:30 hours |
| 8 | EMD Bid Security | As specified in the notice to be remitted online only |
| 9 | The Bidders shall have to participate In ONLINE bidding only. Further details can be seen from the website: https:// "www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

OIPR : 34062/11/0020/2526

**Sd/- Superintending Engineer**
**Khariar (R&B) Division, Khariar**

## OFFICE OF THE NOTIFIED AREA COUNCIL, KHARIAR
AT/PO- KHARIAR, Dist- NUAPADA, PIN-766107
OFFICE PH.NO- 06671-224294
e--mail- khariara.hud@ori-nic.in
Letter No. 811 / Dated. 19.05.25

C-355

**1ST CORRIGENDUM**

Due to unavoidable circumstances, the following changes for Tender Call Notice No.735 dtd.09.05.2025 is follows :-

1. The technical bids shall be opened on the schedule date & time and it will be scrutinized and qualified tenders/bidders will be shortlisted to participate in the Financial Bid. If more than one service providers will have the same rate service charge quoted, the selection/Tender Committee can use its own discretion for selection of the service provider, work performance and the decision of the selection committee shall be final.

**Sd/- Executive Officer**
**Notified Area Council**
**KHARIAR**

OIPR :13136/11/0039/2526

## NOTICE INVITING TENDER
**OFFICE OF THE NOTIFIED AREA COUNCIL, RANPUR**
**NAYAGARH (ODISHA), PIN-752026**
e-Mail : eoranpurnac.ranpur@gmail.com

C-354

**Tender Call Notice No. 1081 dt. 19.05.2025**
**E-Procurement Notice No. : RNPNAC-02/2025-26**

| | | |
|---|---|---|
| 1. | Name of the Work | Individual Civil Construction as per DTCN. |
| 2. | No. of Works | 08 Nos. |
| 3. | Value of Work | Rs. 27,79,576/- to Rs. 48,55,762/- |
| 4. | Class of Contractor | As per DTCN |
| 5. | Period of Completion | As per DTCN |
| 6. | Date of Publication | 20.05.2025 |
| 7. | Date and Time of availability of document in the portal | From Dt. 21.05.2025 at 11 AM to Dt. 01.06.2025 up to 5 PM |
| 8. | Last Date / Time for receipt of bids in portal | Dt. 01.06.2025 up to 5 PM |
| 9. | Date and Time of opening of Bid | Dt. 02.06.2025 at 10.00 AM |
| 10. | Name and address of the officer inviting bid | Sd/- Executive Officer, NAC, Ranpur |

Further details can be seen from the e-Procurement portal : **https://tendersodisha.gov.in**

OIPR : 13196/11/0015/2526

**Sd/- Executive Officer**
**NAC Ranpur**

## PANCHAYAT SAMITI, SUBDEGA,
**(Panchayatiraj & Drinking Water Deptt., Govt, of Odisha)**
**e-mail id: ori-subdega@nic.in. PIN- 770014**
**No. 1366 Date : 19.05.25**

**Tender Call Notice**

**i-105 :** Sealed Tenders are invited from the interested bidder for the civil work under BDO, Subdega of Sundargarh District. The detail of works, eligibility, estimated cost and cost of tender paper has been uploaded in the district website www.sundargarh.odisha.gov.in. The bidder should be C & B class contractor. They have to submit the bid document to the undersign in the address of Office of the B.D.O, Subdega, At/ PO- Subdega, Pin- 770014, Dist- Sundargarh (Odisha) through Registered post/ Speed post only on or before 02.06.2025 at 1.00 P.M. The sale of tender paper will be available from dated 19.05.2025 to dated 02.06.2025 in the district website www.sundargarh.odisha.gov.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 03.06.2025 at 8.00 AM in the office of the undersigned in the presence of the bidders or his/her representatives.

**Sd/- Block Development Officer**
**Subdega**

OIPR : 19344/11/0006/2526

## GOVERNMENT OF ODISHA : DEPARTMENT OF WATER RESOURCES
**Office of the Superintending Engineer,**
**Bhanjanagar Irrigation Division, Bhanjanagar.**
**Phone No. 06821-291004, e-mail ID :- bnjirrigntion2010@gmail.com**

A-200

**e-Procurement Notice No. e-BNID-01/2025-26**

| | | |
|---|---|---|
| 1. | Name of work | Flood Embankment, Canal & Road Works. |
| 2. | Total No of works | 104 (One hundred four) only. |
| 3. | Estimated cost | Rs.4.61 Lakhs to 49.98 Lakhs |
| 4. | Period of completion | 02 calendar months to 04 calendar months. |
| 5. | Date & time of availability of Bid Document in the portal | 10.00 hours of 23.05.2025 to 5.00 hours 02.06.2025 |
| 6. | Last date/ Time for receipt of Bids in the Portal | 02.06.2025 upto 5.00 hours |
| 7. | Date and place of opening of Bid | 03.06.2025 at 10.00 Hours in the office of the Superintending Engineer, Bhanjanagar Irrigation Division, Bhanjanagar. |
| 8. | Date of Lottery | 1st phase:- On Dated 10.06.2025 (From work SI. No. 01 to 52) at 11.00 A.M |
| | | 2nd phase:- On Dated 11.06.2025 (From work SI. No. 53 to 104) at 11.00 A.M |
| 9. | Place of Lottery | In the Office of the Superintending Engineer, Bhanjanagar Irrigation Division, Bhanjanagar. |
| 10. | Name and address of the O.I.T (Officer Inviting Tender) | Superintending Engineer, Bhanjanagar Irrigation Division, Bhanjanagar. |

Further details can be seen from the e-Procurement Portal **"https://tendersodisha.gov.in"**

**Sd/- Superintending Engineer**
**Bhanjanagar Irrigation Division,**
**Bhanjanagar**

OIPR : 32010/11/0010/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ମାଟ୍ରିକ୍ ବିଦ୍ୟାର୍ଥୀଙ୍କୁ ମେଧା ସମ୍ମାନ ଦେଲେ ସଦର ପ୍ରେସ କ୍ଲବ



କଟକ,(ସବ୍ୟୁ): ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟ ସ୍ତରୀୟ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସଦର ପ୍ରେସ୍ କ୍ଲବ ପକ୍ଷରୁ ମେଧା ସମ୍ମାନ ପ୍ରଦାନ କରାଯାଇଛି । ଅନୁଷ୍ଠାନର ଉପଦେଷ୍ଟା ସନ୍ୟାସୀ ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ନିରଞ୍ଜନ ପାଢ଼ୀ, ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ଶାନ୍ତି କମିଟିର ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଓ ଇଂ ଅଭିଷେକ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟର ଉପଦେଷ୍ଟା ରଞ୍ଜନ କୁମାର ଲେଙ୍କା ଯୋଗଦେଇ ଶିକ୍ଷା ଓ ବୃତ୍ତି ଚୟନରେ ଅଭିଭାବକଙ୍କ ଅପେକ୍ଷା ଛାତ୍ରଛାତ୍ରୀମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ସଦର ଥାନାଞ୍ଚଳର ପ୍ରାୟ ୩୦ଟି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନେ ଯୋଗଦେଇ ଇଂ ଅଭିଷେକ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ସୌଜନ୍ୟରୁ ପ୍ରଦତ୍ତ ପ୍ରଶଂସାପତ୍ର ଫଳକକୁ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ । ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ତେଲେଙ୍ଗାପେଣ୍ଠର ଛାତ୍ରୀ ଶର୍ମିଷ୍ଠା ବେହେରା, ସଇନ୍ଧା ନୋଡାଲ ହାଇସ୍କୁଲର ଛାତ୍ରୀ ଅଙ୍କିତା ଦାସ ଓ ବ୍ରାହ୍ମଣଝରି ଲୋ. ହାଇସ୍କୁଲର ଶୁଭଜ୍ୟୋତି ସାହୁ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବାରୁ ସେମାନଙ୍କୁ ମେଡାଲ୍ ଓ ସମ୍ମାନ ମୁକୁଟ ପ୍ରଦାନ କରାଯାଇ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା । ଫୁଲନଖରା ସ୍ଥିତ ସଦର ପ୍ରେସ କ୍ଲବ ପକ୍ଷରୁ ମା ଧାକୁଲେଇ ପୀଠରେ ଆୟୋଜିତ ଏହି ମେଧା ସମ୍ମାନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରେ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ସ୍ୱାଭିମାନ ମଞ୍ଚର ପ୍ରତିଷ୍ଠାତା ସ୍ୱାଧୀନଚେତା ମହାନ୍ତି, ଶିକ୍ଷାବିତ୍ ଡ. ଶରତ କୁମାର ରଥ, ଆଇନଜୀବୀ କବି ନାରାୟଣ ଜେନା, ପ୍ରତାପ ନଗରୀ ଗ୍ରାମ୍ୟ ଉନ୍ନୟନ କମିଟିର ସମ୍ପାଦକ ବାଦଲ କୁମାର ବେହେରା, ଲେଖକ ଅକ୍ଷୟ କୁମାର ମହାନ୍ତି, ସମାଜସେବୀ ନିହାର ରଞ୍ଜନ ପଣ୍ଡା ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ସହିତ ଉତ୍ତମ ଚରିତ୍ର ଗଠନ ପାଇଁ ପ୍ରେରଣା ଦେଇଥିଲେ । ସଦର ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ରମେଶ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାମ୍ବାଦିକ କାନନ ବିହାରୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରତାପ ପାତ୍ର, ଗଜେନ୍ଦ୍ର ଦାସ, ଅଜୟ ଦାଶ, ଆଦିତ୍ୟ ଛୋଟରାୟ, ରାଜକିଶୋର ବେହେରା, ଟୁନା ଜେନା, ବିଭୁତି ତରାଇ ପ୍ରମୁଖ ସାମ୍ବାଦିକ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦେଶୀ ମଦ ବ୍ୟବସାୟୀଙ୍କ ଉପରେ ଅବକାରୀ ଚଢ଼ାଉ, ୩ ଗିରଫ

ଚୌଦ୍ୱାର, (ସ.ବ୍ୟୁ.) : ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗଉଡ଼ ଗାଁ ପଂଚାୟତ ସପନପୁର ଗ୍ରାମରେ ଦୀର୍ଘଦିନ ହେବ ଚୋରାରେ ଦେଶୀ ମଦ ବ୍ୟବସାୟ ହୋଇଆସୁଥିବା ନେଇ ଗ୍ରାମବାସୀଙ୍କ ସହ ମଦ ବିରୋଧୀ ଆନ୍ଦୋଳନର ବନ୍ଧୁ ସ୍ୱେଚ୍ଛାସେବୀ ମହିଳା ଚୌଦ୍ୱାର ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିଆସୁଥିଲେ । ଚୌଦ୍ୱାର ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ବାପି ସାହୁଙ୍କ ନେତୃତ୍ୱରେ ଏକ ସ୍କ୍ୱାର୍ଡ ଗଠନ କରାଯାଇ ସକାଳ ୯ ଘଟିକା ସମୟରେ ଗ୍ରାମରେ ଚୋରା ଦେଶୀ ମଦ ବ୍ୟବସାୟ କରୁଥିବା ଜ୍ଞାନରଂଜନ ଜେନାଙ୍କ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ବ୍ୟବସାୟ କରୁଥିବା ଜ୍ଞାନରଂଜନଙ୍କ ସହ ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୨୫ଲିଟର ଦେଶୀ ମଦ ଓ ଏକ ମୋଟରସାଇକେଲକୁ ଜବତ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି ।

# ଚନ୍ଦନନୃତ୍ୟରେ ମନମୋହିଲେ ନୃତ୍ୟଶାଳା କଟକର ନୃତ୍ୟଶିଳ୍ପୀ



ଭୁବନେଶ୍ୱର (ସବ୍ୟୁ): ଅସହ୍ୟ ଗ୍ରୀଷ୍ମତାପରୁ ରକ୍ଷାପାଇଁ ମହାପ୍ରଭୁ ମଦନମୋହନ, ଭୂଦେବୀ, ଶ୍ରୀଦେବୀ, ରାମକୃଷ୍ଣ ଓ ପଞ୍ଚ ମହାଦେବଙ୍କୁ ନେଇ ମାନବୀୟଲୀଳା କରୁଛନ୍ତି । ସେହିପରି କରି ଶୀତଳ ଭୋଗ ସହ ନୃତ୍ୟ ସଙ୍ଗୀତରେ ଆମୋଦିତ ହେଉଥିବାବେଳେ ବଟଣ୍ଡା କ୍ଷେତ୍ର, ଜଗତସିଂହପୁର, ପାଟେଶ୍ୱରୀ, ଗାଦୋଳ ଡିଗ ନରେନ୍ଦ୍ରରେ ଚାପଖେଳ ସମୟରେ ପ୍ରସିଦ୍ଧ ନୃତ୍ୟାନୁଷ୍ଠାନ ନୃତ୍ୟଶାଳା କଟକର ଉଦୀୟମାନ ନୃତ୍ୟଶିଳ୍ପୀ ଅଭୀପ୍ସା ସେଠୀ, ଆୟାସା ପ୍ରକୃତି ରାଉତ, ଦିବ୍ୟାସା ପଟ୍ଟନାୟକ, ଇଶସ୍ୱିନୀ ସ୍ୱାଇଁ, ଋଦ୍ଧିକା ମହାନ୍ତି, ରୋଶାଲିନ ପାତ୍ର, ଜୀବନଜ୍ୟୋତି ପ୍ରଧାନ, ଆଦିତ୍ୟ ରାଉତ ଓ ନୃତ୍ୟଶାଳାର ପ୍ରତିଷ୍ଠାତା ଅଧ୍ୟକ୍ଷ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ତଥା ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ଡକ୍ଟର ଚିତ୍ତରଞ୍ଜନ ସାହାଣୀ ଚନ୍ଦନ ନୃତ୍ୟରେ ମନୋରମ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରି ସହସ୍ରାଧିକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ ପର୍ଯ୍ୟନ୍ତ ଭାବବିହ୍ୱଳ କରିଦେଇଥିଲେ । ବିଶେଷକରି ଉଦୀୟମାନ ଯୁବଗୋଷ୍ଠୀ ଓ ଦୁରଦୁରାନ୍ତରରୁ ଆସିଥିବା ସହସ୍ରାଧିକ ଭକ୍ତଦର୍ଶକଙ୍କ ହରିବୋଲ ହୁଳହୁଳିରେ ବଟଣ୍ଡାକ୍ଷେତ୍ର ପରିବେଶ ଅଧ୍ୟାତ୍ମ ଜାଗରଣ ସୃଷ୍ଟି କରିଥିଲା ପରିଶେଷରେ ପରିଚାଳନା କମିଟିର ଡକ୍ଟର ଅଭୟ କୁମାର ନାୟକ, ଶ୍ରୀରବୀନ୍ଦ୍ରନାଥ ମିଶ୍ର, ଶ୍ରୀ ରବିନ୍ଦ୍ରନାଥ ନାୟକ, ଓ ସମୀର ରଞ୍ଜନ ସ୍ୱାଇଁ ନୃତ୍ୟ ଶିଳ୍ପୀଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ମଞ୍ଚେଶ୍ୱରରେ ଯୁବକଙ୍କୁ ହାଣି ପକାଇଲେ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଶଙ୍ଖାଞ୍ଚଳରେ ଜଣେ ଯୁବକଙ୍କୁ ଅତି ବିଭତ୍ସ ଭାବେ ଦୁର୍ବୃତ୍ତମାନେ ହାଣି ଫେରାର ହୋଇଯାଇଛନ୍ତି । ପୋଲିସ ପହଞ୍ଚି ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେବା ସହ ଛାନ୍‌ଭିନ୍ ଆରମ୍ଭ କରିଛି । କୌଣସି କାରଣରୁ ଯୁବକଙ୍କୁ ସଂଘବଦ୍ଧ ଭାବେ ଧାରୁଆ ଅସ୍ତ୍ରରେ ହାଣିବାରୁ ତାଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ମୁଣ୍ଡରେ ଚୋଟ ବାଜିବା ପରେ ସେ ତଳେ ପଡିଯାଇଥିଲେ। ଘଟଣା ସ୍ଥଳରେ ରକ୍ତ ଜମା ହୋଇଥିବା ଆହତ ଯୁବକଙ୍କ ଚପଲ ପ୍ରଭୃତି ପଡିଥିବା ଦେଖିବାକୁ ମିଳିଛି। ଯୁବକଙ୍କ ବୟସ ୨୦/୨୨ ବର୍ଷ ହେବ ବୋଲି ପୋଲିସ କହିଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଆହତ ଯୁବକ ମଦିଯାଉଥିବା ଭାବି ଘଟଣା ସ୍ଥଳରୁ ଆକ୍ରମଣକାରୀ ଦୁର୍ବୃତ୍ତମାନେ ଖସି ଯାଇଛନ୍ତି। ଆହତ ଯୁବକ ଗୁରୁତର ହୋଇଥିବାରୁ ତାଙ୍କ ସଠିକ ପରିଚୟ ମିଳିପାରିନାହିଁ। ବିଦ୍ ରାସ୍ତାରେ ଆକ୍ରମଣ ହେବା ଘଟଣା କିଛି ନୂଆ କଥା ନୁହେଁ। ଏହା ପୂର୍ବରୁ ଶିଶୁ ଭବନ ଛକ ଓ ରାଜମହଲ ପଛ ପାଖ ରାସ୍ତାରେ ଦୁର୍ବୃତ୍ତମାନେ ଦୁଇଜଣ ଯୁବକଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ। ସେହିପରି ମଙ୍ଗଳବାର ରାତିରେ ଯୁବକଙ୍କୁ ପିଛା କରି ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ରାସ୍ତାରେ ହାଣି ପକାଇଲେ। ପୋଲିସ ଆକ୍ରମଣର କାରଣ ଜାଣିବାକୁ ଉଦ୍ୟମ ଜାରି ରଖିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଛାନ୍‌ଭିନ୍ କରିଛି। ଆହତ ଯୁବକ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ସୂଚନା ମିଳିଛି।

# ଅବସରପ୍ରାପ୍ତ ଅଗ୍ନିଶମ ହାବିଲଦାରଙ୍କ ପରଲୋକ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଓଡିଶା ଅଗ୍ନିଶମ ପୋଲିସ ବିଭାଗର ଅବସର ପ୍ରାପ୍ତ ହାବିଲଦାର ସନାତନ ଖାଁଙ୍କର ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ଧରି ରୋଗରେ ଅସୁସ୍ଥ ଥାଇ ଘରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରବିବାର ଦିନ ୮୪ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ପରଲୋକରେ ସମଗ୍ର କେରଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ପରଲୋକ ଖବର ପାଇ ସମସ୍ତ ବନ୍ଧୁବାନ୍ଧବ, ଅଗ୍ନିଶମ ପୋଲିସ ସହଯୋଗୀ ସହ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ସୋମବାର ସଂଧ୍ୟାରେ ତାଙ୍କ ମରଶରୀରକୁ କେରଙ୍ଗ ସ୍ଥିତ ଜଗନ୍ନାଥ ବଳି (ଭାଲିଆଭାଣ୍ଡି)ଜଳପ୍ରାନ୍ତକୁ ନିଆଯାଇ ଅନ୍ତିମ ସଂସ୍କାର କରା ଯାଇଥିଲା । ସେ ଜଣେ ଅବସର ପ୍ରାପ୍ତ ଅଗ୍ନିଶମ ପୋଲିସ ହାବିଲଦାର ଥିଲେ । ସେ ଦେଶ ମାତୃକାର ଜଣେ ଦକ୍ଷ ସେବକ ଭାବେ କାର୍ଯ୍ୟଭାର ନିଷ୍ଠାର ସହ ନିର୍ବାହ କରିଥିଲେ । ନିଜର ୪ ଟି ପୁତ୍ର ସନ୍ତାନଙ୍କୁ ମଧ୍ୟ ଦେଶ ମାତୃକାର ସେବାରେ ନିୟୋଜିତ କରିଛନ୍ତି । ସ୍ୱର୍ଗତ ସନାତନଙ୍କ ଜଣେ ମେଳାପୀ, ମିଷ୍ଟଭାଷୀ, ସରଳ, ଅମାୟିକ, ପରୋପକାରୀ, ବନ୍ଧୁବତ୍ସଳ ଓ ସତ୍ୟନିଷ୍ଠ ବ୍ୟକ୍ତି ଥିଲେ ।

## ସୀମାବର୍ତ୍ତୀ ଗ୍ରାମର ପୁନର୍ବାସ ପାଇଁ
# ଗୋଟିଏ ଦିନର ବେତନ ଦେବେ ଜିନ୍ଦଲ ଷ୍ଟିଲ କର୍ମଚାରୀ

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଅପରେସନ ସିନ୍ଦୂରର ଐତିହାସିକ ସଫଳତା ଦେଶ ପାଇଁ ଗୌରବ ଆଣିଥିବା ବେଳେ ଜମ୍ମୁ ଓ କଶ୍ମୀରର ସୀମାବର୍ତ୍ତୀ ସାଧାରଣ ଜନତା ଘୋର ମାନବୀୟ ସଂକଟର ସମ୍ମୁଖୀନ ହୋଇଛନ୍ତି । ଏଭଳି କଠିନ ପରିସ୍ଥିତିରେ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲ ସମ୍ବେଦନଶୀଳତାର ପ୍ରଦର୍ଶନ କରିବା ସହ ସୀମାନ୍ତ ଅଞ୍ଚଳର ପ୍ରଭାବିତ ପରିବାରଗୁଡ଼ିକର ପୁନର୍ବାସ ପାଇଁ ସହଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଅଞ୍ଚଳର ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟ ପାଇଁ ନବୀନ ଜିନ୍ଦଲ ଆର୍ଥିକ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିନ୍ଦଲ ଷ୍ଟିଲ୍ ସମ୍ବଲ ୨୨ହଜାରରୁ ଅଧିକ କର୍ମଚାରୀ ସ୍ୱେଚ୍ଛାକୃତ ଗୋଟିଏ ଦିନର ବେତନ ପ୍ରଦାନ କରିବାର ନିଷ୍ପତ୍ତି ନେଇ ବ୍ୟକ୍ତିଗତ ଦାୟିତ୍ୱ ସହ ରାଷ୍ଟ୍ରୀୟ କର୍ତ୍ତବ୍ୟର ଅନୁପାଳନ କରିଛନ୍ତି ।

## ଗୁଜୁରାଟର ମେହେସାନା ଠାରେ
# ଫାଲ୍‌କନ୍ ଏଗ୍ରିଫ୍ରିଜ୍ ଫ୍ରୋଜେନ୍ ପଟାଟୋ ପ୍ରସ୍ତୁତକାରୀ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଫାଲ୍‌କନ୍ ଏଗ୍ରିଫ୍ରିଜ୍ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଗୁଜୁରାଟର ମେହେସାନା ଠାରେ ଅତ୍ୟାଧୁନିକ ସ୍ୱୟଂଚାଳିତ ଫ୍ରୋଜେନ୍ ପଟାଟୋ ପ୍ରଡକ୍ଟର ପ୍ରସ୍ତୁତକାରୀ ୟୁନିଟ୍ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ପ୍ଲାଣ୍ଟକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ, ଶିଳ୍ପମନ୍ତ୍ରୀ ବଳବନ୍ତ ସିଂ ରାଜପୁତ୍, ରାଜ୍ୟସଭା ସାଂସଦ ଶ୍ରୀ ମୟଙ୍କ ଭାଇ ନାୟକ, ମେହେସାନା ସାଂସଦ ହରିଭାଇ ପଟେଲ ଓ ଫାଲ୍‌କନ୍ ଗ୍ରୁପ୍ ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ । ଏହି ପ୍ଲାଣ୍ଟ ଉଦ୍‌ଘାଟନ ଅବସରରେ ଫାଲ୍‌କନ୍ ଗ୍ରୁପ୍ ଓ ଗୁଜୁରାଟ ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଫାଲ୍‌କନ୍ ଗ୍ରୁପ୍ ଏଥିପାଇଁ ୧ହଜାର ୫୦ କୋଟି ଟଙ୍କା ବିନିଯୋଗ କରିଛି । ଯାହାକି ଗୁଜୁରାଟକୁ ଫ୍ରୋଜେନ୍ ପଟାଟୋ ପ୍ରସ୍ତୁତକାରୀ କେନ୍ଦ୍ର ଭାବେ ବିଶ୍ୱରେ ପରିଚିତ କରାଇବ । ୪ ଦଶନ୍ଧିରୁ ଅଧିକ ସମୟ ଧରି ଫାଲ୍‌କନ୍ ଗ୍ରୁପ୍ ଗୁଣାତ୍ମକ, ବିଶ୍ୱସନୀୟତା ଓ ନୂତନ ଜ୍ଞାନକୌଶଳ ପ୍ରୟୋଗରେ ଅଗ୍ରଣୀ ଭୂମିକା ନେଇଛି । ପଶୁ ପୋଷଣ ଠାରୁ ଆରମ୍ଭ କରି ମେରାଇନ୍ ଏକ୍ସପୋର୍ଟସ୍, ରିଅଲଇଷ୍ଟେଟ୍, ଖଣି, ଟ୍ରେଡିଂ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାଲ୍‌କନ୍ ଗ୍ରୁପ୍ ତାର ଗୁଣବତ୍ତା ବଜାୟ ରଖିଛି । ଫାଲ୍‌କନ୍ ଏଗ୍ରିଫ୍ରିଜ୍ ଏହି ଗୁଣବତ୍ତା ବଜାୟ ରଖିବ । କ୍ଷେତ୍ରରୁ ଖାଇବା ଥାଳି ଯାଏ ଗୁଣବତ୍ତା ଯେପରି ବଜାୟ ରହେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ମେହେସାନା ପ୍ଲାଣ୍ଟ ୨୫ଏକର ଜମିରେ ନିର୍ମିତ ହୋଇଛି । ଏହା ଏକମାତ୍ର ଓ ସର୍ବବୃହତ ଫ୍ରେଞ୍ଚ ଫ୍ରାଇଜ୍ ଉତ୍ପାଦନ ସଂସ୍ଥା ଅଟେ । ଏକ ଘଣ୍ଟାରେ ୧୫ ମେଟ୍ରିକ୍ ଟନ୍ ଫ୍ରେଞ୍ଚ ଫ୍ରାଇଜ୍ ପ୍ରସ୍ତୁତ ହୋଇପାରିବ । ୨ବର୍ଷ ମଧ୍ୟରେ ଛିଡ଼ା ହୋଇଥିବା ଏହି ପ୍ଲାଣ୍ଟ ହେଉଛି ଭାରତର ସବୁଠାରୁ ଅତ୍ୟାଧୁନିକ ଓ ସବ ପ୍ରତିଶତ ସ୍ୱୟଂଚାଳିତ ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ । ଖାଦ୍ୟ ପ୍ରକ୍ରିୟାକରଣରେ ଭାରତକୁ ଲିଡର କରିବା ଆମର ଉଦ୍ଦେଶ୍ୟ ବୋଲି କହିଛନ୍ତି ଫାଲ୍‌କନ୍ ଗ୍ରୁପର ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ ।



## ପୋଲାଭରମ ପ୍ରସଙ୍ଗ
# ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପୋଲାଭରମ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବୈଠକରେ ଓଡିଶା ସରକାର ତାଙ୍କର ପକ୍ଷ ରଖିବା ପୂର୍ବରୁ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟବାସୀଙ୍କ ସମ୍ମୁଖରେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ବିଜେଡି ଦାବି କରିଛି। ପୋଲାଭରମ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ଅନ୍ୟୁନ ୨୦୦ ଗ୍ରାମ ଜଳମଗ୍ନ ହେବ ଓ ହଜାର ହଜାର ଆଦିବାସୀ ସେମାନଙ୍କର ଭିଟାମାଟି ହରାଇବେ । ପୋଲାଭରମ ପ୍ରକଳ୍ପକୁ ଆରମ୍ଭରୁ ବିଜୁ ଜନତା ଦଳ ବିରୋଧ କରିଆସୁଛି । ସରକାରରେ ଥିବାବେଳେ ଓ ଏବେ ବିରୋଧୀ ଦଳରେ ଥାଇ ମଧ୍ୟ ପୋଲାଭରମ ପ୍ରସଙ୍ଗରେ ଲଢେଇ କରିଆସୁଛି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ୧ ବର୍ଷ ପୂର୍ତ୍ତିକୁ ଯାଉଥିବା ବେଳେ, ରାଜ୍ୟ ସରକାର ଏହି ପ୍ରସଙ୍ଗ ଉପରେ ପଦଟିଏ ମଧ୍ୟ ମୁହଁ ଖୋଲିନାହାନ୍ତି ବୋଲି ଦଳ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି (ହେଡ୍‌କ୍ୱାର୍ଟର) ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଥିଲେ, ପୋଲାଭରମ ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ ଥିଲା । ପରବର୍ତ୍ତୀ ସମୟରେ ଏକତରଫା ଭାବେ, ଏହାର କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଥିଲା । ଏହି ପ୍ରକଳ୍ପର କ୍ଷମତା ବଢ଼ାଇ ଦିଆଯିବା ପରେ ପ୍ରକଳ୍ପର ପଛୁଆ ପାଣି ଓଡ଼ିଶାର ମାଲକାନଗିରି ଜିଲ୍ଲା ଉପରେ କଣ ପ୍ରଭାବ ପକାଇବ ତାହାର ଆକଳନ କରାଯାଇ ନଥିଲା। ତେଣୁ, ୨୦୦୭ ମସିହାରେ ରାଜ୍ୟ ସରକାର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲେ। ପରେ, ୨୦୨୨ରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ମନ୍ତବ୍ୟ ରଖି ପ୍ରକଳ୍ପର କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଉପରେ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ । ଏହା ପରେ ମଧ୍ୟ ଏହି ବର୍ଦ୍ଧିତ କ୍ଷମତାରେ ପ୍ରକଳ୍ପ ହେଲେ, ପ୍ରକଳ୍ପର ବ୍ୟାକ ୱାଟର ବା ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ଜଳମଗ୍ନ କରିବ, ତାହାର ଆକଳନ କରାଯାଇନାହିଁ । ଆଇଆଇଟି ରୁର୍କୀ ଦ୍ୱାରା କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି, ବର୍ଦ୍ଧିତ କ୍ଷମତା ୫୮ ଲକ୍ଷ କ୍ୟୁସେକ ଜଳ ହେଲେ ପଛୁଆ ପାଣିର ଉଚ୍ଚତା ୨୩୨.୭ ମିଟର ହେବ ବୋଲି ଆକଳନ କରାଯାଇଛି । ଶ୍ରୀ ମିଶ୍ର କହିଥିଲେ, ପୋଲାଭରମ ପ୍ରକଳ୍ପ ଉପରେ ବିଜେପି ସରକାର ଚୁପ ଅଛନ୍ତିବେଳେ ସୋମବାର ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ହରିଚନ୍ଦନ ବିଜେଡି ପୋଲାଭରମ ପ୍ରସଙ୍ଗରେ ବଧିର ଥିଲା ଓ କେବଳ ରାଜନୀତି କରିବା ଉଦ୍ଦେଶ୍ୟରେ ପ୍ରତିବାଦ କରୁଥିଲା ବୋଲି



ଦେଇଥିବା ମନ୍ତବ୍ୟ ହାସ୍ୟାସ୍ପଦ। ବାସ୍ତବରେ, ଗୋଟିଏ ପଟେ ପୋଲାଭରମ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିଚାଲିଥିବା ବେଳେ ରାଜ୍ୟ ବିଜେପି ସରକାର ପଦଟିଏ ନକହି ଏହି ଗମ୍ଭୀର ପ୍ରସଙ୍ଗରେ ବଧିର ହୋଇ ବସି ରହିଛନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ । ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ, ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ଶୁଣାଣି କରି ଏଥିରେ କେନ୍ଦ୍ର ସରକାର ଏକତରଫା ଭାବେ ପ୍ରକଳ୍ପ କାର୍ଯ୍ୟ ନକରି, ଏଥିରେ ପ୍ରଭାବିତ ହେବାକୁ ଥିବା ସମସ୍ତ ରାଜ୍ୟର ମତାମତ ନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, କେନ୍ଦ୍ର ସରକାର ଏକତରଫା ଭାବେ ପୋଲାଭରମ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିଚାଲିଛନ୍ତି। ମାଲକାନଗିରି ଜିଲ୍ଲାର ହଜାର ହଜାର ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ନିରନ୍ତର ଲଢେଇ କରିଆସୁଛି। ସରକାରରେ ଥିଲାବେଳେ ନବୀନ ପଟ୍ଟନାୟକ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଦୃଢ଼ ଦାବି ରଖିଥିଲେ ଏବେ ବିରୋଧୀଦଳ ଭାବେ ବିଜୁ ଜନତା ଦଳ ମଧ୍ୟ ଦୃଢ଼ ପ୍ରତିବାଦ କରିଆସୁଛି ବିଜେଡି । ବିଜେଡି ମୁଖପାତ୍ର ପ୍ରତାପ ମାଝୀ କହିଥିଲେ, ଏହି ପ୍ରକଳ୍ପର ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ପ୍ରଭାବିତ କରିବ ଓ ମାଲକାନଗିରି ଜିଲ୍ଲାର ଆଦିବାସୀ ମାନଙ୍କ ଜୀବନ ଜୀବିକା ଉପରେ ଏହାର କଣ ପ୍ରଭାବ ପଡିବ, ତାହାର କୌଣସି ଆକଳନ କରାଯାଇନାହିଁ। ଫେବୃଆରୀ ମାସରେ ମୋଟୁ ଠାରେ ହୋଇଥିବା ସମାବେଶରେ ହଜାର ହଜାର ଆଦିବାସୀମାନେ ଏକତ୍ରିତ ହୋଇ ଏହାକୁ ବିରୋଧ କରିବା ପାଇଁ ଶପଥ ନେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀ ନିଜେ ଜଣେ ଆଦିବାସୀ ହୋଇଥିବାରୁ, ଏହି ପ୍ରସଙ୍ଗରେ ସେ ରାଜ୍ୟର ଆଦିବାସୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପଦକ୍ଷେପ ନିଅନ୍ତୁ । ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀ କହିଥିଲେ, ଏହି ପ୍ରକଳ୍ପରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଜନ ଶୁଣାଣି କରାଯାଇନାହିଁ । ସ୍ଥାନୀୟ ବିଜେପି ବିଧାୟକ ଦେଇଥିବା ମନ୍ତବ୍ୟ ମାଲକାନଗିରି ଜିଲ୍ଲାର ସ୍ୱାର୍ଥର ପରିପନ୍ଥୀ ।

## ୫ ହତ୍ୟାକାରୀଙ୍କୁ ଆଜୀବନ

ଭୁବନେଶ୍ୱର, (ସବ୍ୟୁ) : କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟାକାଣ୍ଡ ଘଟଣାରେ ୫ ହତ୍ୟାକାରୀଙ୍କୁ ଆଜୀବନ ସଶ୍ରମ ଦଣ୍ଡରେ ଦଣ୍ଡିତ କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ । ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ନିର୍ଦ୍ଦେଶ ହୋଇଛି, ଅନାଦେୟ ହେଲେ ଅଧିକ ୧ବର୍ଷ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ କୁହାଯାଇଛି । ୧୮ଜଣ ସାକ୍ଷୀ ଓ ଅନ୍ୟାନ୍ୟ ପ୍ରମାଣଙ୍କୁ ନେଇ ଏହି ଦଣ୍ଡାଦେଶ କରିଛନ୍ତି କୋର୍ଟ । ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ ୧୮ସାକ୍ଷୀ ଓ ମାମଲା ସହିତ ଜଡ଼ିତ ୧୭ଟି ସାମଗ୍ରୀ ଯାଞ୍ଚ କରିବା ସହ ୨୯ଟି ଦଲିଲ ଆଧାରରେ ଆସାମୀ ସୁଜିତ ନାୟକ, ସୁବାସ ନାୟକ, ଅଜିତ ନାୟକ, ବିଶାଳ ନାୟକ ଓ ଟିକିଲି ନାୟକଙ୍କୁ ଆଜୀବନ କାରାଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି । ଜଣ ପିଛା ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ କୁହାଯାଇଥିବା ବେଳେ ଅନାଦେୟ ହେଲେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି । ୨୦୨୩ ମେ' ୨୫ ତାରିଖ ମୃତ ସୁଶାନ୍ତ ନାୟକ ତାଙ୍କ ସାଙ୍ଗ ଛାଡି ଘରକୁ ଫେରିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ବାଟ ରାସ୍ତାରେ ଏକ ମୋଡ ନିକଟରେ ଅଟକାଇ ତାଙ୍କୁ ନିର୍ମମ ଆକ୍ରମଣ କରିଥିଲେ । ଯାହା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ସ୍ଥାନୀୟ ଲୋକ ଏବଂ ସମ୍ପର୍କୀୟମାନେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ପରେ ଅଭିଯୁକ୍ତ ସୁଜିତ ଓ ଟିକିଲି ଏକ କଳଙ୍କିଆ ସ୍କୁଟିରେ ଏବଂ ବିଶାଳ ଓ ଅଜିତ ଏକ ନାଳ ଆପାଚି ମୋଟରସାଇକେଲରେ ଆକ୍ରମଣରେ ବ୍ୟବହୃତ ଖଣ୍ଡା ପ୍ରଭୃତି ଧରି ପଳାଇଥିଲେ । ମୃତକଙ୍କ ସ୍ତ୍ରୀ ଥାନାରେ ଏତଲା କରିବା ପରେ କ୍ୟାପିଟାଲ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା ।

# ବେଦାନ୍ତ ହସ୍ପିଟାଲ ଗ୍ରାମୀଣ ଲାଞ୍ଜିଗଡ଼ରେ ସ୍ୱାସ୍ଥ୍ୟସେବାର ଏକ ଜୀବନରେଖା

ଭୁବନେଶ୍ୱର, (ସବ୍ୟୁ): ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ଉପଲବ୍ଧତା ଯେକୌଣସି ସମ୍ପ୍ରଦାୟ ପାଇଁ ଏକ ମୌଳିକ ଆବଶ୍ୟକତା, କିନ୍ତୁ ଗ୍ରାମୀଣ ଓଡ଼ିଶାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ହୋଇପାରେ । ଏହି ଅଂଚଳର ଅନେକ ଲୋକଙ୍କ ପାଇଁ, ମୌଳିକ ଚିକିତ୍ସା ସୁବିଧା ମଧ୍ୟ କମ୍ ଏବଂ ବହୁତ ଦୂରରେ। ଏହି ସୁବିଧାର ଅଭାବ ପ୍ରାୟତଃ ପ୍ରତିରୋଧଯୋଗ୍ୟ ରୋଗଗୁଡ଼ିକର ଚିକିତ୍ସା କରାନଯାଇ ଚିକିତ୍ସାଯୋଗ୍ୟ ପରିସ୍ଥିତି ସୃଷ୍ଟି କରେ । ଏହି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଏବଂ ଗ୍ରାମୀଣ ଜନସଂଖ୍ୟା ଦ୍ୱାରା ସମ୍ମୁଖୀନ ହେଉଥିବା ଅନନ୍ୟ ଚ୍ୟାଲେଞ୍ଜକୁ ଚିହ୍ନି, ବେଦାନ୍ତ ଆଲୁମିନିୟମ ୨୦୧୦ ରେ ଲାଞ୍ଜିଗଡ଼ରେ ମଲ୍ଟି-ସ୍ପେଶାଲିଟି ବେଦାନ୍ତ ହସ୍ପିଟାଲ ପ୍ରତିଷ୍ଠା କରି ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଥିଲା । ଏହି ୨୦ ଶଯ୍ୟା ବିଶିଷ୍ଟ, ଅତ୍ୟାଧୁନିକ ଚିକିତ୍ସା ସୁବିଧା ଏହି ଅଂଚଳ ପାଇଁ ସ୍ୱାସ୍ଥ୍ୟସେବାର ଏକ ନୂତନ ଯୁଗର ଆରମ୍ଭ କରି ବ୍ୟାପକ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରୁଛି ଏବଂ ପରିସ୍ଥିତିକୁ ସମାଧାନ କରୁଛି । ହସ୍ପିଟାଲର ପ୍ରତିଷ୍ଠା କମ୍ପାନୀର ରାଜ୍ୟ ମଧ୍ୟରେ କେବଳ ଶିଳ୍ପ ପ୍ରଗତି ନୁହେଁ, ବରଂ ଏହା ସେବା କରୁଥିବା ସମ୍ପ୍ରଦାୟଗୁଡ଼ିକର ସାମାଜିକ କଲ୍ୟାଣ ପ୍ରତି ମଧ୍ୟ ପ୍ରତିବଦ୍ଧତାକୁ ସୂଚିତ କରେ । ଗ୍ରାମୀଣ ଅଂଚଳର ଶିଳ୍ପାୟନ ସ୍ୱାସ୍ଥ୍ୟସେବା ଉପଲବ୍ଧତା କ୍ଷେତ୍ରରେ ଅନେକ ସୁଯୋଗ ଆଣିଛି। ରାସ୍ତା, ପରିବହନ ନେଟୱାର୍କ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସମେତ ଉନ୍ନତ ଭିତିଭୂମିର ବିକାଶ ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକର ପହଂଚକୁ ଯଥେଷ୍ଟ ବୃଦ୍ଧି କରିଛି। ଭିତିଭୂମି ବିକାଶ ମଧ୍ୟ ସ୍ୱାସ୍ଥ୍ୟସେବା ବୃତ୍ତିଗତମାନଙ୍କୁ ଗ୍ରାମାଂଚଳକୁ ଆକର୍ଷିତ କରେ, କାରଣ ସେମାନେ ଉନ୍ନତ ଆର୍ଥିକ ସୁଯୋଗ ଏବଂ ସଂଯୋଗୀକରଣ ଥିବା କ୍ଷେତ୍ରରେ କାମ କରିବାକୁ ଅଧିକ ଆଗ୍ରହୀ ହୋଇଥାନ୍ତି । ଏହା ବ୍ୟତୀତ, ଶିଳ୍ପଗୁଡ଼ିକ ପ୍ରାୟତଃ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପଦକ୍ଷେପ ଗ୍ରହଣ କରନ୍ତି, ଯେଉଁଥିରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ଭିତିଭୂମି ଏବଂ ସେବାରେ ବିନିଯୋଗ ଅନ୍ତର୍ଭୁକ୍ତ । ବେଦାନ୍ତ ହସ୍ପିଟାଲ ଏହି ସକାରାତ୍ମକ ପ୍ରଭାବର ଏକ ପ୍ରମୁଖ ଉଦାହରଣ। ଉତ୍ସର୍ଗୀକୃତ ଡାକ୍ତର, ଫିଜିଓଥେରାପିଷ୍ଟ ଏବଂ ଫେଫରାଲ୍ ପାଇଁ ୨୪ଘଣ୍ଟା ଆମ୍ବୁଲାନ୍ସ ସେବା ସହିତ ସଜ୍ଜିତ, ହସ୍ପିଟାଲ ଲାଞ୍ଜିଗଡ଼ ଏବଂ ବାହାରେ ଉପୁଜିଥିବା ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ମଧ୍ୟ ପୂରଣ କରେ । ଅନେକ ଗ୍ରାମାଞ୍ଚଳ ରୋଗୀ ବିଶେଷଜ୍ଞ ସେବା ପାଇବାରେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ବୁଝି, ବେଦାନ୍ତ ହସ୍ପିଟାଲ ଦନ୍ତ ଚିକିତ୍ସକ, ଇଏନଟି ବିଶେଷଜ୍ଞ, ହୃଦରୋଗ ବିଶେଷଜ୍ଞ, ହେମାଟୋଲୋଜିଷ୍ଟ ଏବଂ ଚର୍ମରୋଗ ବିଶେଷଜ୍ଞଙ୍କ ସମେତ ବିଶେଷଜ୍ଞ ପରାମର୍ଶଦାତାଙ୍କ ଠାରୁ ମାସିକ ଗସ୍ତ ମଧ୍ୟ ପ୍ରଦାନ କରାଇଥାଏ, ଏହା ସମ୍ପ୍ରଦାୟ ଭିତରେ ବ୍ୟାପକ ବିଶେଷଜ୍ଞତା ଉପଲବ୍ଧ ହେବା ନିଶ୍ଚିତ କରେ । ବିଶେଷଜ୍ଞଙ୍କ ଏହି ଆଗମନ ଗ୍ରାମାଂଚଳ ସାଧାରଣ ସମସ୍ୟାକୁ ସମାଧାନ କରିଥାଏ । ଗତ ବର୍ଷ ଠାରୁ, ହସ୍ପିଟାଲ ସୋନୋଗ୍ରାଫି ଏବଂ ଇକୋକାର୍ଡିଓଗ୍ରାଫି ସମେତ ଫିଜିଓଥେରାପି ଏବଂ ଅଲ୍ଟ୍ରାସାଉଣ୍ଡ ଡାଇଗ୍ନୋଷ୍ଟିକ୍ସ ପାଇଁ ଉନ୍ନତ ଯନ୍ତ୍ରପାତି ପ୍ରଚଳନ କରି ଏହାର ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି। ଏହା ଜିଲ୍ଲାରେ ପ୍ରଥମ ଏପରି ସୁବିଧା, ଉନ୍ନତ ଚିକିତ୍ସା ପ୍ରଯୁକ୍ତିବିଦ୍ୟାର ଉପଲବ୍ଧତାରେ ଏକ ପ୍ରମୁଖ ଲ ଚିହ୍ନିତ କରିଛି ଏବଂ ଆଗରୁ ରୋଗୀମାନଙ୍କୁ ରୋଗ ନିର୍ଣ୍ଣୟ ପାଇଁ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡୁଥିଲା। ଏହି ସମ୍ପ୍ରସାରଣ କେବଳ ଚିକିତ୍ସାର ଗୁଣବତ୍ତା ଉନ୍ନତ କରି ନାହିଁ ବରଂ ରୋଗୀ ଏବଂ ସେମାନଙ୍କ ପରିବାର ଉପରେ ଆର୍ଥିକ ଏବଂ ଲଜିଷ୍ଟିକ୍ ବୋଝ ମଧ୍ୟ କମ କରିଛି । ବେଦାନ୍ତ ହସ୍ପିଟାଲର ପରିବର୍ତ୍ତନକାରୀ ପ୍ରଭାବ ହୁଏତ କାଶୀନାଥ ରାଣା ଭଳି ବ୍ୟକ୍ତିବିଶେଷଙ୍କ କାହାଣୀ ମାଧ୍ୟମରେ ସର୍ବୋତମ ଭାବରେ ଦର୍ଶାଯାଇଛି। ଯେତେବେଳେ କାଶୀନାଥ ଷ୍ଟ୍ରୋକ୍ ଶିକାର ହୋଇଥିଲେ, ଯାହାର ପରିଣାମ ସ୍ୱରୂପ ହେମିପ୍ଲେଜିଆ ହୋଇଥିଲା, ସେ ଏକ ଭୟଙ୍କର ବାସ୍ତବତାର ସମ୍ମୁଖୀନ ହୋଇଥିଲେ ଏପରି ପରିସ୍ଥିତିରେ, ଗତିଶୀଳତା ହରାଇବା ବିଶେଷ ଭାବରେ ବିନାଶକାରୀ ହୋଇପାରେ, ଯାହା କେବଳ ବ୍ୟକ୍ତି ନୁହେଁ ବରଂ ସେମାନଙ୍କ ସମଗ୍ର ପରିବାର ଏବଂ ଜୀବିକାକୁ ପ୍ରଭାବିତ କରେ। ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ଫିଜିଓଥେରାପି ସେବା ପ୍ରଦାନ କରୁଥିବା ୬୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଏକମାତ୍ର ସୁବିଧା, କାଶୀନାଥଙ୍କ ଆଶା ମିଳିଥିଲା । ହସ୍ପିଟାଲର ଦଳ ଏକ ବ୍ୟାପକ ପୁନର୍ବାସ ଯୋଜନା ବିକଶିତ କରିଥିଲେ, ଏବଂ ଉତ୍ସର୍ଗୀକୃତ ଯତ୍ନ ସହିତ, କାଶୀନାଥ ଧୀରେ ଧୀରେ ଗୁରୁତ୍ୱପୂର୍ଣ୍ଣ ଗତିବିଧି ଏବଂ କାର୍ଯ୍ୟକ୍ଷମତା ହାସଲ କରିଥିଲେ।

## ଥାନା ପରିସରରେ ନୂଆ ଫୁଲବଗିଚା ଉଦ୍‌ଘାଟିତ

ନୀଳଗିରି ,(ସବ୍ୟୁ) :ନୀଳଗିରି ଥାନା ପରିସରରେ ନୂତନ କରି ଏକ ଫୁଲବଗିଚାକୁ ଉଦ୍‌ଘାଟନ କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ। ରବିବାର ପୂର୍ବାହ୍ନରେ ଉଭୟ ଲୋକପ୍ରତିନିଧି ଉପସ୍ଥିତ ରହି ଫିତାକାଟି ଉଦ୍‌ଘାଟନ କରିଥିବା ବେଳେ ଏହି କବିତା ମଧ୍ୟରେ ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗର ଫୁଲଗଛ ଲଗାଯାଇଥିବାରୁ ଏକ ଅନନ୍ୟ ଶୋଭାବର୍ଦ୍ଧନ କରିଛି । ଫଳରେ ଥାନାକୁ ଆସୁଥିବା ଲୋକମାନେ ଏକ ସୁସ୍ଥ ଏବଂ ସୌନ୍ଦର୍ଯ୍ୟମୟ ପରିବେଶର ଅନୁଭୂତି ପାଇପାରିବେ ।


## ଏକାଦଶାହ ଉପଲକ୍ଷେ

ଆବିର୍ଭାବ : ୧୧.୦୭.୧୯୭୫

ତିରୋଧାନ : ୧୧.୦୫.୨୦୨୫




**ଦିପ୍ତିମାନ ସାହାଣୀ**

ସି-୧୦, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ଅଲୁଭା ସ୍ମୃତି ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ବାପା- ଜଗନାଥ ସାହାଣୀ, ମାତା- ଝରଣା ସାହାଣୀ, ସ୍ତ୍ରୀ-ଅରୁନ୍ଧତୀ ସାହାଣୀ, ଝିଅ- ବିପ୍ସା ସାହାଣୀ, ପୁଅ- ଦକ୍ଷ ସାହାଣୀ, ବଡଭାଇ-ଅଂଶୁମାନ ସାହାଣୀ, ଭାଉଜ- ସାରା ସାହାଣୀ, ଶ୍ୱଶୁର-ନୃସିଂହ ଚରଣ ଜେନା, ଶାଶୁ-ଜୋସ୍ନାମୟୀ ଜେନା, ଶାଳକ-ଅୟସକାନ୍ତ ଜେନା, ଅମୀୟକାନ୍ତ ଜେନା ।

# ଜ୍ୟୋତିର୍ବିଜ୍ଞାନୀ ଜୟନ୍ତ ନାର୍ଲିକରଙ୍କ ଦେହାନ୍ତ



ନୂଆଦିଲ୍ଲୀ: ମଙ୍ଗଳବାର ୮୮ ବର୍ଷ ବୟସରେ ଦେହତ୍ୟାଗ କରିଛନ୍ତି ପ୍ରସିଦ୍ଧ ଭାରତୀୟ ଜ୍ୟୋତିର୍ବିଜ୍ଞାନୀ ଜୟନ୍ତ ନାର୍ଲିକର । ସେ ତାଙ୍କର ସୃଷ୍ଟି 'ହୋଏଲେ-ନାର୍ଲିକର ଥିଓରି ଅଫ୍ ଗ୍ରାଭିଟି' ପାଇଁ ବେଶ୍ ଜଣାଶୁଣା । ଯାହାକୁ ସେ ୧୯୬୪ ମସିହାରେ ଇଂରାଜୀ ଜ୍ୟୋତିର୍ବିଜ୍ଞାନୀ ଏବଂ ପ୍ରଫେସର ଫ୍ରେଡ୍ ହୋଏଲେଙ୍କ ସହ ମିଶି ବିକଶିତ କରିଥିଲେ । ଏହି ଥିଓରି ଜରିଆରେ ୧୯୧୫ ମସିହାରେ ପ୍ରକାଶିତ ଆଲବର୍ଟ ଆଇନଷ୍ଟାଇନଙ୍କ 'ଜେନେରାଲ୍ ଥିଓରି ଅଫ୍ ରିଲେଟିଭିଟି'କୁ ଭଲକରି ମାଜିବାକୁ ଚେଷ୍ଟା କରାଯାଇଥିଲା । 'ହୋଏଲେ-ନାର୍ଲିକର ଥିଓରି ଅଫ୍ ଗ୍ରାଭିଟି' କୁହେ, ''ବ୍ରହ୍ମାଣ୍ଡର ପ୍ରତ୍ୟେକ ବସ୍ତୁର ବସ୍ତୁତ୍ୱ ଅନ୍ୟ ପ୍ରତ୍ୟେକ ବସ୍ତୁ ସହିତ ଏହାର ପାରସ୍ପରିକ କ୍ରିୟା ଦ୍ୱାରା ପ୍ରଭାବିତ ହୁଏ ।'' ଯଦିଓ ଆଇନଷ୍ଟାଇନ୍ ମଧ୍ୟ ଏହି ନୀତି ଦ୍ୱାରା ବହୁତ ଅନୁପ୍ରାଣିତ ହୋଇଥିଲେ, କିନ୍ତୁ ଏହାକୁ ତାଙ୍କ ଥିଓରିରେ ସାମିଲ କରିପାରିନଥିଲେ । ତେବେ ଜୟନ୍ତ ନାର୍ଲିକରଙ୍କୁ 'ଭାରତୀୟ ବ୍ରହ୍ମାଣ୍ଡ ସୃଷ୍ଟି ତତ୍ତ୍ୱ'ର ଜନକ ବୋଲି ମଧ୍ୟ କୁହାଯାଏ ।

## ରାଷ୍ଟ୍ରପତିଙ୍କ ଶୋକ

ପଦ୍ମ ବିଭୂଷଣ ପୁରସ୍କାରପ୍ରାପ୍ତ ଏହି ବିଶିଷ୍ଟ ଭାରତୀୟ ବୈଜ୍ଞାନିକ ନିଜ ଆତ୍ମଜୀବନୀ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ସେ ପଦ୍ମ ଭୂଷଣ ପୁରସ୍କାର ମଧ୍ୟ ପାଇଛନ୍ତି । ନିଜ ଆତ୍ମଜୀବନୀ ପାଇଁ ସେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିବା ଏହି ବୈଜ୍ଞାନିକ ୧୯୯୬ ମସିହା ପାଇଁ ୟୁନେସ୍କୋ କଳିଙ୍ଗ ପୁରସ୍କାର ମଧ୍ୟ ପାଇଥିଲେ । ବିଭିନ୍ନ ସମୟରେ ଓଡ଼ିଶା ଆସିଥିବା ଡକ୍ଟର ନାର୍ଲିକର ବିଜ୍ଞାନକୁ ଲୋକପ୍ରିୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ନାର୍ଲିକରଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ଦେଶ ଜଣେ ଯଶସ୍ୱୀ ଜ୍ୟୋତିର୍ବିଦ୍‌ଙ୍କୁ ହରାଇଲା ।

## ୱାକଫ୍ ସଂଶୋଧନ ଆଇନ

# ଅନ୍ତରୀଣ ସ୍ଥଗିତାଦେଶ ଦେବାଭଳି ମାମଲା ହୋଇନି

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ମଙ୍ଗଳବାର ୱାକଫ ସଂଶୋଧନ ଆଇନକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକର ଶୁଣାଣି କରିଥିଲେ । ଏହି ସମୟରେ ବରିଷ୍ଠ ଓକିଲ କପିଲ ସିବଲ ଏହି ଆଇନକୁ ପ୍ରବଳ ବିରୋଧ କରିଥିଲେ । ଏହା ସତ୍ତ୍ୱେ ମୁଖ୍ୟ ବିଚାରପତି ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ କହିଥିଲେ ଯେ ଏହି ଆଇନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବାକୁ ଏକ ବଡ଼ ମାମଲା ଦର୍ଶାଯିବା ଆବଶ୍ୟକ ।

ପ୍ରତ୍ୟେକ ଆଇନ ସମ୍ବିଧାନ ଅନୁଯାୟୀ ବୋଲି ଅନୁମାନ କରାଯାଏ । ଯଦି ଆପଣ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ଚାହାଁନ୍ତି, ତେବେ ଆପଣଙ୍କୁ ଏକ ବହୁତ ଦୃଢ଼ ଏବଂ ସ୍ପଷ୍ଟ ମାମଲା ରଖିବାକୁ ପଡିବ । ନଚେତ ଏହା ଧରିନିଆଯିବ ଯେ ଆଇନ ସମ୍ବିଧାନ ଅନୁଯାୟୀ ଅଛି, ପ୍ରଧାନ ବିଚାରପତି ଗଭାଇ କହିଛନ୍ତି ।

ପ୍ରତ୍ୟେକ ଆଇନ ସମ୍ବିଧାନ ଅନୁଯାୟୀ ବୋଲି ଅନୁମାନ କରାଯାଏଛ ଯଦି ଆପଣ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ଚାହାଁନ୍ତି, ତେବେ ଆପଣଙ୍କୁ ଏକ ବହୁତ ଦୃଢ଼ ଏବଂ ସ୍ପଷ୍ଟ ମାମଲା ରଖିବାକୁ



ପଡିବ । ନଚେତ ଏହା ଧରିନିଆଯିବ ଯେ ଆଇନ ସମ୍ବିଧାନ ଅନୁଯାୟୀ ଅଛି, ପ୍ରଧାନ ବିଚାରପତି ଗଭାଇ କହିଛନ୍ତି । ସମୟରେ ବରିଷ୍ଠ ଓକିଲ କପିଲ ସିବଲ କହିଥିଲେ ଯେ ଆଇନ ଯେକୌଣସି ବ୍ୟକ୍ତିଙ୍କୁ ୱାକଫ ସମ୍ପତ୍ତି ସମ୍ପର୍କରେ ଆପତ୍ତି ଉଠାଇବାର ଅଧିକାର ଦେଇଛି ଏବଂ ଯେପର୍ଯ୍ୟନ୍ତ ଏହା ଉପରେ ବିବାଦ ଜାରି ରହିବ, ସେପର୍ଯ୍ୟନ୍ତ ସମ୍ପତ୍ତି ଆଉ ୱାକଫର ରହିବ ନାହିଁ । ସେମାନଙ୍କର ଆପତ୍ତି ଅଛି ଯେ ୧୦୦-୨୦୦ ବର୍ଷ ପୁରୁଣା ୱାକଫ କାଗଜପତ୍ର କେଉଁଠାରୁ ଆସିବ ଏବଂ ଈଶ୍ୱରଙ୍କୁ ଦାନ କରାଯାଇଥିବା ସମ୍ପତ୍ତିକୁ ଅନ୍ୟ କାହାକୁ କିପରି ହସ୍ତାନ୍ତର କରାଯାଇ ପାରିବ । ଆବେଦନକାରୀଙ୍କ ପକ୍ଷରୁ ସେ ଯୁକ୍ତି ଦେଇଥିଲେ ଯେ ୱାକଫ ଆମ ଡିଏନଏରେ ଅଛି ।

# ନେତାନ୍ୟାହୁ କଡ଼ା ବିରୋଧର ସମ୍ମୁଖୀନ

ତେଲ ଅଭିଭ: ଇସ୍ରାଏଲ ଗାଜାକୁ ସହାୟତା ପାଇଁ ଆଂଶିକ ମଞ୍ଜୁରୀ ଦେଇଛି । ଗାଜାକୁ ଯାଉଥିବା ରାସ୍ତା ଉପରୁ ଅବରୋଧ ହଟାଇ ଦିଆଯାଇଛି । ଏହି ସମୟରେ, ୟୁରୋପୀୟ ଦେଶ ସମେତ ମୋଟ ୨୨ ଅଣମୁସଲିମ ଦେଶ ଇସ୍ରାଏଲ ବିରୋଧରେ ଏକ ମିଳିତ ବିବୃତି ଜାରି କରିଛନ୍ତି ଏବଂ ଗାଜାକୁ ଯାଉଥିବା ସହାୟତାରେ କୌଣସି ବାଧା ସୃଷ୍ଟି ନ କରିବାକୁ ଦାବି କରିଛନ୍ତି ।

ଏହି ଦେଶଗୁଡ଼ିକ ମଧ୍ୟରେ ଗୋଟିଏ ବି ଇସଲାମିକ ଦେଶ ନାହିଁ ଯିଏ ଆକ୍ରମଣାତ୍ମକ ଭାବରେ ପାଲେଷ୍ଟାଇନକୁ ସମର୍ଥନ କରିଛି । ସେମାନେ ଇସ୍ରାଏଲକୁ ଖୋଲା ବିରୋଧ କରିଛନ୍ତି । ଏହି ଦେଶଗୁଡ଼ିକ ମଧ୍ୟରେ ଜର୍ମାନୀ, ଫ୍ରାନ୍ସ ଭଳି ୟୁରୋପୀୟ ଦେଶ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଜାପାନ ମଧ୍ୟ ଏହାର ଏକ ଅଂଶ ପାଲଟିଛି । ଗାଜାକୁ ସହାୟତା ପ୍ରଦାନ କରିବାରେ କୌଣସି ବାଧା ସୃଷ୍ଟି ନହେବା ନିଶ୍ଚିତ କରିବାକୁ ବ୍ରିଟେନ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟ ଇସ୍ରାଏଲକୁ ଆହ୍ୱାନ ଦେଇଛନ୍ତି ।

ଇସ୍ରାଏଲ ବିରୋଧରେ ମିଳିତ ବିବୃତି ଜାରି କରିଥିବା ଦେଶଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡା, ଡେନମାର୍କ, ଏଷ୍ଟୋନିଆ, ଫିନଲ୍ୟାଣ୍ଡ, ଆଇସଲ୍ୟାଣ୍ଡ, ଆୟର୍ଲାଣ୍ଡ, ଇଟାଲୀ, ଜାପାନ, ଲାଟଭିଆ, ଲିଥୁନିଆ, ଲକ୍ସେମବର୍ଗ, ନେଦରଲ୍ୟାଣ୍ଡ, ନ୍ୟୁଜିଲ୍ୟାଣ୍ଡ, ନରୱେ, ପର୍ତ୍ତୁଗାଲ, ସ୍ଲୋଭେନିଆ, ସ୍ପେନ, ସ୍ୱିଡେନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ଆଦି ଅନ୍ତର୍ଭୁକ୍ତ ।

ଏହି ଦେଶଗୁଡ଼ିକ କହିଛନ୍ତି ଯେ, ସହାୟତା ବନ୍ଦ କରିବା ଦ୍ୱାରା ଗାଜା ଷ୍ଟ୍ରିପରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି ଏବଂ ଲୋକମାନେ ଅନାହାରର ଶିକାର ହେଉଛନ୍ତି । ଅନେକ ଲୋକ ଗମ୍ଭୀର ରୋଗର ଔଷଧ ପାଇପାରୁ ନାହାନ୍ତି ଏବଂ ସେମାନଙ୍କ ଜୀବନ



ବଞ୍ଚାଇବା କଷ୍ଟକର ହୋଇପଡୁଛି । ଏହି ଦେଶଗୁଡ଼ିକ କହିଛନ୍ତି ଯେ, ଆମେ ଜାଣୁ , ଇସ୍ରାଏଲ ସୀମିତ ପରିମାଣରେ ସାହାଯ୍ୟ ଦେବାକୁ ରାଜି ହୋଇଛି, କିନ୍ତୁ ଆମେ ଦାବି କରୁଛୁ ଯେ, ସାହାଯ୍ୟ ପ୍ରଦାନ କରିବାରେ କୌଣସି ପ୍ରତିବନ୍ଧକ ରହିବା ଉଚିତ ନୁହେଁ ।

ଫ୍ରାନ୍ସ, ବ୍ରିଟେନ ଏବଂ କାନାଡା ଇସ୍ରାଏଲକୁ ଧମକ ଦେଇଛନ୍ତି ଯେ, ଯଦି ଗାଜାକୁ ସହାୟତା ବନ୍ଦ କରାଯାଏ ତେବେ ସେମାନେ ପ୍ରତିବନ୍ଧକ ଲଗାଇବେ । ଏହା ବ୍ୟତୀତ ଏହି ଦେଶଗୁଡ଼ିକ ଗାଜା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ମଧ୍ୟ ଦାବି କରିଛନ୍ତି ।

ସେହି ସମୟରେ, ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ ତିନୋଟି ଦେଶକୁ କଡ଼ା ଜବାବ ଦେଇ କହିଛନ୍ତି ଯେ, ଯଦି ତୁମର ପ୍ରସ୍ତାବ ଗୃହୀତ ହୁଏ ତେବେ ହମାସ ଅଧିକ ଶକ୍ତିଶାଳୀ ହେବ ଏବଂ ଭବିଷ୍ୟତରେ ଏହା ପୁଣି ଇସ୍ରାଏଲ ଉପରେ ଆକ୍ରମଣ କରିବ । ଏହା ସହିତ ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଗାଜାକୁ ସହାୟତା ବନ୍ଦ ନ କରିବା ପାଇଁ ଇସ୍ରାଏଲ ଉପରେ ଚାପ ରହିଛି । ତେବେ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ହମାସ ଧ୍ୱଂସ ନହୁଏ, ସେପର୍ଯ୍ୟନ୍ତ ଇସ୍ରାଏଲ ଗାଜା ଉପରେ ଆକ୍ରମଣ ଜାରି ରଖିବ । କିନ୍ତୁ ଏହି ସମୟରେ ୟୁରୋପୀୟ ଦେଶ ଏବଂ ଜାପାନର ବିରୋଧ ଯୋଗୁ ଚିତ୍ର ବଦଳିବା ପରି ମନେ ହେଉଛି । ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଆଗାମୀ ଦିନଗୁଡ଼ିକ ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ।

# ଅସୀମ ମୁନୀର ହେଲେ ଫିଲ୍ଡ ମାର୍ଶାଲ

ଇସଲାମାବାଦ: ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ପଦବୀକୁ ପଦୋନ୍ନତି ଦିଆଯାଇଛି । ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ସିଧାସଳଖ ପାକିସ୍ତାନୀ ସେନା ଏବଂ ଆଇଏସଆଇ ସହିତ ସମ୍ପର୍କ ଥିବା ଜଣାପଡ଼ିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ମୁନିର ଏହି ଷଡ଼ଯନ୍ତ୍ର ରଚିଥିଲେ ।

ଏହା ସହିତ, ଜଣେ ପାକିସ୍ତାନୀ ସେନା ଅଧିକାରୀ ସ୍ୱୀକାର କରିଥିଲେ ଯେ, ପହଲଗାମ ଆକ୍ରମଣ ଅସୀମ ମୁନୀରଙ୍କ ଦ୍ୱାରା ଯୋଜନା କରାଯାଇଥିଲା । ପାକିସ୍ତାନୀ ଗଣମାଧ୍ୟମ ଏବଂ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ବିବୃତି ଅନୁସାରେ, ପାକିସ୍ତାନ କ୍ୟାବିନେଟ ମଙ୍ଗଳବାର ଏହି ପଦୋନ୍ନତିକୁ ମଞ୍ଜୁରୀ ଦେଇଛି ।

ଜ୍ୟୋତି ପାକିସ୍ତାନ ପାଇଁ ରାମ ମନ୍ଦିରର ରେକି କରିଥିଲେ! ପ୍ରାଣପ୍ରତିଷ୍ଠା ପରେ ଅଯୋଧ୍ୟାରେ ପହଞ୍ଚି କରିଥିବା ଭିଡିଓ ଦେଖନ୍ତୁ...ପାକିସ୍ତାନ ସେନାରେ ଫିଲ୍ଡ ମାର୍ଶାଲ ପଦବୀ କେବଳ ଏକ ବଡ଼ ସମ୍ମାନ ନୁହେଁ ବରଂ ରଣନୈତିକ ନିଷ୍ପତ୍ତି ନେବାରେ ସର୍ବୋଚ୍ଚ ଅଧିକାର ମଧ୍ୟ ପ୍ରଦାନ କରେ । ଏହାର ଅର୍ଥ ହେଉଛି ମୁନିରଙ୍କର ଏବେ ସେନାରେ ଅପାର କ୍ଷମତା ରହିବ । ଏହି ପଦବୀ ମୁନିରଙ୍କୁ କେବଳ ସେନା ଉପରେ ନିୟନ୍ତ୍ରଣ ଦେବ ନାହିଁ ବରଂ ରାଜନୈତିକ-ସାମରିକ ମାମଲାରେ ଏକ ନିର୍ଣ୍ଣାୟକ ଭୂମିକା ମଧ୍ୟ ଦେବଛ ଫିଲ୍ଡ ମାର୍ଶାଲ ହେବା ପରେ, ଅସୀମ ମୁନିରଙ୍କୁ ଏବେ ପାକିସ୍ତାନର ସେନା ଏବଂ ଗୁଇନ୍ଦା ସଂସ୍ଥା ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ମୁକ୍ତ ହାତ ମିଳିପାରେ । ଏହା ଭାରତ ବିରୁଦ୍ଧରେ ହାଇବ୍ରିଡ୍ ଯୁଦ୍ଧ ଆତଙ୍କବାଦ, ସାଇବର ଆକ୍ରମଣ ଏବଂ ପ୍ରକ୍ସି ଯୁଦ୍ଧ ଭଳି କାର୍ଯ୍ୟକଳାପକୁ ଆହୁରି ତୀବ୍ର କରିପାରିବ ବୋଲି କୁହାଯାଉଛି ।

# ଅଦିନିଆ ବର୍ଷାରେ ଆସାମରେ ବନ୍ୟା



ଦିଶପୁର: ଅଦିନିଆ ବର୍ଷାରେ ବୁଡିଲା ଆସାମ । ଗତକାଲି ରାତିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଫଳରେ ଆସି ସକାଳ ହେବା କ୍ଷଣି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ରାତିର ଲଗାଣ ବର୍ଷା ଫଳରେ ମଙ୍ଗଳବାର ସକାଳେ ଗୌହାଟୀରେ ରାସ୍ତାଘାଟ ଜଳମଗ୍ନ ହୋଇଛି । ଅନେକ ସ୍ଥାନରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଥିବା ବେଳେ ତଳିଆ ଅଞ୍ଚଳରେ ବେକେ ବେକେ ପାଣି ଜମିଥିବା ଦେଖିବାକୁ ମିଳିଛି । ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ସାଧାରଣ ଜୀବନ ପ୍ରଭାବିତ ହୋଇଛି ଛଜୁ ରୋଡ୍, ନବୀନ ନଗର, ହାତିଗାଓଁ, ଗଣେଶଗୁଡ଼ି, ଗୀତା ନଗର ଆଦି ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ଦେଖା ଦେଇଛି । ବର୍ଷା ଫଳରେ ଅନେକ ସ୍କୁଲରେ ପାଣି ପଶିଯାଇଥିବାର ଖବର ବି ଆସୁଛି । ତେବେ ସହରର ଅନେକ ସ୍ଥାନ ଜଳମଗ୍ନ ଥିବାରୁ ଅନେକ ସ୍କୁଲର ଇନଟରନାଲ୍ ପରୀକ୍ଷାକୁ ବାତିଲ କରାଯାଇଛି । ସେପଟେ ଗତକାଲି ଅଦିନିଆ ବର୍ଷାରେ ବେହାଲ ହୋଇଥିଲା ବେଙ୍ଗାଲୁରୁ । ପ୍ରବଳ ବର୍ଷା କାରଣରୁ ବେଙ୍ଗାଲୁରୁ ଜଳବନ୍ଦୀ ହୋଇଥିବା ବେଳେ ଆଜି ସେହି ପରିସ୍ଥିତି ଜାରି ରହିଛି । ଡ୍ରେନେଜ୍ ସମସ୍ୟା ପାଇଁ ଜଳ ନିଷ୍କାସନ ହୋଇପାରୁ ନଥିବାରୁ ରାସ୍ତାରେ ଜମି ରହିଛି ।

# ୧୯୬ ଔଷଧ ନମୁନା ଗୁଣବତ୍ତା ପରୀକ୍ଷାରେ ବିଫଳ

ନୂଆଦିଲ୍ଲୀ: କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ (ସିଡିଏସସିଓ) ଦ୍ୱାରା କରାଯାଇଥିବା ଏକ ତଦନ୍ତରେ, ଏପ୍ରିଲ ମାସରେ ୧୯୬ଟି ଔଷଧ ନମୁନା ମାନକ ଗୁଣବତ୍ତା ଯୋଗ୍ୟ ନୁହେଁ ବୋଲି ଜଣାପଡିଥିଲା । ଏଥିରେ କେନ୍ଦ୍ରୀୟ ପରୀକ୍ଷାଗାରରେ ୬୦ଟି ଏବଂ ରାଜ୍ୟ ପରୀକ୍ଷାଗାରରେ ୧୩୬ଟି ଔଷଧର ନମୁନା ମିଳିଥିଲା ।

ମାନକ ଗୁଣବତ୍ତାର ନୁହେଁ (ଏନଏସକ୍ୟୁ) ଅର୍ଥ ହେଉଛି ଔଷଧ ନମୁନା ଗୋଟିଏ କିମ୍ବା ଦୁଇଟି ପାରାମିଟରରେ ବିଫଳ ହୋଇଛି । ପରୀକ୍ଷାରେ ବିଫଳ ହୋଇଥିବା ଏହି ନମୁନାଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ବ୍ୟାଚର ଔଷଧ ଉତ୍ପାଦ ସହିତ ଜଡିତ । ବଜାରରେ ଉପଲବ୍ଧ ଅନ୍ୟାନ୍ୟ ଔଷଧ ଉତ୍ପାଦ ପାଇଁ ଏହା ଚିନ୍ତାର ବିଷୟ ନୁହେଁ ।

ଏପ୍ରିଲ ମାସରେ, ବିହାରରୁ ଆସିଥିବା ଏକ ଔଷଧ ନମୁନାକୁ ନକଲି ଭାବରେ ଚିହ୍ନଟ



କରାଯାଇଥିଲା, ଯାହାକୁ ଅନ୍ୟ ଏକ କମ୍ପାନିର ମାଲିକାନାରେ ଥିବା ବ୍ରାଣ୍ଡ ନାମ ବ୍ୟବହାର କରି ଏକ ଅନଧିକୃତ ନିର୍ମାତା ପ୍ରସ୍ତୁତ କରିଥିଲେ । ଏହି ମାମଲାରେ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।


ଏନଏସକ୍ୟୁ, ମିସ୍ ବ୍ରାଣ୍ଡେଡ୍ ଏବଂ ନକଲି ଔଷଧ ଚିହ୍ନଟ କରିବା ପାଇଁ ଏହି କାର୍ଯ୍ୟ ନିୟମିତ ଭାବରେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ଦ୍ୱାରା ରାଜ୍ୟ ନିୟାମକମାନଙ୍କ ସହଯୋଗରେ କରାଯାଏ ।

ସିଡିଏସସିଓ ତଦନ୍ତର ଉଦ୍ଦେଶ୍ୟ ହେଉଛି ଏପରି ଔଷଧଗୁଡ଼ିକୁ ଚିହ୍ନଟ କରି ବଜାରରୁ ଅପସାରଣ ନିଶ୍ଚିତ କରିବା । ପୂର୍ବରୁ, କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ଡିସେମ୍ବରରେ ନିଆଯାଇଥିବା ଔଷଧ ନମୁନାର ଫଳାଫଳ ପ୍ରକାଶ କରିଥିଲା । ଏହି ଅନୁସାରେ, ୧୩୫ରୁ ଅଧିକ ଔଷଧ ମାନଦଣ୍ଡ ପୂରଣ କରୁ ନଥିବା ଜଣାପଡ଼ିଥିଲା ।

ଯେଉଁ ଔଷଧଗୁଡ଼ିକର ନମୁନା ବିଫଳ ହୋଇଥିଲା, ସେଥିରେ ହୃଦ୍‌ରୋଗ, ଚିନି, କିଡନୀ, ବିପି ଏବଂ ଆଣ୍ଟିବାୟୋଟିକ୍ ସମେତ ଅନେକ ଔଷଧ ଅନ୍ତର୍ଭୁକ୍ତ ଥିଲା ।

ଏହି ଔଷଧଗୁଡ଼ିକ ଦେଶର ଅନେକ ବଡ଼ ଔଷଧ କମ୍ପାନି ଦ୍ୱାରା ପ୍ରସ୍ତୁତ କରାଯାଏଛ କେନ୍ଦ୍ରୀୟ ପରୀକ୍ଷାଗାର ୫୧ଟି ଔଷଧ ନମୁନା ପାଇଥିଲା ଏବଂ ରାଜ୍ୟ ଔଷଧ ପରୀକ୍ଷଣ ପରୀକ୍ଷାଗାର ୮୪ଟି ଔଷଧ ନମୁନା ମାନକ ଗୁଣବତ୍ତା ଅନୁକୂଳ ନଥିଲା ବୋଲି ଜଣାପଡ଼ିଥିଲା ।ଏହି ଔଷଧଗୁଡ଼ିକ ମଧ୍ୟରେ ଜନ ଔଷଧି କେନ୍ଦ୍ରଗୁଡ଼ିକୁ ପ୍ରଦାନ କରାଯାଇଥିବା ଆଣ୍ଟିବାୟୋଟିକ୍ ଅନ୍ତର୍ଭୁକ୍ତ । ସେସବୁ ମଧ୍ୟରେ ସେଫପୋଡକ୍ସିମ ଟାବଲେଟ୍ ଆଇପି ୨୦୦-ମିଗ୍ରା, ଡିଭାଲପ୍ରୋଏକ୍ସ ଏକ୍ସଟେଣ୍ଡେଡ୍-ରିଲିଜ୍ ଟାବଲେଟ୍, ମେଟଫର୍ମିନ୍ ହାଇଡ୍ରୋକ୍ଲୋରାଇଡ୍ ଟାବଲେଟ୍, ଜିଙ୍କ ସଲଫେଟ୍ ଟାବଲେଟ୍, ମେଟଫର୍ମିନ୍ ଟାବଲେଟ୍ ୫୦୦ ମିଗ୍ରା, ଆମୋକ୍ସିମନ୍ ସିଭି-୬୨୫, ପାରାସିଟାମଲ୍ ୫୦୦ ମିଗ୍ରା ପ୍ରଭୃତି ରହିଛି ।

# ଗୁପ୍ତଚର ଜ୍ୟୋତିଙ୍କଠାରୁ ଡାଏରୀ ଜବତ



ନୂଆଦିଲ୍ଲୀ: ଡାଏରୀ ଖୋଲିବ ଗୁପ୍ତଚରଙ୍କ ଗୁମର ? ପାକିସ୍ତାନ ସହ କେବେଠୁ ଲିଙ୍କରେ ଅଛନ୍ତି ଜ୍ୟୋତି ? ପାକିସ୍ତାନକୁ ସେ କେତେ ଥର ଯାଇଛନ୍ତି ? କାହା କାହା ସହ ମିଶନ୍ତି ଏବଂ କେଉଁଠି କେଉଁଠି ବୁଲନ୍ତି ? ପାକିସ୍ତାନକୁ ବାରମ୍ବାର ଯିବା ପରେ ସେଠାର ଅନୁଭୂତି କଣ ? ପାକିସ୍ତାନକୁ ନେଇ ଜ୍ୟୋତିଙ୍କ ମତ କଣ ? ଏ ସବୁ ପ୍ରଶ୍ନର ଉତ୍ତର ଖୋଲିପାରେ ଜ୍ୟୋତିଙ୍କ ଡାଏରୀ । କାରଣ ପୋଲିସକୁ ମିଳିଥିବା ଜ୍ୟୋତି ମଲହୋତ୍ରାଙ୍କ ବ୍ୟକ୍ତିଗତ ଡାଏରୀ । ଯେଉଁଥିରେ ସେ ନିଜ ମନକଥା ସହ ନିଜର ଯାତ୍ରା ବିବରଣୀ ମଧ୍ୟ ଲେଖନ୍ତି ।

ଟ୍ରାଭେଲ ୱିଥ୍ ଜୋକୁ ଆଳ କରି ବିଦେଶ ବୁଲୁଥିବା ଜ୍ୟୋତି ସୀମା ପାର କଲା ବେଳର ସମୟ, ତାରିଖ ଏବଂ ଭାରତ-ପାକିସ୍ତାନ ଭିତରେ ଥିବା ସମ୍ପର୍କ ବାବଦରେ ନିଜ ଡାଏରୀରେ ଲେଖିଛନ୍ତି । ଜ୍ୟୋତିଙ୍କ ଡାଏରୀର ୧୦ରୁ ୧୧ ପୃଷ୍ଠା କେବଳ ପାକିସ୍ତାନ ବାବଦରେ ହିଁ ଲେଖାଅଛି । ଜ୍ୟୋତି ନିଜ ଡାଏରୀରେ ପାକିସ୍ତାନର ଆତିଥ୍ୟତାକୁ ଭୂରି ଭୂରି ପ୍ରଶଂସା କରିଥିବା ବେଳେ ଭାରତର ହିନ୍ଦୁମାନେ ଥରେ ଥରେ ପାକିସ୍ତାନ ଯାଇ ବୁଲିଆସିବା ଦରକାର ବୋଲି ସେ ନିଜ ମତ ସେଥିରେ ଲେଖିଛନ୍ତି ।

ଜ୍ୟୋତି ହିନ୍ଦୀ ଏବଂ ଇଂରାଜୀରେ ଡାଏରୀ ଲେଖୁଥିବା ବେଳେ ଏହି ଡାଏରୀ ପାକ୍ ଲିଙ୍କ ନେଇ ବଡ ଖୁଲାସା କରିପାରେ ବୋଲି ପୋଲିସ କହିଛି । ତେବେ ଡାଏରୀ ପରେ ଜ୍ୟୋତିଙ୍କ ସମ୍ପର୍କରେ ଥିବା ପୁରୀର ପ୍ରିୟଙ୍କା ସେନାପତିଙ୍କ ଉପରେ ବି ନଜର ରଖାଯାଇଛି ।

# ବଡ଼ ଖୁଲାସା କଲେ ଜ୍ୟୋତିଙ୍କ ବାପା

ନୂଆଦିଲ୍ଲୀ: ଘରେ ଦିଲ୍ଲୀ ଯାଉଛି କହି ପାକିସ୍ତାନ ଯାଉଥିଲେ ଜ୍ୟୋତି ମାଲହୋତ୍ରା । ପ୍ରତିଥର ଦିଲ୍ଲୀ ବୁଲିବାକୁ ଯାଉଥିବା କହି ପାକିସ୍ତାନ ସହ ଭିନ୍ନ ଭିନ୍ନ ଦେଶ ବୁଲୁଥିଲେ ୟୁଟ୍ୟୁବର ଜ୍ୟୋତି ମଲହୋତ୍ରା । ଘରେ ବାରମ୍ବାର ମିଛ କହି ଦେଶ ବାହାରକୁ ଯାଉଥିଲେ ଜ୍ୟୋତି । ବାପା ଏବଂ ପରିବାର ଲୋକଙ୍କୁ ମିଛର ଚାଦର ତଳେ ଶୁଆଇ ଦେଇ ଶତ୍ରୁ ଦେଶକୁ ଷଡଯନ୍ତ୍ର ପାଇଁ ଯାଉଥିଲେ ଜ୍ୟୋତି ଛ ଏକଥା ଖୋଦ୍ ବାପା କହିବା ପରେ ଏସବୁ ଚର୍ଚ୍ଚା ଏବେ ସାରା ଦେଶରେ ହେଉଛି । ଜ୍ୟୋତିଙ୍କ ବାପା ହରିଶ ମଲହୋତ୍ରା କହିଛନ୍ତି, ମୁଁ କିଛି ଜାଣିନି ଝିଅ କୁଆଡେ ଯାଉଥିଲା । ଅଧା ସମୟରେ ସେ କୁହେ ମୁଁ ଦିଲ୍ଲୀ ଯାଉଛି । କିନ୍ତୁ ଦିଲ୍ଲୀ କହି ପାକିସ୍ତାନ ଯାଉଥିଲା ବୋଲି ଆମେ ଜାଣିନୁ । ଝିଅ ମୋତେ କେବେ କିଛି କୁହେନି କି ତାର କୌଣସି ବି ସାଙ୍ଗ ଘରକୁ ଆସନ୍ତିନି । ସେ ଘରେ ଭିଡିଓ କରେ । ଏବେ ଯାହା ହେବ ହେବ... ମୁଁ ଆଉ କଣ କରିପାରିବି... ବୋଲି ଜ୍ୟୋତିଙ୍କ ବାପା କହିବା ପରେ ସ୍ପଷ୍ଟ ହେଉଛି କି ଜ୍ୟୋତି ଘରେ ମିଛ କହି ପାକିସ୍ତାନ ଯାଉଥିଲେ ।

ସେପଟେ ପୋଲିସକୁ ମିଳିଛି ଜ୍ୟୋତିଙ୍କ ଡାଏରୀ । ଡାଏରୀ ଖୋଲିବ ଗୁପ୍ତଚରଙ୍କ ଗୁମର ? ପାକିସ୍ତାନ ସହ କେବେଠୁ ଲିଙ୍କରେ ଅଛନ୍ତି ଜ୍ୟୋତି ? ପାକିସ୍ତାନକୁ ସେ କେତେ ଥର ଯାଇଛନ୍ତି ? କାହା କାହା ସହ ମିଶନ୍ତି ଏବଂ କେଉଁଠି କେଉଁଠି ବୁଲନ୍ତି ? ପାକିସ୍ତାନକୁ ବାରମ୍ବାର ଯିବା ପରେ ସେଠାର ଅନୁଭୂତି କଣ ? ପାକିସ୍ତାନକୁ ନେଇ ଜ୍ୟୋତିଙ୍କ ମତ କଣ ? ଏ ସବୁ ପ୍ରଶ୍ନର ଉତ୍ତର ଖୋଲିପାରେ ଜ୍ୟୋତିଙ୍କ ଡାଏରୀ । ଯେଉଁଥିରେ ସେ ନିଜ ମନକଥା ସହ ନିଜର ଯାତ୍ରା ବିବରଣୀ ମଧ୍ୟ ଲେଖନ୍ତି ।

ଟ୍ରାଭେଲ ୱିଥ୍ ଜୋକୁ ଆଳ କରି ବିଦେଶ ବୁଲୁଥିବା ଜ୍ୟୋତି ସୀମା ପାର କଲା ବେଳର ସମୟ, ତାରିଖ ଏବଂ ଭାରତ-ପାକିସ୍ତାନ ଭିତରେ ଥିବା ସମ୍ପର୍କ ବାବଦରେ ନିଜ ଡାଏରୀରେ ଲେଖିଛନ୍ତି । ଜ୍ୟୋତିଙ୍କ ଡାଏରୀର ୧୦ରୁ ୧୧ ପୃଷ୍ଠା କେବଳ ପାକିସ୍ତାନ ବାବଦରେ ହିଁ ଲେଖାଅଛି । ଜ୍ୟୋତି ନିଜ ଡାଏରୀରେ ପାକିସ୍ତାନର ଆତିଥ୍ୟତାକୁ ଭୂରି ଭୂରି ପ୍ରଶଂସା କରିଥିବା ବେଳେ ଭାରତର ହିନ୍ଦୁମାନେ ଥରେ ଥରେ ପାକିସ୍ତାନ ଯାଇ ବୁଲିଆସିବା ଦରକାର ବୋଲି ସେ ନିଜ ମତ ସେଥିରେ ଲେଛିଛନ୍ତି । ଜ୍ୟୋତି ହିନ୍ଦୀ ଏବଂ ଇଂରାଜୀରେ ଡାଏରୀ ଲେଖୁଥିବା ବେଳେ ଏହି ଡାଏରୀ ପାକ୍ ଲିଙ୍କ ନେଇ ବଡ ଖୁଲାସା କରିପାରେ ବୋଲି ପୋଲିସ କହିଛି ।

# ଅହମ୍ମଦାବାଦରେ ଆଇପିଏଲ ଫାଇନାଲ୍

ମୁମ୍ବାଇ, ୨୦।୫ (ଏଜେନ୍ସି):ଆଇପିଏଲ ୨୦୨୫ର ଫାଇନାଲ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ । ଭାରତ-ପାକିସ୍ତାନ ବିବାଦ ଯୋଗୁ ଆଇପିଏଲ ପ୍ରାୟ ୧୦ ଦିନ ବନ୍ଦ ରହିଥିଲା । ଶନିବାର ଠାରୁ ବଳକା ମ୍ୟାଚଗୁଡ଼ିକ ଘୋଷଣା ହୋଇଥିବା ଭେନ୍ୟୁରେ ଖେଳା ଯାଉଛି । କିନ୍ତୁ ପ୍ଲେ ଅଫ ଓ ଫାଇନାଲ କେଉଁଠି ଖେଳାଯିବ, ସେକଥା ଘୋଷଣା ହୋଇନଥିଲା । ଏବେ କିନ୍ତୁ ବିସିସିଆଇ ଜୁନ ୩ରେ ଅନୁଷ୍ଠିତ ହେବାକୁ ଥିବା ଆଇପିଏଲ ଫାଇନାଲ ନରେନ୍ଦ୍ର ମୋଦି ଷ୍ଟାଡିୟମ ଖେଳାଯିବ ବୋଲି ଘୋଷଣା କରିଛି ।



**ସଂଶୋଧିତ ତାରିଖ**

| | | |
|---|---|---|
| ମେ' ୨୯: | ସମୟ ୭.୩୦- କ୍ୱାଲିଫାୟର ୧ | (ମୁଲ୍ଲାନପୁର) |
| ମେ' ୩୦ : | ସମୟ ୭.୩୦- ଏଲିମିନେଟର | (ମୁଲ୍ଲାନପୁର) |
| ୧ ଜୁନ- | ସମୟ ୭.୩୦ - କ୍ୱାଲିଫାୟର ୧ | (ଅହମଦାବାଦ) |
| ୩ ଜୁନ - | ସମୟ ୭.୩୦- ଫାଇନାଲ | (ଅହମଦାବାଦ) |

ଆଇପିଏଲ ଫାଇନାଲ ବ୍ୟତୀତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ କ୍ୱାଲିଫାୟର ୨ ମଧ୍ୟ ଖେଳାଯିବ । କିନ୍ତୁ କ୍ୱାଲିଫାୟର-୧ ଓ ଏଲିମିନେଟର ମୁଲ୍ଲାନପୁର ଷ୍ଟାଡିୟମରେ ଅନୁଷ୍ଠିତ ହେବ । ମୁଲ୍ଲାନପୁର ହେଉଛି ପଞ୍ଜାବ କିଙ୍ଗସର ହୋମଗ୍ରାଉଣ୍ଡ ।

ଭାରତ-ପାକିସ୍ତାନ ବିବାଦ ଯୋଗୁ ସ୍ଥଗିତ ରହିଥିବା ଆଇପିଏଲ ପୁଣି ଚାଲୁ କରିବା ପାଇଁ ବିସିସିଆଇ ଘୋଷଣା କରିବା ବେଳେ ପାଣିପାଗ ଉପରେ ନଜର ରଖିଥିଲା । ବିଭିନ୍ନ କାରଣ ପାଇଁ ବାକି ରହିଥିବା ୧୭ଟି ମ୍ୟାଚ୍ ୬ଟି ଭେନ୍ୟୁରେ ଖେଳାଯିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ କ୍ୱାଲିଫାୟର୍ସ ଓ ଫାଇନାଲ ପାଇଁ ଭେନ୍ୟୁ ଘୋଷଣା ହୋଇ ନଥିଲା ।

ଶନିବାର ଆଇପିଏଲର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିବା ବେଳେ ବେଙ୍ଗାଲୁରୁରେ ହେବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଛି । ମ୍ୟାଚ୍ ବାତିଲ ହେବାରୁ କେକେଆର ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଥିଲା ।

ବର୍ଷା ବିପଦ ଆଇପିଏଲ ଉପରେ ରହିଥିବାରୁ ବିସିସିଆଇ ଫାଇନାଲ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି । ତୃତୀୟ ଥର ପାଇଁ ଅହମଦାବାଦ ଆଇପିଏଲ ଫାଇନାଲ ଆୟୋଜନ କରିବାକୁ ଯାଉଛି । ୨୦୨୨ ଓ ୨୦୨୩ ଆଇପିଏଲର ଫାଇନାଲ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳା ଯାଇଥିଲା । ଏବେ ୨୦୨୫ରେ ମଧ୍ୟ ଫାଇନାଲ ଏଠାରେ ଖେଳାଯିବ । ପ୍ରକୃତରେ ୨୦୨୫ ଆଇପିଏଲର ଫାଇନାଲ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବାର ଥିଲା । କିନ୍ତୁ କୋଲାକତାରେ ଜୁନ ମାସ ବେଳକୁ ବର୍ଷାର ଆଶଙ୍କା ରହିଛିଛ ତେଣୁ ବିସିସିଆଇ ଫାଇନାଲ ଭେନ୍ୟୁକୁ ବଦଳାଇ ଦେଇଛି ।

**ଆଇପିଏଲ ମହାସମର**

# ଚେନ୍ନାଇକୁ ୬ ୱିକେଟରେ ହରାଇଲା ରାଜସ୍ଥାନ



ନୂଆଦିଲ୍ଲୀ, ୨୦।୫ (ଏଜେନ୍ସି) : ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୬୨ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗସକୁ ୬ ୱିକେଟରେ ହରାଇ ରାଜସ୍ଥାନ ରୟାଲ୍ସ ବିଜୟ ହାସଲ କରିଛି । ଚେନ୍ନାଇ ସୁପରକିଙ୍ଗସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୮୭ ରନ କରିଥିବାବେଳେ ରାଜସ୍ଥାନ ରୟାଲ୍ସ ୧୭ଟି ବଲ ବାକିଥାଇ ୪ ୱିକେଟ ହରାଇ ୧୮୮ ରନ କରିଥିଲା ।

ମ୍ୟାଚରେ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ଆୟୁଷ ମାହାତ୍ରେ ୪୩ ରନ କରିଥିବାବେଳେ ଡେୱାଲଡ୍ ବ୍ରେଭିସ୍ ୪୨ ରନ କରିଥିଲେ । ସେହିପରି ଶିବମ ଦୁବେ ୩୯ ରନ କରିଥିବାବେଳେ ଅଧିନାୟକ ମହେନ୍ଦ୍ର ସିଂ ଧୋନି ୧୬ ରନ କରିଥିଲେ । ବୋଲିଂରେ ରାଜସ୍ଥାନ ପକ୍ଷରୁ ୟୁଧବୀର ସିଂ ଚରକ ଓ ଆକାଶ ମାଧୱାଲ ୩ଟି ଲେଖାଏଁ ୱିକେଟ ନେଇଥିଲେ । ତୁଷାର ଦେଶପାଣ୍ଡେ ଓ ୱାନିନ୍ଦୁ ହସରଙ୍ଗା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

ସୂଚନାଯୋଗ୍ୟ ଯେ ଚଳିତ ଆଇପିଏଲ ଉଭୟ ରାଜସ୍ଥାନ ଓ ଚେନ୍ନାଇ ପାଇଁ ବେଶ ନୈରାଶ୍ୟଜନକ ରହିଛି । ଉଭୟ ଦଳ ପଏଣ୍ଟ ଟେବୁଲର ତଳେ ଅଛନ୍ତି ଓ ଉଭୟଙ୍କ ପାଇଁ ପ୍ଲେ ଅପସ୍‌କୁ ଯିବାର ସମ୍ଭାବନା ଶେଷ ହୋଇଯାଇଛି ।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ୍ | ଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୧୮ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧୭ |
| ପଞ୍ଜାବ | ୧୨ | ୮ | ୩ | ୧୭ |
| ମୁମ୍ବାଇ | ୧୨ | ୭ | ୫ | ୧୪ |
| ଦିଲ୍ଲୀ | ୧୨ | ୬ | ୫ | ୧୩ |
| କୋଲକାତା | ୧୩ | ୫ | ୬ | ୧୨ |
| ଲକ୍ଷ୍ନୌ | ୧୧ | ୫ | ୬ | ୧୦ |
| ସନ୍‌ରାଇଜର୍ସ | ୧୨ | ୪ | ୭ | ୯ |
| ରାଜସ୍ଥାନ | ୧୪ | ୪ | ୧୦ | ୮ |
| ଚେନ୍ନାଇ | ୧୩ | ୩ | ୧୦ | ୬ |



**ଆଜିର ମ୍ୟାଚ**

ମୁମ୍ବାଇ – ଦିଲ୍ଲୀ
ସମୟ: ରାତି ୭.୩୦
ସ୍ଥାନ: ମୁମ୍ବାଇ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

## ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ଶକ୍ତ ଝଟ୍‌କା

# ଷ୍ଟାର୍ ସ୍ପିନର ଦିଗ୍‌ଭେଶ ରାଠିଙ୍କ ମ୍ୟାଚ୍ ଫି ୫୦% କଟିଲା



ମୁମ୍ବାଇ, ୨୦।୫ (ଏଜେନ୍ସି) : ପ୍ଲେ ଅଫ ରେସ୍‌ରୁ ବାଦ ପଡ଼ିଥିବା ଆଇପିଏଲ ଟିମ୍ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ଶକ୍ତ ଝଟକା ଲାଗିଛି । ବାରମ୍ବାର ଆଇପିଏଲର ଆଚରଣ ବିଧି ଉଲ୍ଲଙ୍ଘନ କରୁଥିବା ଲକ୍ଷ୍ନୌର ଷ୍ଟାର ସ୍ପିନର ଦିଗବେଶ ରାଠିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଚଳିତ ବର୍ଷ ଆଇପିଏଲରେ ଡେବ୍ୟୁ କରି ଲକ୍ଷ୍ନୌ ପାଇଁ ଦମଦାର ପ୍ରଦର୍ଶନ କରୁଥିବା ରାଠିଙ୍କୁ ଗୋଟିଏ ମ୍ୟାଚରୁ ବାସନ୍ଦ କରିଛି ଆଇପିଏଲର ଗଭର୍ଣ୍ଣିଂ କାଉନସିଲ । ସେ ବାରମ୍ବାର ଆଚରଣ ବିଧି ଉଲ୍ଲଙ୍ଘନ କରୁଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଗୋଟିଏ ମ୍ୟାଚରୁ ବାସନ୍ଦ ହେବା ସହ ରାଠିଙ୍କ ମ୍ୟାଚ୍ ଫି' ମଧ୍ୟ ୫୦% କାଟ କରାଯାଇଛି ।

ଏହାପୂର୍ବରୁ ସମାନ ଆଚରଣ ପାଇଁ ରାଠିଙ୍କୁ ଦୁଇ ଥର ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ପକ୍ଷରୁ ଫାଇନ ଲାଗୁ କରାଯାଇଥିଲା । ତାଙ୍କୁ ନିଜ ଆଚରଣରେ ସୁଧାର ଆଣିବାକୁ ପରାମର୍ଶ ଦିଆଯାଇଥିଲା । ହେଲେ ସୋମବାର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ସେ ପୁଣି ନିଜ ଔଦ୍ଧତାମୀ ପ୍ରଦର୍ଶନ କରିଥିଲେ । ହାଇଦ୍ରାବାଦର ଓପନର ଅଭିଷେକ ଶର୍ମାଙ୍କୁ ଆଉଟ କରିବା ପରେ ସେ ବେଶ ଆକ୍ରମଣାତ୍ମକ ଢଙ୍ଗରେ ଏହାକୁ ସେଲିବ୍ରେଟ କରିଥିଲେ । ଏପରି କି ଅଭିଷେକ ଶର୍ମାଙ୍କୁ କିଛି କହିଥିଲେ । ଏହାକୁ ନେଇ ଦୁଇ ଖେଳାଳିଙ୍କ ମଧ୍ୟରେ ବେଶ ଯୁକ୍ତିତର୍କ ହୋଇଥିଲା । ଅନ୍ୟ ଖେଳାଳି ଓ ଅମ୍ପାୟାର ଦୁଇ ଜଣଙ୍କୁ ବୁଝାଇବାରୁ ପରିବେଶ ଶାନ୍ତ ପଡ଼ିଥିଲା । ଏହି ମ୍ୟାଚରେ ଲକ୍ଷ୍ନୌକୁ ହାରିବାକୁ ପଡ଼ିଥିବା ବେଳେ ରାଠିଙ୍କୁ ମଧ୍ୟ ଦଣ୍ଡିତ ହୋଇଛନ୍ତି । ଆଇପିଏଲ ଆଚରଣ ବିଧିକୁ ଚଳିତ ସିଜିନରେ ରାଠି ତୃତୀୟ ଥର ପାଇଁ ଉଲ୍ଲଙ୍ଘନ କରିଛନ୍ତି । ତେଣୁ ତାଙ୍କର ମ୍ୟାଚ୍ ଫି' ୫୦% କଟିଛି ଓ ତାଙ୍କୁ ଗୋଟିଏ ମ୍ୟାଚରୁ ବାସନ୍ଦ କରାଯାଇଛି । ଏହାର ଅର୍ଥ ଗୁଜରାଟ ଟାଇଟନ୍ସ ବିପକ୍ଷ ଲକ୍ଷ୍ନୌର ପରବର୍ତ୍ତୀ ମ୍ୟାଚ୍ରେ ରାଠି ନଜର ଆସିବେ ନାହିଁ ।

**ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ**

ଆଇପିଏଲ ପକ୍ଷରୁ କୁହାଯାଇଛି ଯେ ରାଠିଙ୍କ ଏହା ତୃତୀୟ ଲେଭଲ ୧ ଅପରାଧ । ତେଣୁ ତାଙ୍କ ୨ଟି ଡିମେରିଟ ପଏଣ୍ଟ ମିଳିଛି । ପୂର୍ବରୁ ତାଙ୍କୁ ୩ଟି ଡିମେରିଟ ପଏଣ୍ଟ ମିଳିଥିଲା । ପ୍ରଥମେ ଏପ୍ରିଲ ୧ ତାରିଖ ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚରେ ସେ ଗୋଟିଏ ଡିମେରିଟ ଓ ଏପ୍ରିଲ ୪ ତାରିଖ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ୨ଟି ଡିମେରିଟ ପଏଣ୍ଟ ପାଇଥିଲେ ।

ତେଣୁ ଚଳିତ ସିଜିନରେ ତାଙ୍କ ଡିମେରିଟ ପଏଣ୍ଟ ସଂଖ୍ୟା ୫ରେ ପହଞ୍ଚିଛି । ଏଥିପାଇଁ ସେ ଗୋଟିଏ ମ୍ୟାଚରୁ ବାସନ୍ଦ ହୋଇଛନ୍ତି । ଆସନ୍ତା ୨୨ ତାରିଖରେ ଲକ୍ଷ୍ନୌ ଓ ଗୁଜରାଟ ମଧ୍ୟରେ ଅହମଦାବାଦରେ ଟକ୍କର ହେବ । ଏହି ମ୍ୟାଚ୍ ରାଠି ଖେଳିପାରିବେ ନାହିଁ ବୋଲି ଆଇପିଏଲ ପକ୍ଷରୁ ଜାରି ହୋଇଥିବା ବିବୃତିରେ କୁହାଯାଇଛି । କେବଳ ରାଠି ନୁହନ୍ତି, ତାଙ୍କ ସହ ଯୁକ୍ତିତର୍କ କରିଥିବା ହାଇଦ୍ରାବାଦ ବ୍ୟାଟର ଅଭିଷେକ ଶର୍ମା ମଧ୍ୟ ଦଣ୍ଡିତ ହୋଇଛନ୍ତି । ସେ ଲକ୍ଷ୍ନୌ ବିପକ୍ଷରେ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ମ୍ୟାଚ୍ ଫି' ୨୫% କଟିଛି । ସେହିପରି ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଛି ।


# ୩ ବିଦେଶୀ ଖେଳାଳିଙ୍କୁ ଟିମ୍‌ରେ ସାମିଲ କଲା ମୁମ୍ବାଇ ଇଣ୍ଡିଆନ୍ସ

ମୁମ୍ବାଇ, ୨୦।୫ (ଏଜେନ୍ସି): ଭାରତ-ପାକିସ୍ତାନ ବିବାଦ ଯୋଗୁ ଅଟକି ରହିଥିବା ଆଇପିଏଲ ୨୦୨୫ ପୁଣି ଶନିବାର ଠାରୁ ଆରମ୍ଭ ହୋଇଯାଇଛି । ଆଉ ମାତ୍ର କିଛି ମ୍ୟାଚ୍ ବାକି ଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ନିଜ ସହ ୩ ବିଦେଶୀ ଖେଳାଳିଙ୍କୁ ସାମିଲ କରିଛି । ଏମାନଙ୍କ ମଧ୍ୟରେ ଇଂଲଣ୍ଡର ଷ୍ଟାର ଖେଳାଳି ଜନି ବେୟାରଷ୍ଟୋ ରହିଛନ୍ତି । ତାଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଇଂଲଣ୍ଡର ରିଚାର୍ଡ ଗ୍ଲିସନ ଓ ଶ୍ରୀଲଙ୍କାର ଚରିଥ ଅସଲଙ୍କାଙ୍କ ସହ ମଧ୍ୟ ବଦଳି ଖେଳାଳି ନିୟମ ଅନୁସାରେ ଚୁକ୍ତି କରିଛି ।

ଏହି ୩ ଖେଳାଳିଙ୍କ ସହ ଦଳ ଚୁକ୍ତି କରିଥିଲେ ହେଁ ପ୍ଲେ ଅଫ ପୂର୍ବରୁ ଏମାନେ ମ୍ୟାଚ ଖେଳି ପାରିବେ ନାହିଁ । କାରଣ ଏବେ ଦଳ ସହ ଇଂଲଣ୍ଡର ୱିଲ ଜ୍ୟାକ୍ସ, ରୟାନ ରିକେଲଟନ ଓ କୋରବିନ ବୋଚ ରହିଛନ୍ତି । ଏମାନେ ନିଜ ଦେଶ ପାଇଁ ଖେଳିବାକୁ ଆଇପିଏଲର ଶେଷ ଲିଗ ମ୍ୟାଚ୍ ପରେ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାମ୍ପରୁ ବାହାରି ଯିବେ । ଯଦି ମୁମ୍ବାଇ ପ୍ଲେ ଅଫକୁ ଯୋଗ୍ୟତା ଅର୍ଜନ କରୁଛି, ତା'ହେଲେ ୩ ବିଦେଶୀ ଖେଳାଳି ୱିଲ ଜ୍ୟାକ୍ସ, ରୟାନ ରିକେଲଟନ ଓ କୋରବିନ ବୋଚଙ୍କ ସେବାରୁ ବଞ୍ଚିତ ହେବ । ଏହାକୁ ଦୃଷ୍ଟିରେ ରଖି ମୁମ୍ବାଇ ବେୟାରଷ୍ଟୋ, ଅସଲଙ୍କା ଓ ଗ୍ଲୀସନଙ୍କ ସହ ଚୁକ୍ତି କରିଛି । ଏମାନେ ବଦଳ ଖେଳାଳି ଭାବେ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାମ୍ପରେ ଯୋଗଦେବେ ।

ବୁଧବାର ମୁମ୍ବାଇର ମୁକାବିଲା ଦିଲ୍ଲୀ କ୍ୟାପିଟାଲ୍ସ ସହ ହେବ । ସେହିପରି ସୋମବାର ଦଳ ଶେଷ ଲିଗ ମ୍ୟାଚ ପଞ୍ଜାବ କିଙ୍ଗସ ବିପକ୍ଷରେ ଖେଳିବ । ପଞ୍ଜାବ ପ୍ଲେଅଫକୁ ଯୋଗ୍ୟତା ଅର୍ଜନ କରି ସାରିଛି । ଦିଲ୍ଲୀ ଓ ମୁମ୍ବାଇରୁ ଗୋଟିଏ ଦଳ ଟପ ୪କୁ ଯୋଗ୍ୟତା ଅର୍ଜନ କରିପାରିବ । ତେଣୁ ବୁଧବାର ମ୍ୟାଚ୍ ଉଭୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ୱିଲ ଜ୍ୟାକ୍ସଙ୍କ ବଦଳରେ ମୁମ୍ବାଇ ଜନି ବେୟାରଷ୍ଟୋଙ୍କ ସହ ଚୁକ୍ତି କରିଛି । ସେ ୫.୨୫ କୋଟି ଟଙ୍କାରେ ମୁମ୍ବାଇରେ ସାମିଲ ହୋଇଛନ୍ତି । ଇଂଲଣ୍ଡ ପେଶର ଗ୍ଲୀସନଙ୍କୁ ୧ କୋଟି ଟଙ୍କାରେ ଓ ଅସଲଙ୍କାଙ୍କୁ ୭୫ ଲକ୍ଷ ଟଙ୍କାରେ ମୁମ୍ବାଇ ନିଜ ପାଖକୁ ଆଣିଛି ।

# ଅକ୍ଟୋବରରେ ଭାରତ ଆସିବେ ମେସି



କୋଚି, ୨୦।୫ (ଏଜେନ୍ସି): ମହାନ ଫୁଟବଲ୍ ତାରକା ଲିଓନେଲ୍ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ଫୁଟବଲ୍ ଦଳ ଆସନ୍ତା ଅକ୍ଟୋବର-ନଭେମ୍ବରରେ କେରଳ ଗସ୍ତ କରିବ । ଏଠାରେ ଆର୍ଜେଣ୍ଟିନା ଦଳ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ । ଆର୍ଜେଣ୍ଟିନା ଆସିବା ନେଇ ଆଶଙ୍କା ସୃଷ୍ଟି ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲେ ମଧ୍ୟ କେରଳ କ୍ରୀଡ଼ାମନ୍ତ୍ରୀ ଭି ଅବଦୁରଅହିମାନ ଏହାକୁ ଖଣ୍ଡନ କରିଛନ୍ତି । ଆର୍ଜେଣ୍ଟିନା ଓ ମେସି ପୂର୍ବନିର୍ଦ୍ଧାରିତ ସୂଚୀ ଅନୁସାରେ କେରଳ ଆସିବା ଏକପ୍ରକାର ନିଶ୍ଚିତ ।

ଏଥିରେ ସନ୍ଦେହ ପ୍ରକଟ କରିବାର କେଣସି କାରଣ ନାହିଁ । ପ୍ରସ୍ତାବିତ ମ୍ୟାଚ୍ ଲାଗି ପ୍ରାୟୋଜକ ମିଳି ସାରିଛନ୍ତି । ପ୍ରସ୍ତୁତି ପର୍ବ ଦ୍ରୁତଗତିରେ ଚାଲିଛି ବୋଲି ମଧ୍ୟ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ୨୫ରୁ ଅରବିନ୍ଦ ମେମୋରିଆଲ ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୨୦।୫ (ସବ୍ୟୁ) : ପାରାମାଉଣ୍ଟ ସ୍ପୋର୍ଟିସ୍, ଓଡିଶାର ଏକ ଅଗ୍ରଣୀ କ୍ରୀଡା ଅନୁଷ୍ଠାନ । ପାରାମାଉଣ୍ଟ ସ୍ପୋର୍ଟିସ୍, ଭୁବନେଶ୍ୱରର ଏକ ପ୍ରତିଷ୍ଠିତ କ୍ଲବ ଯାହା ୧୯୭୯ ମସିହାରୁ ବିଜେବି ନଗର ଅଞ୍ଚଳରେ ସ୍ଥାପିତ ହୋଇଅଛି । ଏହି କ୍ଲବରେ ପ୍ରତିଦିନ ୨୦୦ରୁ ୨୫୦ ପିଲା କ୍ରିକେଟ ଖେଳ ଅଭ୍ୟାସ କରନ୍ତି । ଏହି କ୍ଲବରୁ ଅନେକ ଖେଳାଳି ବିଭିନ୍ନ ବୟସ ଶ୍ରେଣୀରେ ରାଜ୍ୟରୁ ପରିନିଧିତ୍ୱ କରି ଆସୁଛନ୍ତି । ୧୯୭୯ ମସିହାରେ ଜନ୍ମଲାଭ କରିଥିବା ଏହି ଅନୁଷ୍ଠାନ, ବିଗତ ୪୬ ବର୍ଷର କ୍ରୀୟାଶୀଳ ଜୀବନକାଳରେ, ଅନେକ ରାଜ୍ୟ ଓ ଜାତୀୟ ସ୍ତରୀୟ ପ୍ରତିଭାବାନ କ୍ରିକେଟିୟରମାନଙ୍କୁ ତିଆରି କରିଛି । ଭୁବନେଶ୍ୱରସ୍ଥ ବିଜେବି ନଗର ଅଞ୍ଚଳରେ ଏକ ପରିତ୍ୟକ୍ତ ପଡିଆକୁ, ଏହାର ସଭ୍ୟମାନଙ୍କ ପ୍ରଚେଷ୍ଟାରେ ଅଜି ଏକ ସୁଦୃଶ୍ୟ ସବୁଜ ଖେଳପଡିଆରେ ପରିଣତ କରାଯାଇ ପାରିଛି । ପ୍ରତ୍ୟହ ସକାଳ ଘ୬.୦୦ରୁ ସନ୍ଧ୍ୟା ଘ୬.୦୦ ପର୍ଯ୍ୟନ୍ତ ଏହି ପଡିଆଟି ଖେଳାଳିମାନଙ୍କ ଦ୍ୱାରା ଚଳଚଞ୍ଚଳ ରହିଥାଏ ।

ଚଳିତ ୨୦୨୪-୨୦୨୫ ବର୍ଷରେ ବିସିସିଆଇ ପରିଚାଳିତ ରାଜ୍ୟ କ୍ରିକେଟ ଦଳପାଇଁ ହୋଇଥିବା ବିଭିନ୍ନ ବର୍ଗର ଚୟନ ପ୍ରକ୍ରିୟାରେ ୧୯ ବର୍ଷରୁ କମ୍ ମହିଳା ବର୍ଗର ଶୁଭଶ୍ରୀ ପରମାଣିକ ଓ ମିତାଲି ଶର୍ମା, ୧୬ ବର୍ଷରୁ କମ୍ ବାଳକ ବର୍ଗରେ ସ୍ୱାଗତ ସୌରଭ ମିଶ୍ର ଓ କ୍ରିଷ୍ଣା ସାମଲ, ୧୯ ବର୍ଷରୁ କମ୍ ଯୁବ ବର୍ଗରେ ସୈୟାଦ୍ ତୁଫୈଜ ଅହମଦ୍, ସୁଦର୍ଶନ ସ୍ୱାଇଁ ବିଶ୍ୱବିଦ୍ୟାଳୟ ବର୍ଗରେ ରୋହିଣ୍ଟନ୍ ଗାଭାସ୍କର ଟ୍ରଫିରେ ପ୍ରମୁଖ ସ୍ଥାନ ପାଇ ଅନୁଷ୍ଠାନର ଗାରିମା ବର୍ଦ୍ଧିତ କରିଛନ୍ତି ।

ପାରାମାଉଣ୍ଟ ସ୍ପୋର୍ଟିସ୍ କ୍ଲବ ତାଙ୍କର ସଦସ୍ୟମାନଙ୍କ ଚେଷ୍ଟାରେ ଏକ ଅତ୍ୟାଧୁନିକ କ୍ରୀଡା ମଇଦାନ ତିଆରି କରିଛି, ଯେଉଁଥିରେ



କ୍ରିକେଟ ଖେଳିବା ପାଇଁ ସମସ୍ତ ସୁବିଧା ଉପଲବ୍ଧ ଅଛି । ପ୍ରତ୍ୟେକ ବୟସ ବିଭାଗ ପାଇଁ ଜଣେ ଜଣେ କୋଚ୍ (୩ଟି)ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି । ଏହି କ୍ଲବରେ ମଧ୍ୟ ଦୃଷ୍ଟିବାଧିତ ଆଉ ଦିବ୍ୟାଙ୍ଗ ଖେଳାଳିମାନଙ୍କୁ ଅଭ୍ୟାସ କରିବାକୁ ସୁଯୋଗ ଦିଆଯାଏ ଆଉ ସେମାନଙ୍କ ଭିତରୁ କିଛି ଖେଳାଳି ରାଜ୍ୟ ଆଉ ଭାରତକୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି ।

ପାରାମାଉଣ୍ଟ ସ୍ପୋର୍ଟିସ୍ ପ୍ରତ୍ୟେକ ବର୍ଷ ଦୁଇଟି ଟୁର୍ଣ୍ଣାମେଣ୍ଟ କରିଆସୁଛି । ଗୋଟିଏ ହେଲା ଅରୋବିନ୍ଦ ମେମୋରିଆଲ୍ ଟୁର୍ଣ୍ଣାମେଣ୍ଟ ଏବଂ ଅନ୍ୟଟି ସିଦ୍ଧାନ୍ତ ମେମୋରିଆଲ୍ । ପୂର୍ବରୁ ଦୁଇଟି ଯାକ ଟୁର୍ଣ୍ଣାମେଣ୍ଟ କରିଆସୁଛି । ସେହି ପରିପେକ୍ଷୀରେ ଏବର୍ଷ ମଧ୍ୟ ୨୫ ମେ'ରୁ ଅରୋବିନ୍ଦ ମେମୋରିଆଲ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅରମ୍ଭ କରାଯାଉଛି ଏବଂ ଏଥର ଏହି ଟୁର୍ଣ୍ଣାମେଣ୍ଟକୁ ସିନିୟର ଖେଳାଳିମାନଙ୍କ ପାଇଁ ଉଦ୍ଦିଷ୍ଟ ଅଛି । ଭୁବନେଶ୍ୱର ଏବଂ କଟକରୁ ୮ଗୋଟି ସିନିୟର ଦଳ ୪୦ ଓଭର ଭିତ୍ତିକ ମ୍ୟାଚ ଖେଳିବେ । ଏହି ମ୍ୟାଚ ଗୁଡିକ ପାରମ୍ପରିକ ଧଳା ପୋଷାକ ଆଉ ନାଲି ବଲରେ ଖେଳାଯିବ ।

ଟୁର୍ଣାମେଣ୍ଟରେ ଚାମ୍ପିଅନ୍ ଦଳକୁ ୫୦ ହଜାର ଟଙ୍କା ଏବଂ ରନରସ୍ ଅପ୍ ଦଳକୁ ୩୦ହଜାର ଟଙ୍କା ପୁରସ୍କାର ଦିଆଯିବ । ଏହାଛଡା ପ୍ରତ୍ୟେକ ମ୍ୟାଚରେ 'ମ୍ୟାନ ଅଫ୍ ଦି ମ୍ୟାଚ, ଟୁର୍ଣ୍ଣାମେଣ୍ଟ ସମାପନରେ 'ବେଷ୍ଟ ବ୍ୟାଟ୍ସମାନ୍', 'ବେଷ୍ଟ ବୋଲର', 'ବେଷ୍ଟ ଫିଲଡର', 'ବେଷ୍ଟ ଉିକେଟକିପର୍ ' ଓ 'ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ' ପୁରସ୍କାର ରାଶି ରଖାଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପାରାମାଉଣ୍ଟ ସ୍ପୋର୍ଟିସ ସଭାପତି ପ୍ରତାପ ଜେନା ପରିଚାଳନା କରିଥିଲେ ଏବଂ ଅନ୍ୟମାନଙ୍କ ମଧ୍ୟରେ ପ୍ରଦ୍ୟୁମ୍ନ ଜେନା (ଉପଦେଷ୍ଟା), ବି. ଦେବୀଦତ୍ତ ବାବୁ, ସୁଧୀର ପରିଡା, ପ୍ରସନ୍ନ ନରେନ୍ଦ୍ର ଉପସ୍ଥିତ ଥିଲେ ।


**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି